ପୂର୍ବରୁ କୁହାଯାଇଛି ଯେ, ରାଜନୀତିରେ କୌଣସି ସ୍ଥାୟୀ ଶତ୍ରୁ କିମ୍ବା ମିତ୍ର ନାହାନ୍ତି। ଏହି ଢଗର ବାସ୍ତବ ରୂପାନ୍ତର ଏବେ ଭାରତର ବିଭିନ୍ନ ସ୍ଥାନ ଓ ପରିସ୍ଥିତିରେ ଦେଖିବାକୁ ମିଳୁଛି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ମହାରାଷ୍ଟ୍ର ମନକୁ ଆସେ। ନିକଟରେ ଠାଣେ ଜିଲାର ଅମ୍ବରନାଥ ପୌର ପରିଷଦ ପାଇଁ ଭାଜପା ତା'ର ଦୀର୍ଘବର୍ଷର ରାଜନୈତିକ ଶତ୍ରୁ କଂଗ୍ରେସ ସହ ହାତ ମିଳାଇଛି। ସେହିପରି ଆକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍ଆଇଏମ୍ (ଦଳର ଚିହ୍ନ 'ଗୁଡ଼ି') ସହ ପଦ୍ମ ଦଳ ମେଣ୍ଟ କରିଛି। ଜାନୁଆରୀ ୮ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ହାତ' ଧରି 'ଗୁଡ଼ି' ଉଡ଼ାଇଲା 'ପଦ୍ମ' ଶୀର୍ଷକରେ ଖବର ପ୍ରକାଶ କରିଥିଲୁ। ଏହା ପ୍ରକାଶ ପାଇବା ପରେ ଅନେକେ ପ୍ରତିକ୍ରିୟାରେ କହିବାକୁ ଲାଗିଲେ ଦଳନୀତି ଆଦର୍ଶ ବିବର୍ଜିତ ହୋଇଗଲାଣି।

ମହାରାଷ୍ଟ୍ର ରାଜନୀତିକୁ ଗଲା କେଇବର୍ଷ ହେବ ଲକ୍ଷ୍ୟ କଲେ ଗୋଟେ ଅଖାଡୁଆ ମେଣ୍ଟର ଧାରା ଚାଲିଲା ଭଳି ମନେହେଉଛି। ଏବେ ଅମ୍ବରନାଥରେ ଏକନାଥ ଶିନ୍ଦେଙ୍କ ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସ୍ଥାନୀୟ ସ୍ତରରେ ଭାଜପା, କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ମିଳିତ ଭାବେ 'ଅମ୍ବରନାଥ ବିକାଶ ଅଘାଡ଼ି'ଗଠନ କରିଛନ୍ତି। ଶିନ୍ଦେଙ୍କ ଗଡ଼ କୁହାଯାଉଥିବା ଅଞ୍ଚଳରେ ଭାଜପା ଏଭଳି ପଦକ୍ଷେପ ନେବା ଶିବସେନାକୁ କ୍ଷୁବ୍ଧ କରିଛି। ଅବଶ୍ୟ ଭାଜପା ରାଜ୍ୟ ନେତୃତ୍ୱ ଏହି ସ୍ଥାନୀୟ ମେଣ୍ଟଠାରୁ ନିଜକୁ ଦୂରେଇ ରଖିଛି। ଅନ୍ୟପକ୍ଷରେ କଂଗ୍ରେସ ଅମରନାଥ ମ୍ୟୁନିସିପାଲ କାଉନ୍‌ସିଲ କମିଟିକୁ ଭାଙ୍ଗି ଦେବା ସହ ସବୁ କର୍ପୋରେଟରଙ୍କୁ ଦଳରୁ ନିଲମ୍ବିତ କରିଛି। ତେଣେ ଆକୋଟ ପୌର ପରିଷଦରେ ଭାଜପା-ଏଆଇଏମ୍ଆଇଏମ୍ ମଧ୍ୟରେ ମେଣ୍ଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଅନୁରୂପ ଭାବେ ଭାଜପା ରାଜ୍ୟ ନେତୃତ୍ୱ ମଧ୍ୟ ଏଠାରେ ତା'ର ଦଳୀୟ କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛି। ଏଆଇଏମ୍ଆଇଏମ୍ ମଧ୍ୟ ତାହାର କର୍ପୋରେଟରଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବ ବୋଲି ଧମକ ଦେଇଛି। ଏପରି କି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଭାଜପା ଓ ଏଆଇଏମ୍ଆଇଏମ୍ ସହ ମେଣ୍ଟକୁ ଭାଙ୍ଗିଦିଆଯିବ ବୋଲି କହିଛନ୍ତି। ଯେଉଁମାନେ ଏହାକୁ ସ୍ଥାନୀୟ ସ୍ତରର ମେଣ୍ଟ ବୋଲି କହୁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍ ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଫଡ଼ନବିସ କହିଛନ୍ତି।

> ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।

ସଦ୍ୟ ଘଟଣା ଦେଖିଲେ ଭାଜପା ସହ ସରକାରରେ ଥିବା ଅନ୍ୟତମ ଅଂଶୀଦାର ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ର ମୁଖ୍ୟ ଅଜିତ ପାୱାର ଏବଂ ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏକାଠି ଗୋଟିଏ ମଞ୍ଚରେ ବସି ପୌର ନିର୍ବାଚନ ପାଇଁ ମିଳିତ ଇସ୍ତାହାର ଜାରି କରିଛନ୍ତି। ଅଛୁଆଁ ଶବ୍ଦ ବ୍ୟବହାର ଗ୍ରହଣଯୋଗ୍ୟ ହୋଇ ନ ଥିଲେ ମଧ୍ୟ ରାଜନୀତିରେ ପରସ୍ପର ଅଛୁଆଁ ରହୁଥିବା ଦଳ ମିଶିବାର ଅର୍ଥ 'କେବଳ ସ୍ୱାର୍ଥ' ବୋଲି କୁହାଯାଇପାରେ। ମହାରାଷ୍ଟ୍ର ପୌର ନିର୍ବାଚନରେ ମେଣ୍ଟର ମାନେ କିଛି ନୁହେଁ, କେବଳ ଟଙ୍କା କଥା କହୁଛି ବୋଲି ସ୍ପଷ୍ଟ ଦେଖାଯାଉଛି। ପୌର ନିର୍ବାଚନରେ ସ୍ଥାନୀୟ ନେତାମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ।

ସବୁ ଦଳ ଏଭଳି ମେଣ୍ଟକୁ ବିରୋଧ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ୍ଷୁଦ୍ର ନେତା ଓ କର୍ମୀ ଏଭଳି ମେଣ୍ଟ କରିବାର ଆସ୍ପର୍ଦ୍ଧା ପାଇଲା କେଉଁଠାରୁ। ସେମାନେ କୁଜି ନେତା ହେଲେ ମଧ୍ୟ ତାଙ୍କର ରାଜନୈତିକ ଚରିତ୍ର ଓ ଇଚ୍ଛାକୁ ଏଡ଼ାଇ ଦେଇହେବ ନାହିଁ। ଏହି କର୍ମୀ ଏବଂ ନେତା ସର୍ବୋଚ୍ଚ ସ୍ତରର ନେତାମାନଙ୍କ ଚରିତ୍ରକୁ ଅତି ଭଲଭାବେ ବିଶ୍ଳେଷଣ କରି ନିଜର ଭବିଷ୍ୟତକୁ ଗଢ଼ୁଛନ୍ତି। ସେମାନେ ଉଚ୍ଚ ନେତାଙ୍କର କୋଳାକୋଳି ମନୋଭାବକୁ ବୁଝିପାରୁଛନ୍ତି। ବିରୋଧୀଙ୍କ ଦଳବଦଳକୁ ସମର୍ଥନ କରୁଥିବା ସର୍ବୋଚ୍ଚ ନେତାମାନେ କେଉଁଭଳି ଅପରାଧୀ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ଆଦରି ନେଉଛନ୍ତି, ତାହା ମଧ୍ୟ ଦେଖି ଶିଖୁଛନ୍ତି। ତେଣୁ କଥାଠାରୁ ଅଧିକ କାର୍ଯ୍ୟକୁ ଅନୁସରଣ କରୁଥିବା ରାଜନୈତିକ କର୍ମୀ ଉପରେ ଦୋଷ ଲଦିଦେବା ଅନୁଚିତ। ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | | 3 | | | 2 | | | 6 |
| 2 | 8 | | 5 | | | 7 | | |
| 3 | | | | 4 | 1 | | 6 | |
| | | 2 | | | 7 | | | 5 |
| | | | | | | 8 | 7 | |
| | | | | | | 4 | | |
| | 2 | | | | | | | |
| | | 1 | 9 | 8 | 6 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 6 | 3 | 1 | 2 | 9 | 5 |
| 1 | 2 | 9 | 8 | 4 | 5 | 6 | 7 | 3 |
| 3 | 5 | 6 | 9 | 7 | 2 | 8 | 4 | 1 |
| 2 | 6 | 1 | 5 | 9 | 7 | 3 | 8 | 4 |
| 4 | 8 | 7 | 3 | 2 | 6 | 5 | 1 | 9 |
| 9 | 3 | 5 | 4 | 1 | 8 | 7 | 6 | 2 |
| 7 | 1 | 3 | 2 | 6 | 9 | 4 | 5 | 8 |
| 5 | 9 | 2 | 7 | 8 | 4 | 1 | 3 | 6 |
| 6 | 4 | 8 | 1 | 5 | 3 | 9 | 2 | 7 |

ଗତକାଲିର ଉତ୍ତର

# ବିଶ୍ୱଶାନ୍ତିରେ ପ୍ରଶ୍ନବାଚୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଏକ ସ୍ୱାଧୀନ ତଥା ସାର୍ବଭୌମ ଦେଶ ଭେନେଜୁଏଲା ଉପରେ ଆମେରିକାର ରାତିଅଧିଆ ସାମରିକ ଆକ୍ରମଣ ଓ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଅନ୍ୟ ଏକ ଦେଶକୁ ନେଇ ସେଠାରେ ମିଥ୍ୟା ଅଭିଯୋଗ ଆଧାରରେ ବିଚାରର ନାଟକ ରଚିବା ସାରା ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଆର୍ଜେଣ୍ଟିନା ଓ ୟୁକ୍ରେନ୍ ପରି ଆମେରିକାର ବୋଲକରା ଗୋଟିଏ ଦୁଇଟି ଦେଶକୁ ଛାଡ଼ିଦେଲେ, ବିଶ୍ୱର ଅନ୍ୟ କୌଣସି ଦେଶ ଆମେରିକାର ଏଭଳି ଆତଙ୍କବାଦୀ କୃତ୍ୟକୁ ଖୋଲା ସମର୍ଥନ କରି ନାହାନ୍ତି। ବରଂ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଇରାନ, ଉତ୍ତର କୋରିଆ ପରି ଦେଶଗୁଡ଼ିକ ଏହାର ନିନ୍ଦା କରିବା ସହ ପରିଣାମ ବିଶ୍ୱବ୍ୟାପୀ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତା'ର ଘନିଷ୍ଠ ସହଯୋଗୀ ରହି ଆସିଥିବା ଅନେକ ୟୁରୋପୀୟ ଦେଶ ନିନ୍ଦା କରିଛନ୍ତି।

ନିକୋଲାସ୍ ମାଦୁରୋଙ୍କ ବିରୋଧରେ ଆମେରିକା ନିଶାଦ୍ରବ୍ୟର ଚୋରାଚାଲାଣ ଓ ବେଆଇନ ଅର୍ଥ କାରବାରରେ ଲିପ୍ତ ଥିବାର ଅଭିଯୋଗ କରିଛି। ପ୍ରଶ୍ନ ଉଠୁଛି, ଯଦି କୌଣସି ଦେଶର ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ଗୁରୁତର ଅପରାଧର ଅଭିଯୋଗ ରହିଥିଲା, ତାହେଲେ ଆମେରିକା ତାଙ୍କ ବିରୋଧରେ ମିଳିତ ଜାତିସଂଘ କିମ୍ବା ଆନ୍ତର୍ଜାତିକ ଅଦାଲତର ଦ୍ୱାରସ୍ଥ ହୋଇପାରିଥାନ୍ତା। ଅଥବା ବିଶ୍ୱବାସୀଙ୍କ ସମ୍ମୁଖରେ ଏନେଇ ଠୋସ୍ ତଥ୍ୟ ଓ ପ୍ରମାଣ ରଖିପାରିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ କୋର୍ଟର ରାୟ ବିନା ତଥା ଜାତିସଂଘର ଅନୁମତି ନନେଇ ଗୋଟିଏ ସ୍ୱାଧୀନ ଦେଶର ରାଷ୍ଟ୍ରପତିଙ୍କୁ ପ୍ରତାଡ଼ିତ କରିବା ଆଦୌ ଆଇନସମ୍ମତ ତ ନୁହେଁ । ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଅପ୍ରତ୍ୟାଶିତ ନଥିଲା। ଗତ କିଛି ମାସ ଧରି ଆମେରିକା ଭେନେଜୁଏଲା ନିକଟସ୍ଥ କାରିବିୟାନ ସମୁଦ୍ର ଅଞ୍ଚଳରେ ନିଜର ସାମରିକ ଶକ୍ତିକୁ ଠୁଳ କରି ତା'କୁ ଏକରକମ ବନ୍ଦୀ କରି ରଖିଆସିଛି। ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ଯେ ଭେନେଜୁଏଲାରେ ବଳପୂର୍ବକ ଶାସନ ପରିବର୍ତ୍ତନ କରି ସେ ଦେଶର ବିପୁଳ ତୈଳ ଭଣ୍ଡାର ଓ ପ୍ରାକୃତିକ ସମ୍ପଦକୁ ଆମେରିକୀୟ କମ୍ପାନୀଙ୍କୁ ଟେକିଦେବା, ତାହା ଆଉ ଲୁଚି ରହିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କରିବା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ବର୍ତ୍ତମାନ ପାଇଁ ସେହି ଦେଶକୁ ଆମେରିକା ଚଳେଇବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ଦିନରେ କ୍ୟୁବା, କଲମ୍ବିଆ ସମେତ ଦକ୍ଷିଣ ଆମେରିକାର ଆହୁରି ୫ଟି ଦେଶ ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ଆମେରିକାର ଏହି ଆଭିମୁଖ୍ୟ ବିଶ୍ୱର ବିଭିନ୍ନ ଦେଶ ବିଶେଷ କରି ଦକ୍ଷିଣ ଆମେରିକାର ଦେଶଗୁଡ଼ିକୁ ଭୟଭୀତ କରିବା ସ୍ୱାଭାବିକ।

ଆମେରିକାର ବିଶାଳ ସୈନ୍ୟ କ୍ଷମତା ଓ ଆର୍ଥିକ ଶକ୍ତି ଆଗରେ ଦକ୍ଷିଣ ଆମେରିକାର ଦେଶଗୁଡ଼ିକ ଠିଆ ହେବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ ଭାବୁଛନ୍ତି। ଯେହେତୁ



ରୁଷିଆ ଓ ଚାଇନା ପରି ମହାଶକ୍ତିଙ୍କ ସେହି ଅଞ୍ଚଳରେ ସାମରିକ ଉପସ୍ଥିତି ନାହିଁ ତେଣୁ ଆକ୍ରମଣ ପରିସ୍ଥିତିରେ ଉପରୋକ୍ତ ଦେଶଗୁଡ଼ିକ ଏକରକମ ଆତ୍ମସମର୍ପଣ କରିବାକୁ ବାଧ୍ୟହେବେ ବୋଲି ଧରି ନେଇଛନ୍ତି। କିନ୍ତୁ ସମଗ୍ର ଦକ୍ଷିଣ ଆମେରିକାକୁ ଦଖଲ କରିବା ଟ୍ରମ୍ପଙ୍କ ପାଇଁ ସହଜ ନୁହେଁ। ଭେନେଜୁଏଲାକୁ ସମୁଦ୍ରରୁ ଘେରି ରଖିଥିଲେ ମଧ୍ୟ ଏଯାଏ ସେଠାରେ ଆମେରିକା ତା'ର ସେନାକୁ ମୁତୟନ କରିବାରେ ସକ୍ଷମ ହୋଇନି। ସରକାରୀ ସହଯୋଗରେ ସେଠାରେ ପ୍ରସ୍ତୁତ ରହିଥିବା ଲକ୍ଷ ଲକ୍ଷ ସଶସ୍ତ୍ର ମିଲିସିଆଙ୍କୁ ସାମ୍ନା କରିବା ଆମେରିକାର ସେନା ପାଇଁ କଷ୍ଟକର। ଇତିମଧ୍ୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ କଲମ୍ବିଆର ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ପ୍ରତିକ୍ରିୟା ଦେଇ ଆମେରିକାର ଯେକୌଣସି ଆକ୍ରମଣକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଚାଲେଞ୍ଜ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସେ ପୂର୍ବରୁ ସେଠାକାର ଏକ ବଡ଼ ସଶସ୍ତ୍ର ସଂଗଠନର ନେତୃତ୍ୱ ନେଇ ସେଠାକାର ସରକାର ସହ ଅନେକ ଦଶକ ଧରି ଗେରିଲା ଲଢ଼େଇରେ ବ୍ୟସ୍ତ ଥିଲେ। ପରେ ଏକ ଶାନ୍ତି ରାଜିନାମା ପରେ ସେ ଓ ତାଙ୍କର ହଜାର ହଜାର କ୍ୟାଡ଼ର ଅସ୍ତ୍ର ତ୍ୟାଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇଥିଲେ ଏବଂ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଧିବଦ୍ଧ ଭାବେ କଲମ୍ବିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକାର ବିରୋଧୀ ଭାବେ କଲମ୍ବିଆ, ବ୍ରାଜିଲ ଓ ମେକ୍ସିକୋ ପ୍ରମୁଖ ରହିଛନ୍ତି। । ସେମାନଙ୍କ ପଛରେ ରୁଷିଆ ଓ ଚାଇନାର ପ୍ରତ୍ୟକ୍ଷ ସହଯୋଗ ରହିଛି। ତେଣୁ ସେସବୁ ଦେଶ ଉପରେ ଆକ୍ରମଣ ଆମେରିକାକୁ ମହଙ୍ଗା ପଡ଼ିବା ସ୍ୱାଭାବିକ।

ଆମେରିକାର ଭେନେଜୁଏଲା ଆକ୍ରମଣ ବିଶ୍ୱରେ ଭୟଙ୍କର ପରମ୍ପରା ସୃଷ୍ଟି କରିବାକୁ ଯାଉଛି। ଏକ ଶୃଙ୍ଖଳିତ ବିଶ୍ୱ ବଦଳରେ ଜଙ୍ଗଲରାଜ ଅର୍ଥାତ୍ "ଜୋର୍ ଯା'ର, ମୁଲକ ତା'ର" ନୀତି ହିଁ ବିଶ୍ୱର ନିୟମ ହେବା ଜଣାପଡୁଛି। ଦୁଇ ଦୁଇଟି ବିଶ୍ୱ ଯୁଦ୍ଧରୁ ଶିକ୍ଷାଲାଭ କରି ଆମେରିକା ସମେତ ବିଶ୍ୱର ସମସ୍ତ ଦେଶ ଏକ ବୈଶ୍ୱିକ ଶୃଙ୍ଖଳା ଓ ସ୍ଥାୟୀ ଶାନ୍ତି ପାଇଁ ଯେଉଁ ମିଳିତ ଜାତିସଂଘ ଗଠନ କରିଥିଲେ, ତାହା ପ୍ରାୟତଃ ଆଜି ଏକରକମ ଅପ୍ରାସଙ୍ଗିକ ଓ ପଙ୍ଗୁ ହୋଇଯାଇଛି। ଜାତିସଂଘର ମହାସଚିବ କେବଳ ମଝି ମଝିରେ ବିବୃତି ପ୍ରକାଶ କରି ଶାନ୍ତିରକ୍ଷା ପାଇଁ ଦେଶଗୁଡ଼ିକୁ ନିବେଦନ କରିବାରେ ନିଜକୁ ସୀମିତ ରଖିଛନ୍ତି।

ଭେନେଜୁଏଲା ଘଟଣାରେ ଭାରତ ସରକାରଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ବଳ ଓ ଅସହାୟପୂର୍ଣ୍ଣ ମନେହୁଏ। ଭାରତ ସର୍ବଦା ବିଶ୍ୱରେ ଶାନ୍ତି ଓ ସହାବସ୍ଥାନର କଥା କହି ଆସିଛି। ଅନ୍ୟ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆମ ବୈଦେଶିକ ନୀତିର ଅଭିନ୍ନ ଅଙ୍ଗ ହୋଇ ଆସିଛି। କିନ୍ତୁ ତାହା ସତ୍ତ୍ୱେ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀଙ୍କ ଅପହରଣକୁ ଭାରତ ନିନ୍ଦା କରିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଏହା ନିଜର ଦୁର୍ବଳ ହୋଇଯାଇଥିବା ଆଧିପତ୍ୟ ପୁନଃ ପ୍ରତିଷ୍ଠା କରି ଅର୍ଥନୈତିକ ସଙ୍କଟ ଦୂର କରିବାକୁ ଆମେରିକୀୟ ସାମ୍ରାଜ୍ୟବାଦର ଏକ ସୁନିୟୋଜିତ କୌଶଳ । ଟ୍ରମ୍ପ କ୍ଷମତାକୁ ଆସିବା ପରେ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଭିନ୍ନ ଦେଶର ବଜାରକୁ ସମ୍ପୂର୍ଣ୍ଣ ଭାବେ ଖୋଲିଦେବାକୁ ଚାପ ପକାଇବାକୁ ଶୁଳ୍କ ଯୁଦ୍ଧକୁ ଆରମ୍ଭ କରିଛନ୍ତି। ଭାରତର ବଜାର ବିଶେଷ କରି ଆମର କୃଷି ଓ ଦୁଗ୍ଧ ଉତ୍ପାଦର ବଜାରକୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଖୋଲିଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିବାକୁ ବର୍ତ୍ତମାନ ୫୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଶସ୍ତା ତେଲ ନ ଆଣିବା ପାଇଁ ଲଗାତର ଚାପ ପ୍ରୟୋଗ କରି ଆସିଛନ୍ତି। ନିକଟରେ ଭେନେଜୁଏଲା ଆକ୍ରମଣ ପରେ ପୁଣିଥରେ ଟ୍ରମ୍ପ୍ ଭାରତକୁ ରୁଷିଆରୁ ତେଲ ଆମଦାନୀ ନ କରିବାକୁ ଚେତାବନୀ ଦେଇଛନ୍ତି। ଯଦି ତେଲ ଆମଦାନୀ ଅବ୍ୟାହତ ରହେ ତାହେଲେ ଖୁବ୍ ଶୀଘ୍ର ଭାରତ ବିରୋଧରେ ବାଣିଜ୍ୟ ଶୁଳ୍କକୁ ବର୍ତ୍ତମାନର ୫୦୦% କରି ଦିଆଯିବ ବୋଲି ଧମକ ଦେଇଛନ୍ତି। ଏଭଳି ସାମ୍ରାଜ୍ୟବାଦୀ ଧମକ ଓ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଭାରତ ସରକାର ନିଜ ସ୍ୱାର୍ଥରେ ଦୃଢ଼ତାର ସହିତ ନୀତି ଗ୍ରହଣ କରିବା ଦରକାର।

ଭାରତ ଐତିହାସିକ ଭାବେ ଗୋଷ୍ଠୀ ନିରପେକ୍ଷ, ଆନ୍ତର୍ଜାତିକ ଆଇନ ଓ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱର ପକ୍ଷରେ ମତ ପ୍ରକାଶ କରିଆସିଛି। ଯଦି ଆଜି ଭାରତ ସତରେ ଏକ ଦାୟିତ୍ୱଶୀଳ ବିଶ୍ୱ ଶକ୍ତି ହେବାକୁ ଚାହେଁ, ତାହେଲେ କିଛି କଥାରେ ସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ। ପ୍ରଥମତଃ, କୌଣସି ଦେଶର ରାଷ୍ଟ୍ରପତିଙ୍କୁ ବଳପୂର୍ବକ ଗିରଫ କରିବା ଆନ୍ତର୍ଜାତିକ ଆଇନ ବିରୋଧୀ, ଏହି କଥାକୁ କହିବାର ସାହସ ଦେଖାଇବାକୁ ପଡ଼ିବ। ଦ୍ୱିତୀୟତଃ, ଶାନ୍ତିର ଆହ୍ୱାନ କେବଳ କୂଟନୈତିକ ବିବୃତିରେ ସୀମିତ ରହିଲେ ଚଳିବ ନାହିଁ। ଅନ୍ୟାୟ ବିରୋଧରେ ନୈତିକ ଅବସ୍ଥାନ ନେବା ହିଁ ପ୍ରକୃତ ଶାନ୍ତିର ପଥ। ତୃତୀୟତଃ, ଆଜି ଭେନେଜୁଏଲା ଏବଂ ଆସନ୍ତାକାଲି ଅନ୍ୟ କୌଣସି ବିକାଶଶୀଳ ଦେଶ ଆମେରିକାର ସାମ୍ରାଜ୍ୟବାଦୀ ଯୁଦ୍ଧର ଶିକାର ହେବା ପରୋକ୍ଷରେ ଭାରତର ନିଜ ସୁରକ୍ଷା ପାଇଁ ମଧ୍ୟ ବିପଜ୍ଜନକ ହେବ।

ଭେନେଜୁଏଲାର ଘଟଣା କେବଳ ଗୋଟିଏ ଦେଶର ସଙ୍କଟ ନୁହେଁ, ଏହା ସାରା ବିଶ୍ୱର ଶାନ୍ତି ଓ ସ୍ଥିରତା ପାଇଁ ଏକ ବଡ଼ ପ୍ରଶ୍ନ । ଯଦି ବିଶ୍ୱରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୀତି ବଦଳରେ ଶକ୍ତି ହିଁ ସବୁଠାରୁ ଶେଷ କଥା ହେବ, ତାହେଲେ ଆଇନ, ନୈତିକତା ଓ ସାର୍ବଭୌମତ୍ୱର କ'ଣ ମୂଲ୍ୟ ରହିବ?

ମୋ: ୯୪୩୭୧୬୬୩୯୧

# ସେ ଯେବେ କ୍ଷମା ଆଚରଇ



ହରେକୃଷ୍ଣ ଦାସ

ବାପା ଚାଲିଯିବା ପରେ ଏବେ ଅନୁଭବ କରିପାରୁଛି ଯେ ଅନେକ କଷ୍ଟ ଯନ୍ତ୍ରଣାକୁ ସହି ସେ ଆମଙ୍କୁ କ୍ଷମା କରିଚାଲିଥିଲେ। ଅନେକ ଥର କ୍ଷମା କରିବାର ଆବଶ୍ୟକତା ବିଷୟରେ ସେ ଆମକୁ ବୁଝେଇଥିଲେ ବି ନିଜର ଅହଂକାର ଯୋଗୁ ତାଙ୍କ କଥାପ୍ରତି ଆମେ କର୍ଣ୍ଣପାତ କରୁ ନ ଥିଲୁ। କିନ୍ତୁ ଏବେ ବୁଝିହେଉଛି ମାନସିକ ଶାନ୍ତି ପାଇଁ ଅନ୍ୟମାନଙ୍କ ଅନେକ ଦୋଷ କ୍ଷମା କରିଦେବା ଆବଶ୍ୟକ। ନିଜର ସଙ୍କୀର୍ଣ୍ଣ ବୁଦ୍ଧି ବିଚାର ଯୋଗୁ ଆମେ ବାରମ୍ବାର ଅକ୍ଷମଣୀୟ ଅପରାଧ କରୁଥିଲୁ। କିନ୍ତୁ କିଛି ବି ନ ଘଟିଥିବା ପରି ନିର୍ବିକାର ଭାବଟିଏ ମୁହଁରେ ଆଙ୍କି ବାପା ଆମକୁ ନୀରବରେ କ୍ଷମା କରିଦିଅନ୍ତି। ଆମ ଅନୁଚିତ ଆଚରଣରେ କେବେ କେବେ କ୍ଷୁବ୍ଧ ହେଉଥିଲେ ବି ସେ କ୍ଷୋଭ ପ୍ରକାଶ କରିବାରେ ଖୁବ ସତର୍କ ଥିଲେ। ବାପା କୁହନ୍ତି , ଅନ୍ୟକୁ କ୍ଷମା କରିପାରିଲେ ତଥା କ୍ଷମା ମାଗିପାରିଲେ ପାରିବାରିକ ଓ ସାମାଜିକ ସମ୍ପର୍କ ମଜଭୁତ ରହିବ। "ଦଣ୍ଡିବା ଶକ୍ତି ଯାର ଥାଇ, ସେ ଯେବେ କ୍ଷମା ଆଚରଇ,ସାଧୁଙ୍କ ଶ୍ରେଷ୍ଠ ସେହୁ ନର, ସୁଖଦୁଃଖରୁ ସେ ବାହାର।" ତମେ ସାଧୁସନ୍ଥଙ୍କ ପରି ସୁଖ ଦୁଃଖର ଭାବନାରୁ ଊର୍ଦ୍ଧ୍ୱକୁ ନ ଯାଇପାର, କିନ୍ତୁ ଶାନ୍ତି ପାଇପାରିବ। ହେଲେ, ଗୁଡାଏ ଅହଂକାର, ରାଗ, ବୃଥା ଅଭିମାନ, ଜିଦ୍, ଈର୍ଷା ଇତ୍ୟାଦି ମନରେ ପାଳି ଅନ୍ୟ ଉପରେ ଆମ ସ୍ୱେଚ୍ଛାଚାର ଆଧାରରେ ଏମିତି ସମ୍ପର୍କ ରଖି ଜୀବନ ବିତେଇଦେଲୁ ଯେ ନଷ୍ଟ କରିଦେଇଥିବା ଅନେକ ସମ୍ପର୍କକୁ ନେଇ ଏବେ ଖାଲି ଗୁଡାଏ ଅନୁତାପ କରୁଛୁ ସିନା କିନ୍ତୁ ତା'ର କିଛି ମୂଲ୍ୟ ନାହିଁ। ଏବେ ବୁଝୁଛି ଯେ ଅନୁତାପ କଲାଭଳି ସ୍ଥିତି ଆସିବା ପୂର୍ବରୁ ନିଜ ଆଚରଣ, କଥାବାର୍ତ୍ତା ସଜାଡ଼ିନେବା ଉଚିତ ଥିଲା।

ଦୁଃଖ ଓ ଅନୁଶୋଚନାରେ ଭାରାକ୍ରାନ୍ତ ଦିଶୁଥିବା ବନ୍ଧୁଙ୍କୁ ଟିକିଏ ସହଜ କରିବା ପାଇଁ କହିଲି, ହଁ, କ୍ଷମା କରିବା ଦିବ୍ୟ ଗୁଣ ନିଶ୍ଚୟ, ହେଲେ ପ୍ରତ୍ୟେକ ଭୁଲ୍‌କୁ କ୍ଷମା ନ କରି ବେଳେବେଳେ ଦଣ୍ଡ ଦେବା ଆବଶ୍ୟକ ହୋଇଥାଏ। ଯୁଦ୍ଧରେ କ୍ଷମା ନ କରିବା ପାଇଁ ଅର୍ଜୁନଙ୍କୁ ଉପଦେଶ ଦେଇଥିବା ଶ୍ରୀକୃଷ୍ଣ ଶିଶୁପାଳର ଶହେ ଅପରାଧ କ୍ଷମା କରିଥିଲେ। ଅର୍ଥାତ, ଶ୍ରୀକୃଷ୍ଣ ଅନେକ ଭର୍ତ୍ସନା, ଅପମାନ ସହ୍ୟ କରି ମଧ୍ୟ ଶିଶୁପାଳକୁ ସୁଧୁରିଯିବାର ଅବସର ପ୍ରଦାନ କରିଚାଲିଥିଲେ। ନିଜ ଆଚରଣ ପାଇଁ ପଶ୍ଚାତ୍ତାପ କରି ଭୁଲ୍ ଦୋହରାଇ ନ ଥିଲେ ଶିଶୁପାଳ କ୍ଷମା ପାଇପାରିଥା'ନ୍ତା। ନିଜ ଭୁଲ୍ ପାଇଁ ଜଣେ ଅନୁତାପ କରୁ ନ ଥିଲେ ତାକୁ କ୍ଷମା କରିବା ନ କରିବା ଅନେକ ସମୟରେ ଆମ ସଙ୍କୀର୍ଣ୍ଣ ବିଚାର ଉପରେ ନିର୍ଭର କରେ। କୋଉ ପ୍ରକାର ଆଚରଣ ଆମକୁ କଷ୍ଟ ଦେଉଛି – ତା' ଅପେକ୍ଷା ଏ କଥାକୁ ଆମେ ବେଶି ଗୁରୁତ୍ୱ ଦେଉ ଯେ ଆମକୁ କଷ୍ଟ ଦେଇଥିବା ଲୋକ ସହିତ ଆମର କି ପ୍ରକାର ସ୍ୱାର୍ଥ, ସମ୍ପର୍କ ଜଡ଼ିତ ଅଛି। ଯାହା ଜରିଆରେ ଆମର କୌଣସି ପ୍ରକାର ସ୍ୱାର୍ଥ ସାଧନ ହେବାର ଆଶା ଥାଏ ଆମେ ତା' ଠାରୁ ଯେତେ କଷ୍ଟ ଅପମାନ ପାଉଥିଲେ ବି ତା'ର ସବୁ ଭୁଲ୍‌କୁ ଅଣଦେଖା କରି ତାକୁ ଅଯାଚିତ କ୍ଷମା ପ୍ରଦାନ କରୁ।



ଆଉ ଯାହାଠାରୁ କିଛି ପାଇବାର ଆଶା ନ ଥାଏ ବା ଆବଶ୍ୟକତା ନ ଥାଏ , ତା'ର ସାମାନ୍ୟତମ ଭୁଲ୍‌କୁ ମଧ୍ୟ ସହ୍ୟ ନ କରି ତାକୁ ଆମର ଶତ୍ରୁ ବିଚାର କରୁ।

ତାଙ୍କ କଥାସହ ତାଳ ମିଳେଇ କହିଲି, "ସବୁଠୁ ବଡ଼ ବିଡ଼ମ୍ବନା କ'ଣ ଜାଣିଛ? ଆମର ଯାବତୀୟ ଅକ୍ଷମଣୀୟ ଅପରାଧସବୁକୁ ଆମ ମା'ବାପା ନିର୍ବିକାର ଚିତ୍ତରେ କ୍ଷମା କରିଆସିଥିଲେ ମଧ୍ୟ ସେଇ ମା'ବାପା ଆମ ଆଖିରେ ଏ ଦୁନିଆର ସବୁଠୁ ବଡ଼ ଅପରାଧୀ ପାଲଟି ଯାଆନ୍ତି। ବଡ଼ ହେଲା ପରେ ଆମେ ଏ ହିସାବରେ ଲାଗିଯାଉ ଯେ ସେମାନେ ଆମପାଇଁ କ'ଣ କରିବା ଉଚିତ ଥିଲା। ସେମାନଙ୍କ ତ୍ୟାଗ କଥା ଭୁଲିଯାଇ ସେମାନେ କରିଥିବା ପ୍ରତିଟି କାମ ଓ କହିଥିବା କଥାରେ ଭୁଲ୍ ବାହାର କରି ଆମେ ପ୍ରମାଣ କରିବାକୁ ଚେଷ୍ଟା କରୁ ଯେ ତାଙ୍କର କାର୍ଯ୍ୟକଳାପ ଯୋଗୁ ଆମ ଜୀବନ ନଷ୍ଟ ହୋଇଗଲା ଏବଂ ଆମେ ଯେତିକି ଉନ୍ନତି କରିବା କଥା ସେତିକି ହୋଇପାରିଲାନି। ତେଣୁ ତାଙ୍କୁ ଦୁର୍ବ୍ୟବହାର ଦେଖେଇ, ଆମ୍ଭାକୁ ବାଧିଲାଭଳି କଥା କହି ହତାଦର କରି ଆମେ ପାପରେ ଭାଗୀଦାର ହୋଇଚାଲୁ। ଆମ ଚରିତ୍ରର ବିଚିତ୍ର ବିଡ଼ମ୍ବନା ଯେ, ମା'ବାପାଙ୍କୁ କ୍ଷମାର ଯୋଗ୍ୟ ବୋଲି ବିଚାର କରୁନା।"

ମୋର କଥା ଶେଷ ହେଲା ବେଳକୁ ବନ୍ଧୁ ବେଶି ଉଦାସ ଦିଶୁଥିଲେ। ଦୀର୍ଘଶ୍ୱାସଟିଏ ଛାଡି କହିଲେ, ଅନ୍ୟକୁ ଶାସ୍ତି ଦେଇପାରିବାର କ୍ଷମତା ଥିବାର ଅହଂକାରରେ ଆମେ ଏମିତି ଆଚରଣ ଦେଖେଇଥାଉ ଯେ ତା' ଦ୍ୱାରା ଅନେକ ସମ୍ପର୍କ ନଷ୍ଟ ହୋଇଯାଏ। ପରବର୍ତ୍ତୀ ସମୟରେ ଯେତେ ପଶ୍ଚାତ୍ତାପ କଲେ ମଧ୍ୟ ସେ ନଷ୍ଟ ସମ୍ପର୍କ ଆଉ ସଜାଡ଼ି ହୁଏନି। କ୍ଷମତା ଥିବାବେଳେ ଦଣ୍ଡ ଦେବାର ଶକ୍ତି ଅଛି ବୋଲି ଭାବି ଯେଉଁମାନଙ୍କର କୌଣସି ବି ଭୁଲ୍ କ୍ଷମା ନ କରି ସେମାନଙ୍କୁ ଶାସ୍ତି ଦେଇପାରୁଛି ବୋଲି ଗର୍ବ ଅନୁଭବ କରୁଥିଲି, ଆଜି ମୋର କ୍ଷମତା ଯିବା ପରେ ସେଇମାନେ ମତେ ଅପମାନିତ କରି ଆଜି ଶାସ୍ତି ଦେଉଛନ୍ତି। ମୁଁ ଡାଇରେକ୍ଟର ଥିଲାବେଳେ ମୋ ପାଖରେ କାମ କରୁଥିବା କେତେକଙ୍କୁ ମୁଁ କେତେବେଳେ ହୁଏତ ଖରାପ ବ୍ୟବହାର କରିଥାଇପାରେ, କିନ୍ତୁ କିଛି ପିଲା ସେଇ କଥାକୁ ଏମିତି ଧରି ରଖିଛନ୍ତି ଯେ ଆଜି ମତେ ସାମ୍ନାସାମ୍ନି ଦେଖି ବି ନ ଚିହ୍ନିଲା ପରି ଆସି ମୋ ପାଖରେ ଠିଆହୋଇ ସିଗାରେଟ ପିଇ ଗୁଳିଖଟି କରି ଚାଲିଗଲେ। ସେମାନଙ୍କ ବ୍ୟବହାର ଖୁବ୍ ଖରାପ ଲାଗିଲା, କିନ୍ତୁ ମନେମନେ ମୁଁ ମୋର ଅତୀତର ଦୁର୍ବ୍ୟବହାର ପାଇଁ ତାଙ୍କଠାରୁ କ୍ଷମା ମାଗିନେଲି। ଏବେ ବୁଝୁଛି ଯେ ପଦବୀ ଓ କ୍ଷମତାକୁ ନେଇ ଅହଂକାର ରଖି ନ ଥିଲେ ଆଜି ଏମିତି ପଶ୍ଚାତ୍ତାପ କରିବାକୁ ପଡ଼ି ନ ଥାନ୍ତା।

ସାନ୍ତ୍ୱନା ଦେଲାଭଳି କହିଲି, ବୁଝିଲ ବନ୍ଧୁ, ସୁଖଦୁଃଖର ଭାବନାରୁ ଊର୍ଦ୍ଧ୍ୱରେ ରହିବା ଦୂର କଥା, ଆମେ କେବଳ ଉଦାର ହୃଦୟର ହୋଇପାରିଲେ ଅନେକ ଭୁଲ୍‌କୁ ସହଜତାର ସହ ଗ୍ରହଣ କରି ସେସବୁକୁ କ୍ଷମା କରିପାରିବା ଏବଂ ନିଜର ପ୍ରତ୍ୟେକ ଭୁଲ୍ ପାଇଁ ନିଃସଙ୍କୋଚରେ କ୍ଷମା ମାଗିପାରିବା।

ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି
କଟକ, ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ଭାରତରେ ଶିଶୁ ମୃତ୍ୟୁହାର ସ୍ୱାସ୍ଥ୍ୟସେବା ପ୍ରତି ଏକ ଚ୍ୟାଲେଞ୍ଜ। ଏହାକୁ ଦୂର କରିବା ଲାଗି ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଉଛି। ଏହି କ୍ରମରେ ଭାରତୀୟ ଇଞ୍ଜିନିୟର ମନୋଜ ଶଙ୍କର ଓ ପ୍ରତ୍ୟୁଷ ରେଡ୍ଡୀ ଶିଶୁମୃତ୍ୟୁ ହାର ରୋକିବା ସକାଶେ ଏକ ଜୀବନ ରକ୍ଷାକାରୀ ଟେକ୍ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହାକୁ କୁହାଯାଉଛି 'ନେମୋକେୟାର ରକ୍ଷା'। ମନୋଜ ଏବଂ ପ୍ରତ୍ୟୁଷଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ନେମୋକେୟାର ୱେଲନେସ ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ତିଆରି କରାଯାଇଛି। ଏହା ଦେଖିବାକୁ ସକ୍ସ ଭଳି ଓ ଏହାକୁ ନବଜାତକଙ୍କ ପାଦରେ ପିନ୍ଧାଇ ଦିଆଯାଉଛି। ଏହି ଉପକରଣ ନବଜାତକଙ୍କ ଇଣ୍ଟେନସିଭ କେୟାର ୟୁନିଟ( ଆଇସିୟୁ) ସ୍ତରର ମନିଟରିଂ କରି ପାରୁଛି। ଏହା ଲଗାତର ଭାବେ ଶିଶୁଙ୍କ ହାର୍ଟ ରେଟ୍, ଶ୍ୱାସକ୍ରିୟା ସ୍ଥିତି, ରକ୍ତରେ ଅମ୍ଳଜାନସ୍ତର ଏବଂ ଶରୀରର ତାପମାତ୍ରା ମାପକରି ଦର୍ଶାଉଛି। ଫଳରେ ଅଧିକ ନବଜାତକଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରୁଛି। ବିଶେଷକରି ସମ୍ବଳ ଅଭାବ ଥିବା ହସ୍ପିଟାଲ କିମ୍ବା କ୍ଲିନିକଗୁଡ଼ିକରେ ଏହା ବିଶେଷ ଉପଯୋଗୀ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୨ ଜାନୁଆରୀ ୧୯୭୭

- ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜନ କାଲଜିନଙ୍କୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି।
- ଆନ୍ତର୍ଜାତିକ ବୁଝାମଣା ନିମନ୍ତେ ଡଃ ଜୋନାସ ସାଲ୍‌କଙ୍କୁ ବିଜ୍ଞାନଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜବାହରଲାଲ ନେହେରୁ ପୁରସ୍କାର ଅର୍ପଣ।

## ଚିରନ୍ତନୀ

ଥରଇ ହିୟା ମମ କୁମୁଦ-ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଇଓବି ଜମା ଅନୁସନ୍ଧାନ ସମ୍ପର୍କରେ

ମହାଶୟ,

ମୁଁ ଓ ମୋ ପତ୍ନୀ ଦିନ ମଜୁରିଆ। କିଛି ବର୍ଷ ତଳେ ଆମେ ସ୍ୱାମୀ ସ୍ତ୍ରୀ ଚରମ୍ପା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ(ଆଇଓବି) ଶାଖାରେ ଦୁଇଟି ପାସ୍‌ବୁକ ଖୋଲିଥିଲୁ। ମୋ ପାଖରେ ଥିବା ଗୋଟିଏ ପୁରୁଣା ସାମ୍‌ସଙ୍ଗ ମୋବାଇଲ ଫୋନ ନମ୍ବର ଆମ ଦୁହିଁଙ୍କ ଆଧାରକାର୍ଡରେ ପଞ୍ଜୀକୃତ ହୋଇଥିବାରୁ ସେହି ଫୋନ ନମ୍ବରରେ ଦୁଇଟି ପାସ୍ ବୁକ ଖୋଲାଯାଇଥିଲା। କିଛି ବର୍ଷ ତଳେ ଦୁର୍ଘଟଣାରେ ଏକମାତ୍ର ପୁଅ ଚାଲିଗଲା। ପରେ ବ୍ୟାଙ୍କ କର୍ମଚାରୀ ଆମ ପାସବୁକ୍‌ଗୁଡିକୁ ମେଶିନରେ ପୂରାଇ ତାଜା ସ୍ଥିତି ଆଣି ଦେଉଥିଲେ। ଜାଣିବାକୁ ପାଇଲୁ ଯେ, ବ୍ୟାଙ୍କର ଏକ ଜମା ଅନୁସନ୍ଧାନ ନମ୍ବର ରହିଛି ଓ ବ୍ୟାଙ୍କ ପାସବୁକ୍‌ରେ ପଞ୍ଜୀକୃତ ମୋବାଇଲ ନମ୍ବରରୁ ଏହି ନମ୍ବରକୁ ମିସ୍‌ଡକଲ କଲେ ପାସ୍‌ବୁକ ସ୍ଥିତି ଜାଣି ହେଉଛି। ଆମେ ସେହି ନମ୍ବର ସଂଗ୍ରହ କରି ଆମ ମୋବାଇଲ ନମ୍ବରରୁ ମାରିଲେ କେବଳ ମୋ ପାସ୍‌ବୁକ୍‌ର ସ୍ଥିତି ଆସୁଛି, ମାତ୍ର ସ୍ତ୍ରୀଙ୍କ ପାସ୍‌ବୁକ୍‌ର କିଛି ଆସୁନାହିଁ। ତେବେ ମୋ ସ୍ତ୍ରୀଙ୍କ ପାସ୍‌ବୁକ୍ ସ୍ଥିତି ଜାଣିବା ପାଇଁ ମୋତେ ପୁଣି ନୂଆ ମୋବାଇଲ ନମ୍ବର ଦେବାକୁ ପଡ଼ିବ ଏବଂ ତାହା ନୂଆ ଆଧାରକାର୍ଡ ନମ୍ବର ସଂଯୋଗ ହୋଇଥିବା ଆବଶ୍ୟକ ବୋଲି ପରେ ଜାଣିଲି। ଏହା ଆମ ଭଳି ଗରିବଙ୍କ ପାଇଁ ବ୍ୟାଙ୍କ୍‌ର ଖେଳ ନୁହେଁ ତ?

-ରଙ୍କନିଧି ବାରିକ, ଏରେଇ, ଚରମ୍ପା ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମରାମତି ଯୋଗୁ ସଡ଼କ ସୁରକ୍ଷା ମାସ ଅସୁରକ୍ଷିତ

## ଇଞ୍ଚେ ଖୋଳି ପିଚୁ, ବଜୁରି ବିଛା ଚାଲିଛି

ଯାଜପୁର,୧୧।୧(ହର୍ଷବର୍ଦ୍ଧନ ବେହେରା)

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ୨୦୨୬ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। କିନ୍ତୁ ଯାଜପୁର ଜିଲା ଦେଇ ଯାଇଥିବା ଅତି ବ୍ୟସ୍ତବହୁଳ ୧୬ ନମ୍ବର ଜାତୀୟ ରାଜପଥର ମରାମତି କାର୍ଯ୍ୟ ଚାଲିଥିବାରୁ ରାସ୍ତା ସଙ୍କୁଚିତ ହୋଇ ସଡ଼କ ସୁରକ୍ଷା ମାସ ଅସୁରକ୍ଷିତ ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି। ଏହାସହ ସମ୍ପୃକ୍ତ ଠିକାସଂସ୍ଥା ଦ୍ୱାରା ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁ ସପ୍ତାହ ମଧ୍ୟରେ ବଜୁରି ଉଠି ଦୁଇଚକିଆ ଯାନ ଚଳାଚଳରେ ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲିଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଦବି ଯାଇ ଛୋଟ ଛୋଟ ହିଡ଼ ସହିତ ଡଙ୍ଗା ଭଳି ଲମ୍ବା ଗାତ ସୃଷ୍ଟି ଯୋଗୁ ଦୁର୍ଘଟଣା ବୃଦ୍ଧି ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଏଚ୍ କର୍ତ୍ତୃପକ୍ଷ ଓ ନିର୍ମାଣ ବିଭାଗ ସଚିବଙ୍କୁ ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲା। ଏହି ମର୍ମରେ ଧରିତ୍ରୀରେ ୧୩।୧୨।୨୦୨୫ରେ 'ଦବିଯାଉଛି ୧୬ ନମ୍ବର ଜାତୀୟ ରାଜପଥ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଚଣ୍ଡିଖୋଲ ଏନ୍‌ଏଚ୍‌ଏଆଇ ଡିଭିଜନ ପକ୍ଷରୁ କେତେକ ଜାଗାରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁଠି ଖାଲଖମା ସୃଷ୍ଟି ହୋଇଥିଲା ସେଠାରେ ମେଶିନ ଯୋଗେ ପ୍ରାୟ ୧ ଇଞ୍ଚ ପର୍ଯ୍ୟନ୍ତ ଖୋଳି ପୁଣି ସେଥିରେ ପିଚୁ, ବଜୁରି ଆଦି ବିଛା ଯାଉଛି। ଏଥିରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବାରୁ ସରକାରଙ୍କ ମହତ ଉଦ୍ଦେଶ୍ୟ ପରାହତ ହୋଇଛି।

ତ୍ରୁଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ଓ ଖାଲଖମାରେ ଭର୍ତ୍ତି ରାସ୍ତା ଲୋକଙ୍କ ଜୀବନ ନେଉଛି। ଏହାର ସୁଧାର କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଅନୁଷ୍ଠିତ ବୈଠକରେ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଉଛି। କିନ୍ତୁ ଏନ୍‌ଏଚ୍‌ଏଆଇ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସାଲିସ ଯୋଗୁ ପ୍ରାୟ ୨ ବର୍ଷ ତଳେ ସମ୍ପୂର୍ଣ୍ଣ ହୋଇଥିବା ୧୬ ନମ୍ବର ଜାତୀୟ ରାଜପଥ ଦବିଯାଇଛି। ଏହି ରାସ୍ତାର ଅବସ୍ଥାକୁ କେହି ଦେଖିଲେ, କାର୍ଯ୍ୟ କେତେ ନିମ୍ନମାନର ତାହା ସହଜେ ଅନୁମାନ କରିହେବ। ନିମ୍ନମାନର ରାସ୍ତା ନିର୍ମାଣରେ ସରକାର ଅଯଥାରେ ବିପୁଳ କୋଟି ଟଙ୍କା କ୍ଷତି ସହିଥିବାବେଳେ ଅନୁରୂପ ଭାବେ ଏବେ ମରାମତି କାର୍ଯ୍ୟରେ ତାହା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ଚଣ୍ଡିଖୋଲ ଡିଭିଜନର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ମରାମତି ଆବଶ୍ୟକତା ରହିଛି। ଗମନାଗମନ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇ ମରାମତି ହେଉଛି। ଏଥିରେ କୌଣସି ପ୍ରକାର ଅବହେଳା କିମ୍ବା ଅନିୟମିତତା ହେଉନାହିଁ।



୧୬ ନମ୍ବର ଜାତୀୟ ରାଜପଥ ମରାମତି କାମ ଚାଲିଛି।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ



ବରୀ,୧୧।୧(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଧୀନ ଭଅଁରା ପଞ୍ଚାୟତର ରାୟପୁରଠାରେ ରବିବାର ବରୀ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସମିତିସଭ୍ୟ ତନୁଯାରାଣୀ ତ୍ରିପାଠୀ, ନରେନ୍ଦ୍ର ପଣ୍ଡା, ସତ୍ୟରଞ୍ଜନ ବାରିକ, ସୌଭାଗ୍ୟ ଦାସ, ସୁଶାନ୍ତ ମଲ୍ଲିକ, ରମ୍ଭା ସରପଞ୍ଚ ମାନସ ଜେନା, ମୁଟନ ମଲ୍ଲିକ, ପ୍ରଭାତ ଓଝା, ପୃଥ୍ୱୀରାଜ ଜେନା, ବିଶ୍ୱ ଦାସ, ବିକାଶ ବାରିକ, ପଞ୍ଚାନନ ଜେନା, ମନୋଜ ଦାସଙ୍କ ସମେତ ବହୁ ଛାମୁଆ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଆଦର୍ଶରେ ଅନୁପ୍ରାଣିତହୋଇ ଆଗାମୀ ଦିନରେ ବହୁ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗଦେବେ ବୋଲି ଉମେଶ ମତ ରଖିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ି, ପୂର୍ବତନ ଜିଲା ସଭାପତି ଆଶୁତୋଷ ପରିଡ଼ା ଓ ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଗୋଷ୍ଠୀ ମଧ୍ୟରେ ଛୁରାମାଡ଼: ୪ ଆହତ

ଛତିଆ,୧୧।୧
(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକର ବୈରୀ ଅଞ୍ଚଳରେ ରବିବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଛୁରାମାଡ଼ ହୋଇଛି। ଏଥିରେ ୪ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଅମିୟ ଝରି ଗ୍ରାମର ଅଶୋକ କାଣ୍ଡି ଓ ବୈରୀ ଗ୍ରାମର ସିପୁ ସାମଲ, ଦୀପକ ସାମଲଙ୍କ ମଧ୍ୟରେ କୌଣସି କାରଣରୁ ତିକ୍ତତା ଲାଗି ରହିଥିଲା। ଘଟଣାଦିନ ସାଙ୍ଗମାନଙ୍କ ସହ ବୈରୀ ହାଇସ୍କୁଲ ନିକଟରେ ସିପୁ ବସିଥିବାବେଳେ ଅଶୋକ କେତେଜଣ ଯୁବକଙ୍କୁ ସାଙ୍ଗରେ ଧରି ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଫଳରେ ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଅଶୋକ ଏକ ଛୁରୀରେ ସିପୁ ଓ ଦୀପକଙ୍କୁ ଆକ୍ରମଣ କରିଥିଲେ। ଅଟକାଇବାକୁ ଯାଇ ବୈରୀ ଗ୍ରାମର ସମ୍ପିତ ପରିଡ଼ା ଓ ସୂର୍ଯ୍ୟ ପ୍ରକାଶ ଖୁଣ୍ଟିଆ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଛୁରାମାଡ଼ କରିଥିବା ଗୋଷ୍ଠୀ ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ବୈରୀ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ବିଦ୍ୟାଳୟ, ଘରୁ ଚୋରି ଘଟଣାରେ ୫ ଅଟକ

ଧର୍ମଶାଳା,୧୧।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ କୁମାରୀ ପଞ୍ଚାୟତର କୁମାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ଓ ଜାମୁବଣିଆ ଗ୍ରାମର ବାପିନ ଗେଡ଼ିଙ୍କ ଘରୁ ଚୋରି ଘଟଣାରେ ପୋଲିସ୍ ୫ଜଣଙ୍କୁ ଅଟକ ରଖିବା ସହ ବିଦ୍ୟାଳୟରୁ ହୋଇଥିବା ଚୋରି ସାମଗ୍ରୀକୁ ଉଦ୍ଧାର କରିଛି। ଗତ ୧ ତାରିଖ ରାତିରେ ଦୁର୍ବୃତ୍ତ ବିଦ୍ୟାଳୟ ତାଲା ଭାଙ୍ଗି ଆଲମିରାରେ ଥିବା ୪ ଟ୍ୟାବ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ସେହିପରି ସ୍କୁଲ ପରିସରରେ ଥିବା ସିଆରସିସି ଅଫିସର ତାଲା ଭାଙ୍ଗି ଅନେକ ମୂଲ୍ୟବାନ କାଗଜ ପତ୍ର, ଗ୍ୟାସ ଟାଙ୍କି ଆଦି ଚୋରି କରିଥିଲେ। ସେହି ରାତିରେ ଜାମୁବଣିଆ ମୌଜାର ବାପିନଙ୍କ ଘରେ ପସି ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବାପିନଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫/୨୬ ଓ ୪/୨୬ରେ ଦୁଇ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଏମ୍‌ଏସ୍ କପ୍: ଉଦ୍‌ଘାଟନୀ ମ୍ୟାଚ ଜିତିଲା ଗୋଲକୁଣ୍ଡ

ବରୀ,୧୧।୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ବାଲିବିଲ ଉତ୍କଳ ଗୌରବ କ୍ରୀଡ଼ା ସଂସଦ ପକ୍ଷରୁ ୩୭ତମ ମଧୁସୂଦନ(ଏମ୍‌ଏସ୍) କପ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସଂସଦର ସଭାପତି ଶୁଭ୍ରାଂଶୁ ସାମଲ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର ଖେଳ ବାଟମଙ୍ଗଳା କ୍ରିକେଟ କ୍ଲବ ଗୋଲକୁଣ୍ଡ ଓ ଆର୍‌ସିଏ ପାରାଦୀପ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସଜିତି ଆର୍‌ସିଏ ୧୭.୪ ଓଭର ଖେଳି ୧୬୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଗୋଲକୁଣ୍ଡ ୧୮.୧ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରି ବିଜୟୀ ହୋଇଥିଲା। ପାରାଦୀପ ପକ୍ଷରୁ ସନ୍ତୋଷ ପଟ୍ଟନାୟକ ସର୍ବାଧିକ ୫୮ ରନ ସଂଗ୍ରହ କରିଥିଲେ। ଓମ୍‌ପ୍ରକାଶ ସାମଲ ୪ ଉଇକେଟ ଅକ୍ତିଆର କରିଥିଲେ। ଗୋଲକୁଣ୍ଡ ତରଫରୁ ରତ୍ନାକର ମଲ୍ଲିକ ଦ୍ରୁତ ୫୮ ରନର ଇନିସ ଖେଳି ପାରାଦୀପ ହାତରୁ ମ୍ୟାଚ ଛଡାଇ ନେଇଥିଲେ। ଦଳ ତରଫରୁ ବିଭୁତି ଭୂଷଣ ଭୂୟାଁ ୧୯ ବଲରେ ୨୩ ରନ ଓ ୪ ଓଭରରେ ୨୬ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜ୍ଞାନରଞ୍ଜନ ସ୍ୱାଇଁ ଓ ପ୍ରଶାନ୍ତ ରାଉତ ଖେଳ ପରିଚାଳନା କରିଥିଲେ। ଅଜୟ ସାମଲ, ଅଶ୍ୱିନୀ ସାମଲ, ସ୍ମୃତିରଞ୍ଜନ ସାମଲ, ଦେବକଲ୍ୟାଣ ନାଥ, ବିଭୁକଲ୍ୟାଣ ନାଥ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ସ୍ନେହାଶିଷ ସାମଲ, ସଞ୍ଜୟ ବେହେରା, ସମ୍ପିତ ସାମଲ, ପ୍ରତୀକ ସ୍ୱାଇଁ ଓ ଅମରେଶ ନାଥ ସହଯୋଗ କରିଥିଲେ। କ୍ରୀଡ଼ା ସଂସଦ ସଦସ୍ୟ ସୁଧାଞ୍ଜୀୟ ସାମଲ, ପ୍ରିୟରଞ୍ଜନ ସାମଲ, ଭକ୍ତିପ୍ରସାଦ ସାମଲ, ଦେବାଶିଷ ସାମଲ, ପୃଥ୍ୱୀରାଜ ସାମଲ, ଅନୁରାଗ ସାମଲ, ଅନାଦି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଥିଲା।



ଅତିଥି ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଅତିଥି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ବଡ଼ଚଣା,୧୧।୧
(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ନିଶିମଳା ଖେଳ ପଡ଼ିଆରେ ସତ୍ୟନାରାୟଣ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୪୨ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଯାଜପୁରର ଚନ୍ଦନପୁର ସେମି ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକର ସୂର୍ଯ୍ୟଶିଖା କ୍ରିକେଟ କ୍ଲବ୍ ଓ ଯାଜପୁର ଚନ୍ଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଚନ୍ଦନପୁର ବୋଲିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ସୂର୍ଯ୍ୟଶିଖା କ୍ରିକେଟ ଟିମ ୮ ଉଇକେଟ ହରାଇ ୧୯୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଞ୍ଜିତ ମହାକୁଡ଼ ୮୧ ରନ ଓ ସାବଲିନ ମଲିକ ୫୧ ରନ ସଂଗ୍ରହ କରିଥିଲେ। ଚନ୍ଦନପୁର ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମି ଫାଇନାଲରେ ପ୍ରବେଶ କରିଥିଲା।

ଖେଳକୁ ଶିଳ୍ପପତି କାମାକ୍ଷା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ମହେଶ୍ୱର ବେହେରା ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ। ମୁସ୍ତାକ ଅଲ୍ଲି ଖାଁ, ଦେବେନ୍ଦ୍ର ଜେନା, ମୌକେଶ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଂରେ ସୌମ୍ୟ ରଞ୍ଜନ ସାହୁ, ସୁନୀଲ କୁମାର ଦାସ, ଅଭିଜିତ ଖିଲାର୍ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ଭାବେ ଯୁବ ବ୍ୟବସାୟୀ ବନମାଳୀ ସେନାପତି ଯୋଗଦେଇ ସୁବିର ଜେନାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳ କଟକର ବିଶ୍ୱଭାରତୀ କ୍ରିକେଟ ଟିମ ଓ କେନ୍ଦ୍ରାପଡ଼ାର ବାଲା ବାବା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ପ୍ରୀତମ ନାୟକ ଏବଂ ସମ୍ପାଦକ ଶ୍ୱେତରଂଜନ ବଳ ପ୍ରକାଶ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ବିଞ୍ଝାରପୁର,୧୧।୧(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିତନା ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଧଳ(୫୮)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ କିଛି ଦିନହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଧଳ ୨୦୧୭ରୁ୨୦୨୨ ପର୍ଯ୍ୟନ୍ତ ବିତନା ପଞ୍ଚାୟତର ସରପଞ୍ଚ ଥିଲେ। ସେ ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ମରଶରୀର ବିତନାସ୍ଥିତ ବାସଭବନରେ ପହଞ୍ଚିବା ପରେ ବିଧାୟିକା ପ୍ରମିଳା ମଲ୍ଲିକ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସଭ୍ୟା ଅହଲ୍ୟା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଯୁବବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ପୂର୍ବତନ ସରପଞ୍ଚ ମହେଶ୍ୱର ରାଉତ, ଗୌରାଙ୍ଗ ବେହେରା, ଉପେନ୍ଦ୍ର କୁମାର ଧଳ, କୈଳାସ ମଲ୍ଲିକ ପ୍ରମୁଖ ଧଳଙ୍କ ଶେଷ ଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଅନ୍ତିମ ସତ୍କାର କରାଯାଇଥିଲା।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନାଟ୍ୟକାର ଦୀପକ ଜେନା

## ଗୋଟିଏ ବର୍ଷରେ ସର୍ବାଧିକ ୧୮ ଯାତ୍ରା ନାଟକ ଲେଖି ପାଇଲେ ସଫଳତା

ସିଂହପୁର,୧୧।୧(ଅନଙ୍ଗ ଉଦୟ ବେଉରିଆ):



ଗୋଟିଏ ବର୍ଷରେ ସର୍ବାଧିକ ୧୮ ଯାତ୍ରା ନାଟକ ଲେଖି ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ନାଟ୍ୟକାର ଡ. ଦୀପକ ଜେନା। ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବିତନା ପଞ୍ଚାୟତ ଅନ୍ତର୍ଗତ ନଥିପୁର ଗ୍ରାମର ଲୋକନାଥ ଜେନା ଓ ଦ୍ରୌପଦୀ ଜେନାଙ୍କ ବଡ଼ପୁଅ ଦୀପକ ଜଣେ ଓଡ଼ିଆ ବିଭାଗ ଅଧ୍ୟାପକହୋଇଥିବାବେଳେ ଯାତ୍ରା ଜଗତର ଜଣେ ସୁନାମଧନ୍ୟ ନାଟ୍ୟକାର ଭାବେ ପରିଚିତ। ୨୦୨୫–୨୬ରେ ଓଡ଼ିଶା ଯାତ୍ରା ଜଗତ ପାଇଁ ସେ ସର୍ବାଧିକ ୧୮ ନାଟକ ରଚନା କରି ଏହି ରେକର୍ଡ୍ସର ଅଧିକାରୀ ହୋଇପାରିଛନ୍ତି। ଅଭାବ ଅନାଟନ ଭିତରେ ଦୀପକଙ୍କ ପିଲାଦିନ ବିତିଥିଲେ ମଧ୍ୟ ପଠା ପଢ଼ା ସମୟରେ ଓଡ଼ିଆ ନାଟକ ଲେଖିବାରେ ତାଙ୍କର ନିଷ୍ଠା ଆଜି ତାଙ୍କୁ ଜଣେ ସଫଳ ନାଟ୍ୟକାର ଭାବେ ପରିଚିତ କରିପାରିଛି।

ପ୍ରତିବର୍ଷ ଯାତ୍ରା ଜଗତକୁ ବହୁ ସଫଳ ନାଟକ ଭେଟିଦେଇ ଚର୍ଚ୍ଚାରେ ରହିଛନ୍ତି ଦୀପକ। ଚଳିତ ବର୍ଷ 'ତୁ ମୋ ଭାଗ୍ୟରେ ନାହୁଁ', 'ନଅଙ୍କ ଦୁର୍ଭିକ୍ଷ', 'କଟି କଟି ଡବଲ କଟି', 'ହାଇଦର', 'ଗାନ୍ଧୀ କ'ଣ ଭୁଲ ହୋଇଗଲାକି', 'ଜାନୁଆର', 'ଲେଡି ଗ୍ୟାଙ୍ଗ ଷ୍ଟାର', 'ବଦନାମ ଗଳିରେ ବାଦସାହା', 'କଙ୍କାଳ କାନ୍ଦୁଛି', 'ଭୋଳା ଶଙ୍କର', 'ସବୁ ଅଙ୍କ ଭୁଲ ହୋଇଗଲା' ଓ ତୁ ମୋ ବଜରଙ୍ଗୀ ଭଳି ୧୮ ନାଟକ ଲେଖି ଚର୍ଚ୍ଚାକୁ ଆସିଥିଲେ। ଏହି ସଫଳତାର ଶ୍ରେୟ ଦୀପକ ତାଙ୍କ ପିତାମାତା ଓ ସ୍ତ୍ରୀଙ୍କ ସମେତ ଓଡ଼ିଶାର ଯାତ୍ରା ଦର୍ଶକ, ପ୍ରଯୋଜକ, ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରାଦନ କରିଛନ୍ତି। ଦୀପକ କହିଛନ୍ତି, ତାଙ୍କ ବାପା ଯାତ୍ରା ପାର୍ଟିରେ ଲାଇଟ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ପିଲାବେଳେ ବାପାଙ୍କ ସହ ଯାତ୍ରାକୁ ଯାଇଥିଲେ। ହୁଏତ ବାପାଙ୍କ ଆଶୀର୍ବାଦ ଆଜି ତାଙ୍କୁ କଳାପ୍ରତି ଆକୃଷ୍ଟ କରିଛି। ସେହିପରି ଚଳଚ୍ଚିତ୍ର ଅଭିନେତା ପପୁ ପମ ପମ, ଯାତ୍ରା ନିର୍ଦ୍ଦେଶକ ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ଅବଦାନ ଅନେକ ବୋଲି ଦୀପକ କହିଛନ୍ତି। ତାଙ୍କର ଏହି ସଫଳତା ପରେ ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷା ବିନ୍ଦୁରେଖା ନାୟକ, ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ନଳିନୀ ଜେନା, ସୁବ୍ରତ ଦାସ, ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, ଖବରଦାତା ଦେବପ୍ରସାଦ ସାହୁ, ନିର୍ଦ୍ଦେଶକ ଦିନେଶ ଦାସ, ମହେଶ ହାଜରା, ଗୁରୁ ମିଶ୍ର, ଜିତେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହ ଅନେକ ଯାତ୍ରା ପ୍ରଯୋଜକ ଓ କଳାକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗାୟତ୍ରୀ ମହାଯଜ୍ଞର ଶୁଭାଧିବେଶ, କଳସ ଯାତ୍ରା

ଯାଜପୁରରୋଡ୍,୧୧।୧
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ବ୍ୟାସନଗର ସହରର ଗୋପବନ୍ଧୁଛକ ନନ୍ଦରାମ ବଟିକା ପ୍ରାଙ୍ଗଣରେ ବ୍ୟାସନଗର ଗାୟତ୍ରୀ ମଣ୍ଡଳ ପକ୍ଷରୁ ତ୍ରିଦିବସୀୟ ନବକୁଣ୍ଡିୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞର ରବିବାର ଶୁଭାଧିବେଶ ହୋଇଛି। ଏହି ଯଜ୍ଞ ଆସନ୍ତା ୧୩ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ୧୦୮ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ବହୁ ମହିଳା ବ୍ରତରଖି ଉମାପଦାସ୍ଥିତ ରତ୍ନା ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ମଣ୍ଡଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ବ୍ୟାସନଗର ପୌରପାଳ ସୁଭାଷ ଚନ୍ଦ୍ର ବଳ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯାଜପୁର ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡା. ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା।



ଗାୟତ୍ରୀ ମହାଯଜ୍ଞ ପାଇଁ ବାହାରିଥିବା କଳସ ଯାତ୍ରା।

# ଗୋପାଳ ଜୀଉ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଧର୍ମଶାଳା,୧୧।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ମୁରାରୀପୁର ଗୋପାଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ସଫଳତା ପାଇବା ପାଇଁ ଶୃଙ୍ଖଳାର ଆବଶ୍ୟକତା ରହିଛି ବୋଲି କହିବା ସହିତ କ୍ରୀଡ଼ାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଯାଜପୁର ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ଉଚ୍ଚ ଲକ୍ଷ୍ୟ ସମ୍ପନ୍ନ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଶୁକଦେବ ପତି, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ସରସ୍ୱତୀ ବାରିକ ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ା ଉଭୟ ଜୀବନରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମିନାକ୍ଷୀ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଦେବଶ୍ରୀ ରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତନୃତ୍ୟ ପରିବେଷଣ କରାଯାଇଥିଲା।



ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ। ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଚନ୍ଦାକୂଳରୁ ନବଜାତ ଶିଶୁ ମୃତଦେହ ଜବତ**

କେନ୍ଦ୍ରାପଡ଼ା ସଦର ଥାନା ଭୂମଦଭିଆପାଟଣାସ୍ଥିତ ଗୋବରୀ ନଦୀକୂଳ ଏକ ପରିତ୍ୟକ୍ତ ସ୍ଥାନରେ ନବଜାତ ଶିଶୁର ମୃତଦେହ ରବିବାର ଜବତ ହୋଇଛି। ସ୍ଥାନୀୟ ପୂର୍ବତନ ସରପଞ୍ଚ ପାତସାର ରେହେରେସାଙ୍କ ଲିଖିତ ପରାମର୍ଶ କ୍ରମେ ପୋଲିସ ଶିଶୁର ସଂସ୍କାର ପାଇଁ ସ୍ଥାନୀୟ ଜଳଜା ଶ୍ମଶାନରେ କରାଇଛି। ମୃତକ ଶିଶୁଟି ପ୍ରାୟ ସପ୍ତାହ ଦିନର ଜଣାପଡ଼ୁଥିଲା। ଶରୀରରେ ଅନ୍ତରାଳି ଲାଗି ରହିଥିଲା। ଏ ସମ୍ପର୍କରେ ଆଗଆସିଥିବା ଶୁଭେନ୍ଦୁ ସାହୁଙ୍କ ପତାକିରେ ନଦୀ କୂଳରେ ପଡ଼ିଥିବା ମୃତ ଶିଶୁକୁ ସ୍ଥାନୀୟ ଲୋକେ ସକାଳୁ ଶୌଚ ପାଇଁ ଆସିଥିବା ବେଳେ ଦେଖିଥିଲେ। ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ସେ କହିଛନ୍ତି।



# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ମାର୍ଶାଘାଇ,୧୧।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ବଡ଼କୁଳ ପଞ୍ଚାୟତ ଦହିମାଛ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁମର ବାରିକଙ୍କ ବଡ଼ପୁଅ ସିପୁନ(୧୯)। ଶନିବାର ସନ୍ଧ୍ୟାରେ ସିପୁନ ନିଜ ବାଡ଼ିରେ ଚାଷ କରିଥିବା ପରିବା ବଗିଚାରେ ବିଦ୍ୟୁତ୍ ମୋଟର ଲଗାଇ ପାଣି ଦେଉଥିଲେ। ପରେ ମୋଟର ଖୋଲୁଥିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ଅବସ୍ଥାରେ ପୋଖରୀ ଭିତରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିପୁନଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସିପୁନଙ୍କ ଶେଷକୃତ୍ୟ ପରିବାର ଲୋକେ ରବିବାର ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ କରିଥିବା ଜଣାପଡ଼ିଛି।

# ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୧।୧ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଏକ ଟ୍ରଲର ଜବତ କରିବା ସହ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା' ବାସୁଳି-୨ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ କମଳ ଦାସ, ଅଜିତ ଦାସ, ଶ୍ରୀଧର ଖିଲାର, ଦାମ ହେମ୍ବ୍ରମ, ଅନାମ ବିଶ୍ରା, ଏସ୍.କେ. ସାଜତ, ଅଭିମନ୍ୟୁ ଦାସଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ଟି ଜିପିଏସ୍, ୧ଟି ଭିଏଚଏଫ୍, ଟ୍ରଲିଂ ନେଟ ୪ଟି, ୫୦ କିଲୋ ମାଛ ଜବତ କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସଞ୍ଜୀବ କୁମାର ଦାଶଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲା। ଗିରଫ ମତ୍ସ୍ୟଜୀବୀମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

# ମେଧାବୃତ୍ତି ପରୀକ୍ଷାଦେଲେ ୨୪୫ ବିଦ୍ୟାର୍ଥୀ

ପାଟକୁରା, ୧୧।୧(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକରେ ଥିବା ୩୦ ହାଇସ୍କୁଲରେ ଅଧ୍ୟୟନରତ ୨୪୫ ଛାତ୍ରୀଛାତ୍ର ରବିବାର ପତିତପାବନ ମହାପାତ୍ର ସ୍ମାରକୀ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ, ମାହାଳ ଆନୁକୂଲ୍ୟରେ ପରିଚାଳିତ ପରୀକ୍ଷାରେ ମାହାଳ ସରକାରୀ ହାଇସ୍କୁଲ, ଗରଦପୁର ସରସ୍ୱତୀ ଶିଶୁମନ୍ଦିର ଓ ନାଇନ୍ଦିପୁର ସରକାରୀ ହାଇସ୍କୁଲରେ ମେଧାବୃତ୍ତି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସାଧାରଣ ଜ୍ଞାନ, ଇଂଲିଶ ଓ ଗଣିତ ଉପରେ ପ୍ରଶ୍ନଗୁଡ଼ିକ ପର୍ଯ୍ୟବସିତ ଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨ଜଣ ପ୍ରଥମ, ୨ଜଣ ଦ୍ୱିତୀୟ ଓ ୨ଜଣ ତୃତୀୟ ସ୍ଥାନରେ ଥିବା ବିଦ୍ୟାର୍ଥୀଙ୍କୁ ଯଥାକ୍ରମେ ମାସକୁ ୫୦୦, ୩୦୦ ଓ ୨୦୦ ଟଙ୍କା ହିସାବରେ ବର୍ଷକ ପାଇଁ ଏହି ମେଧାବୃତ୍ତି ମିଳିବାର ବ୍ୟବସ୍ଥା କରାଯାଇଛି ବୋଲି ପୁଷ୍ପେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ବ୍ଲକ ଅଧୀନ ଧାନମଣ୍ଡଳ ଗ୍ରାମ ପତିତପାବନ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଥିଲେ। ସେ ଜଣେ ଧର୍ମପରାୟଣ ଓ ପର ଉପକାରୀ ମଣିଷ ଥିଲେ। ତାଙ୍କ ସ୍ମୃତିରେ ତାଙ୍କ ପୁତ୍ର ପୁଷ୍ପେନ୍ଦ୍ର ଏହି ମେଧାବୃତ୍ତି ଆରମ୍ଭ କରିଛନ୍ତି।

# 'ପାର୍ଟି ପାଇଁ ନୁହେଁ, ମାଟି ପାଇଁ ଲଢ଼ିବା'

ପଟ୍ଟାମୁଣ୍ଡାଇ, ୧୧।୧ (କଳ୍ପତରୁ ନାୟକ)




ଖବରଦାତା ସମ୍ମିଳନୀରେ ପଟ୍ଟାମୁଣ୍ଡାଇ, ରାଜନଗର ବିକାଶ ପରିଷଦର ଖବରଦାତା ସମ୍ମିଳନୀରେ ସଦସ୍ୟମାନେ।

- ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ଆନ୍ଦୋଳନ ଡାକରା
- ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃ ପ୍ରତିଷ୍ଠା ସହ ସବ୍‌ଡିଭିଜନ ମାନ୍ୟତା
- ରାଜନଗର ଏନ୍‌ଏସି ଘୋଷଣା,ପଟ୍ଟାମୁଣ୍ଡାଇରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା

କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଅଙ୍ଗ ଭାବେ ପଟ୍ଟାମୁଣ୍ଡାଇ (ସଂ) ବିଧାନସଭା ଆସନ ଓଡ଼ିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆସିଥିବା ବେଳେ ଗତ ସୀମା ପୁନଃ ନିର୍ଦ୍ଧାରଣରେ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ବିଧାନସଭା ଆସନ ଲୋପ ପାଇବା ସହ ପଟ୍ଟାମୁଣ୍ଡାଇ ତା'ର ସତା ହରାଇ ବସିଛି। ଯାହା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ, ସ୍ୱାଭିମାନର ସୁରକ୍ଷା ଓ ହୃତ ଗୌରବକୁ ଫେରାଇ ଆଣିବାକୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଦୀର୍ଘବର୍ଷ ହେବ ବିଭିନ୍ନ ଆନ୍ଦୋଳନ ଜରିଆରେ ସଂଗ୍ରାମ ଜାରି ରଖିଛି। ମାତ୍ର ଏ ନେଇ ପୂର୍ବ ଓ ବର୍ତ୍ତମାନର ସରକାର କୌଣସି ବିଦ୍ଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରୁନାହାନ୍ତି। ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପାର୍ଟି ପାଇଁ ନୁହେଁ, ଆସ ମାଟି ପାଇଁ ଲଢ଼ିବା ଡାକରା ଦେଇଛି। ଏଥିସହ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃ ଘୋଷଣା ସହ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପ୍ରତିଷ୍ଠା ଓ ରାଜନଗର ଏନ୍‌ଏସି ଘୋଷଣା ମାନ୍ୟତା ସମେତ ପଟ୍ଟାମୁଣ୍ଡାଇ-ରାଜନଗରବାସୀଙ୍କ ସୁବିଧା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ନେଇ ଜୋରଦାର ଆନ୍ଦୋଳନ କରିବାକୁ ପରିଷଦ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ଅବସରରେ ସଂଗଠନର ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ କହିଥିଲେ।

ଏହି ଅବସରରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ସ୍ୱାଇଁଙ୍କ ସହ ଉପଦେଷ୍ଟା ସଞ୍ଜୟ ସାହୁ, ଆବାହକ ଆଇନଜୀବୀ ରାମକୃଷ୍ଣ ଦାଶ, ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ଉମେଶ ପରିଡା, ଉପଦେଷ୍ଟା ଡା. ମନୋରଞ୍ଜନ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ବିକାଶ ପରିଷଦ ସଭାପତି ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ, ପ୍ରଫୁଲ୍ଲ ଦାଶ, ପଟ୍ଟାମୁଣ୍ଡାଇ ନଗର ପରିଷଦ ସଭାପତି ଆଇନଜୀବୀ ପ୍ରକାଶ ପାତ୍ର, ମହାସଚିବ ବ୍ରଜବନ୍ଧୁ ଦାଶ, ରାଜନଗର ବ୍ଲକ ବିକାଶ ପରିଷଦ ସଭାପତି ଆଇନଜୀବୀ ସୁଶାନ୍ତ ଜେନା, ବିଶ୍ୱନାଥ ବାରିକ ଓ ସୁଶୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି, ଅଞ୍ଚଳର ହୃତ ଗୌରବ ଓ ସ୍ୱାଭିମାନର ପୁନଃ ପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ପୁନଃ ପ୍ରତିଷ୍ଠା ଓ ସବ୍‌ଡିଭିଜନ ଘୋଷଣା ଜରୁରୀ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପାଇଁ ସରକାରୀ ନୀତି ନିୟମ ଅନୁଯାୟୀ ସମସ୍ତ ଭିତ୍ତିଭୂମି ରହିଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ସହ ପଟ୍ଟାମୁଣ୍ଡାଇଠାରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ପାଇଁ ବିକାଶ ପରିଷଦ ଦାବି କରିଛି। ଏଥିସହ ଭିତରକନିକାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ଭିତ୍ତିଭୂମି ବିକାଶ ସହ ରାଜନଗରବାସୀଙ୍କୁ ଉତ୍ତମ ସହରୀ ସୁବିଧା ସୁଯୋଗ ଦେବା ପାଇଁ ଏନ୍‌ଏସି ଘୋଷଣା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି। ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଲେ ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱପ୍ନ ସାକାର ହେବା ସହ ଭୂଲୁଣ୍ଠିତ ସ୍ୱାଭିମାନ ଓ ହୃତ ଗୌରବ ଫେରି ଆସିପାରିବ ବୋଲି ବିକାଶ ପରିଷଦ ନେତାମାନେ ଆଶା ପ୍ରକାଶ କରିଛନ୍ତି। ଏଥିସହ ରାଷ୍ଟ୍ରପତି, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦାବି ହାସଲ ପର୍ଯ୍ୟନ୍ତ ବିକାଶ ପରିଷଦ ତା'ର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଚେତାବନୀ ଦେଇଛନ୍ତି।

# ପ୍ଲାଷ୍ଟିକମୁକ୍ତ ପିକନିକ୍ ସ୍ପଟ୍ ସଚେତନତା କାର୍ଯ୍ୟକ୍ରମ

ମାର୍ଶାଘାଇ,୧୧।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପାରାଦୀପ ଏବଂ ମେସର୍ସ ପାରାଦୀପ ଫସ୍‌ଫେଟ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ମାର୍ଶାଘାଇ ବ୍ଲକ ବାଘଡ଼ିଆ ସ୍ଥିତ ମା' ଗୋଜବାୟାଣୀ ପୀଠକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପାରାଦୀପ ପିପିଏଲ ୟୁନିଟ ହେଡ୍ ପଲାନିସାମୀ ଭେଲୁସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ। ମା' ଗୋଜବାୟାଣୀ ପୀଠକୁ ପ୍ରତିବର୍ଷ ବହୁତ ସଂଖ୍ୟାରେ ଲୋକ ପିକ୍‌ନିକ୍ କରିବାକୁ ଆସିଥାନ୍ତି। ଫଳରେ ଲୋକେ ସାଙ୍ଗରେ ଆଣିଥିବା ପ୍ଲାଷ୍ଟିକ ବୋତଲ ଓ ଜରିଗୁଡ଼ିକ ମଧ୍ୟ କାମ ସାରିବା ପରେ ଏଣେତେଣେ ଫିଙ୍ଗି ଦିଅନ୍ତି, ଫଳରେ ଉକ୍ତ ଅଞ୍ଚଳ ମୃତ୍ତିକା ସହ ଭୂତଳ ଜଳ ମଧ୍ୟ ନଷ୍ଟ ହୋଇଥାଏ। ଏହି ପ୍ଲାଷ୍ଟିକକୁ ଜାଳିବା ଦ୍ୱାରା ବାୟୁ ମଧ୍ୟ ପ୍ରଦୂଷିତ ହୋଇଥାଏ। ଫଳରେ ବଣଭୋଜି ସ୍ଥଳର ସୌନ୍ଦର୍ଯ୍ୟତା ହ୍ରାସ ପାଉଥାଏ। ବଣଭୋଜିସ୍ଥଳରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଏବଂ ତାହାର ସଙ୍ଗେଇକୁ ଗୁରୁତ୍ୱ ଦେଲେ ନିଶ୍ଚିତ ଭାବେ ଆମ ପରିବେଶ ସୁରକ୍ଷିତ ରଖିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ବଣଭୋଜି ପାଇଁ ଆସୁଥିବା ଲୋକେ ପ୍ଲାଷ୍ଟିକ ବଦଳରେ ଜୈବିକ ବିଘଟନଶୀଳ ସାମଗ୍ରୀ ସାଙ୍ଗରେ ଆଣି ମଜା ନେବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏହାସହ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିପିଏଲ୍ ପରିବେଶ ବିଭାଗ ମୁଖ୍ୟ ଅମ୍ବିକେଶ କୁମାର ମିଶ୍ର, ପରିବେଶ ଯନ୍ତ୍ରୀ ବିବେଚିତା ଷଡ଼ଙ୍ଗୀ, ଦିବ୍ୟଲୋଚନ ମହାପାତ୍ର ଓ ଗୋଜବାୟାଣୀ ମ୍ୟାନେଜିଂ ଟ୍ରଷ୍ଟି ମାନସ କୁମାର ଦାସ ଉପସ୍ଥିତ ଥିଲେ।

# ପ୍ରଥମ ଥର ହୁକିଟୋଲାରେ ଉଡ଼ିଲା ତ୍ରିରଙ୍ଗା

ମହାକାଳପଡ଼ା, ୧୧।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ପୋଲିସ, ବନ ବିଭାଗ ପକ୍ଷରୁ ମକ୍ ଡ୍ରିଲ



ହୁକିଟୋଲାଠାରେ ପ୍ରଥମ ଥର ତ୍ରିରଙ୍ଗା ପତାକା ପ୍ରଦର୍ଶନ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଙ୍ଗୋପସାଗର ଅନତି ଦୂରରେ ଆଇଲାଣ୍ଡ ହୁକିଟୋଲା ଖାଦ୍ୟ ଭଣ୍ଡାର ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିଲା। କୁହାଯାଉଛି ନଅଙ୍କ ଦୁର୍ଭିକ୍ଷ ସମୟରେ ସେଠାରେ ଖାଦ୍ୟ ଭଣ୍ଡାର ଗୋଦାମ ଗୃହ ନିର୍ମାଣ କରାଯାଇଥିଲା। ସେବେଠାରୁ ଭାରତ ସ୍ୱାଧୀନତା ପରେ ଅଦ୍ୟାବଧି ତ୍ରିରଙ୍ଗା ପତାକା ଉଡ଼ି ନ ଥିଲା। ତେବେ ପୋଲିସ ଓ ବନ ବିଭାଗ ପକ୍ଷରୁ ରବିବାର ଐତିହାସିକ ହୁକିଟୋଲାଠାରେ ଭାରତର ଜାତୀୟ ପତାକା ପ୍ରଦର୍ଶନ କରାଯାଉଛି। ଏଠାରେ ଆଗାମୀଦିନରେ ବଡଧରଣର ଜାତୀୟ ପତାକା ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି। ଏହି ମକ୍‌ଡ୍ରିଲରେ ଜମ୍ବୁ ସାମୁଦ୍ରିକ ଥାନା ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜ୍ଞାନ ଚାରିକାନ୍ଥରେ ସୀମିତ ହେବା ଉଚିତ ନୁହେଁ

ପଟ୍ଟାମୁଣ୍ଡାଇ, ୧୧।୧ (କଳ୍ପତରୁ ନାୟକ)

## ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜ୍ଞାନ ଅର୍ଥନୀତିର ବିକାଶ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟ କରିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ସୁଧାକର ପାତ୍ର ଯୋଗଦେଇ ଜ୍ଞାନ ଅର୍ଥନୀତିର ଦୃଢ଼ ଭିତ୍ତିଭୂମି ପାଇଁ ସର୍ବପ୍ରଥମେ ବିଜ୍ଞାନଭିତ୍ତିକ ମାର୍ଗ ଦର୍ଶନ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। ତେବେ ଆଗାମୀ ପିଢ଼ିର ନାଗରିକଙ୍କ ପାଇଁ ବିଶେଷ କରି ଶିଶୁ, କିଶୋରୀକିଶୋର, ଯୁବତୀଯୁବକ,ପ୍ରୌଢ଼ା ପ୍ରୌଢ଼ଙ୍କ ପାଇଁ ପୃଥକ୍‌ଭାବେ ବିଜ୍ଞାନ ସାହିତ୍ୟ ରଚନା କରି ସେମାନଙ୍କର ଜ୍ଞାନ ଆହରଣର ଦକ୍ଷତା ବିକାଶ କରାଯିବା ଆବଶ୍ୟକ। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହଯୋଗୀ ପ୍ରଫେସର ଡ. ମନୋଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ପ୍ରଫେସର ପାତ୍ର, କଲେଜ ଗଣିତ ଅଧ୍ୟାପକ ଡ. ଅରବିନ୍ଦ ପାଣ୍ଡବ, ଅର୍ଥନୀତି ବିଭାଗ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଯୋଗଦେଇ ଜ୍ଞାନ ଚାରିକାନ୍ଥରେ ସୀମିତ ହେବା ଉଚିତ ନୁହଁ। ଏହା ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଅର୍ଥନୀତି ବିଭାଗ ଅଧ୍ୟାପକ ସୁଭାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସେମିନାର ସ୍ମୃତିକା ଉନ୍ମୋଚନ ହୋଇଥିଲା। ଓଳାଭର କଲେଜର ଅର୍ଥନୀତି ଅଧ୍ୟାପିକା ମହିମା ପ୍ରଧାନ, ପଟ୍ଟାମୁଣ୍ଡାଇ କଲେଜ ଇଂଲିଶ ବିଭାଗ ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଉପସ୍ଥିତ ଥିଲେ। ଏଥିରେ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ହଜାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଆଳି, ୧୧।୧(ବନମାଳୀ ସେନାପତି)

ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଉର୍ମିଳା ବିଦ୍ୟାଧର ୱେଲଫେୟାର ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୋପାଳପୁର ସ୍କୁଲ ପରିସରରେ ଦ୍ୱିତୀୟ ବର୍ଷ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଶିବିରରେ ରହି ଅଞ୍ଚଳର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଉଦ୍ୟମରେ ଅନୁଷ୍ଠିତ ଶିବିରକୁ ସଦସ୍ୟମାନେ ପରିଚାଳନା କରିଥିଲେ।

# ଦୋକାନୀଙ୍କୁ ହାଣି ଦୁର୍ବୃତ୍ତ ଲୁଟିନେଲେ ସୁନା, ଟଙ୍କା

ପାଟକୁରା ୧୧।୧(ରବୀନ୍ଦ୍ର ନାଥ ବାରିକ)




ଜବତ ହୋଇଥିବା କୁରାଢ଼ି, କ୍ଷତିଗ୍ରସ୍ତ କାର।

କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନା ହୁରାସାହି-ମେହେନ୍ଦିନଗର ରାସ୍ତାର ହୁରାସାହିଠାରେ ରବିବାର ଦୁର୍ବୃତ୍ତମାନେ ଦୋକାନୀଙ୍କୁ ହାଣି ସୁନା ଓ ନଗଦ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ବଙ୍ଗାଳପୁର ପଞ୍ଚାୟତ ମାହଳ ଜଗନ୍ନାଥ ଜୁଏଲାରି ମାଲିକ ଦିଲୀପ କୁମାର ନନ୍ଦୀ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳେ ଦୋକାନ ବନ୍ଦ କରି କାର ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ହୁରାସାହି ରାସ୍ତାରେ କେତେଜଣ ଦୁର୍ବୃତ୍ତ ପଲସର ବାଇକ୍ ଯୋଗେ ଆସି କାର ପଛପଟ କାଚକୁ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରି ଭାଙ୍ଗିଥିଲେ। ଗାଡ଼ି ଅଟକାଇ ମାରଣାସ୍ତ୍ରରେ ମରଣାତ୍ମକ ଆକ୍ରମଣ କରି ସୁନା ଓ ନଗଦ ଲକ୍ଷାଧିକ ଟଙ୍କା ଲୁଟି ପଲ୍‌ସରରେ ଫେରାର ହୋଇଯାଇଥିଲେ। ଦୋକାନୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୁନା ଦୋକାନୀଙ୍କ ଘର କେନ୍ଦ୍ରାପଡ଼ା ଠାକୁରହାଟ ହୋଇଥିବା ହେତୁ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ତାଙ୍କ ୨ ହାତ ପାପୁଲି ଗୁରୁତର ଭାବେ ଆଘାତ ପ୍ରାପ୍ତ ହୋଇଛି। ଘରକୁ ଫେରୁଥିବା ବେଳେ ଏଭଳି ଘଟିଛି। ଘଟଣାସ୍ଥଳରେ କୁଦାନଗରୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସାହିତ୍ୟରେ ଅନ୍ତରାତ୍ମାର ସ୍ୱର ରହୁ

## ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା

କେନ୍ଦ୍ରାପଡ଼ା, ୧୧।୧ (ଜଗନ୍ନାଥ ଧଳ)



ପୁସ୍ତକ ମେଳାରେ ଲୋକେ ବହି କିଣୁଛନ୍ତି।

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ ପରିଚାଳିତ ରାଜ୍ୟସ୍ତରୀୟ ପୁସ୍ତକ ମେଳାର ରବିବାର ଦିନତମାମ ସାହିତ୍ୟର ଚର୍ଚ୍ଚା ହୋଇଥିଲା। ୫ଟି ଅଧିବେଶନରେ ଅତିଥିମାନେ ସାହିତ୍ୟରେ ସାଧାରଣର ଲୋକଙ୍କ ଅନ୍ତରାତ୍ମାର ସ୍ୱର ରହୁ ବୋଲି ବିଭିନ୍ନସ୍ତରରେ ଆଲୋଚନା ହୋଇଥିଲେ। ପ୍ରଥମ ଅଧିବେଶନରେ ୧୫ଜଣ ଯୁବ କବି ସ୍ୱଲିଖିତ କବିତା ପାଠ କରିଥିଲେ। କବି ମାତୃଦତ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶିକ୍ଷାବିତ୍ ଡ. ବିନାୟକ ପାଣି ଓ କେମ୍ ସଭାପତି ଅକ୍ଷୟ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ବିରଜା ରାଉତରାୟଙ୍କ ସଂଯୋଜନାରେ ଅଣ୍ଡିତ୍ୱର ଶେଷ ଶିକ୍ଷା ଓ ଗଣମାଧ୍ୟମର ଛାପା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଶତ୍ରୁଜିତ, ହାସ୍ୟ ପତ୍ରିକାର ଗିରୀଶ ଚନ୍ଦ୍ର ସାହୁ, ସମାଜ ବିଜ୍ଞାନୀ ରଞ୍ଜିତ ସେନାପତି, ଶିକ୍ଷାବିତ୍ ତପନ କୁମାର ପତି ଆଲୋଚକ ଭାବେ ଯୋଗଦେଇଥିଲେ। ୩ୟ ଅଧିବେଶନରେ କବିତାରେ ସାତଭାୟା ସମ୍ପର୍କରେ ଆଲୋଚନାଚକ୍ର ଅବ୍ୟକ୍ତ କ୍ଷତର ସାତଭାୟା ଶୀର୍ଷକ ଥିଲା। ଏଥିରେ ଡ. ବିରଜା ରାଉତରାୟ, ପ୍ରେମାନନ୍ଦ ଖଣ୍ଡୁଆଳ, ସଂଯୋଜକ ଯତୀନ୍ଦ୍ର କୁମାର ରାଉତ ସାତଭାୟାର ବାସ୍ତବ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ୪ର୍ଥ ଅଧିବେଶନରେ ଛନ୍ଦହୀନ ସମୟର ଅସହାୟ ପ୍ରତିବେଦନ ଶୀର୍ଷକ କବିତାକୁ କବି ସୁବ୍ରତ କୁମାର ଦାସ ସଂଯୋଜନା କରିଥିଲେ। କବି ପ୍ରଦୀପ ବିଶ୍ୱାଳ, କବି ଧନଞ୍ଜୟ ସ୍ୱାଇଁ, କବି ନବଜ୍ୟୋତି ରାୟ, କବି ବୃନ୍ଦାବନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୫ମ ଅଧିବେଶନରେ ଗପ ଆଜିକାଲିରେ ଅଳପ ସପନ ବିଳାପ ବେଶି ଶୀର୍ଷକ ଥିଲା। ସ୍ତମ୍ଭକାର ରାଜ୍ୟବର୍ଦ୍ଧନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି, ସ୍ତମ୍ଭକାର ଅନିଲ ପାଢ଼ୀ, କଥାଶିଳ୍ପୀ ଡ. ମମତାମୟୀ ଚୌଧୁରୀ ଆଲୋଚକ ଭାବେ ଯୋଗଦେଇଥିଲେ। ଅତିଥିମାନେ ସାହିତ୍ୟରେ ଅନୁଭବ ଓ ସାମ୍ପ୍ରତିକ ସମୟର ପରିଭାଷାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଡ. ବିରଜା ରାଉତରାୟଙ୍କ ନିବନ୍ଧ ସଙ୍କଳନ ସ୍ମୃତିରେ ବଣ୍ଡାଳୀକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାକୁ କେମ୍ ସମ୍ପାଦକ ଏମ୍‌ଡି ଜାହିଦ ଖାନ୍, ଉପସଭାପତି ସରୋଜ ସାହୁ, ସହସମ୍ପାଦକ ପ୍ରତାପ ସ୍ୱାଇଁ, ପାର୍ଥସାରଥି ରାଉତରାୟ, ରଶ୍ମିରଞ୍ଜନ ବାରିକ, ବଂଶୀଧର ମହାନ୍ତି, ରାଜେନ୍ଦ୍ର ମହାପାତ୍ର, ଶାନ୍ତନୁ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି, ଭଦ୍ରକ ବିଜୟୀ

ରାଜନଗର, ୧୧।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ଚଞ୍ଚଳା ମିନିଷ୍ଟାଡିୟମରେ ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି ରବିବାର ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଚ ଭଦ୍ରକ ଓ ଜିସିସି କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ଟସ୍ ଜିତି କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୨ରନ କରିଥିଲା। ଜବାବରେ ଭଦ୍ରକ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୭୩ ରନ କରି ବିଜୟୀ ହୋଇଥିଲା। ଏହି ଟ୍ରଫିକୁ ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୋଇଲିପୁର ସରପଞ୍ଚ ଦିଲୀପ ରାଉତ, ସମିତି ସଭ୍ୟ ଅଭୟ ଖଣ୍ଡୁଆଳ, ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ତପନ କୁମାର ପରିଡ଼ା, ସମ୍ପାଦକ ଅଭିମନ୍ୟୁ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ନୀରୋଦ ବଳ, ତନୁଜ ସାହୁ ଅମ୍ପାୟର ଓ ସୁରେଶ ଚନ୍ଦ୍ର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭଦ୍ରକର ଅମିତ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜଲଶାରେ ବିଶ୍ୱ ଶାନ୍ତି ବାର୍ତ୍ତା



ପାରାଦୀପ,୧୧।୧(ଶରତ ରାଉତ)

## ମହମ୍ମଦ ଜୟନ୍ତୀ

ପାରାଦୀପ ବଡ଼ପଡ଼ିଆ ଜାମା ମସ୍‌ଜିଦ ପରିସରରେ ଶନିବାର ବିଳମ୍ବିତ ରାତିରେ ପୈଗମ୍ବର ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜଲଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ଓ ଆଖପାଖ ଅଞ୍ଚଳର ମୁସ୍‌ଲିମ ପରିବାର ଲୋକେ ସାମିଲ ହୋଇଥିଲେ। ଏଥିରେ ସାୟର ଭାବେ ମୌଲାନା ତରେଜ ଆଲମ,ସାୟର ହିଲ୍ଲା ନୁରି, ସାୟର ସାହିର ରଜ୍ଜା, ମୌଲାନା ଆବରାରସମସି ପାରିଲେ, ଜାମା ମସ୍‌ଜିଦ ପାରାଦୀପ ସଭାପତି ସେଖ୍ ରମଜାନ, ସମ୍ପାଦକ ସୁଫି ଅହେମ୍ମଦ, ଉପସଭାପତି ଅବ୍‌ଦୁଲ ତାହିର ଖାନ, ସେଖ୍ ଅବ୍‌ଦୁଲ୍ ବାରି, ଅବ୍‌ଦୁଲ ରହିମ ଖାନ, ମିର ମମତାଜ୍ ଅଲ୍ଲି, ଆକ୍ରାମ ଖାନ, ସେଖ ସିଦ୍ଦିଖ ଅଫଜଲ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ମହାପୁରୁଷ ମହମ୍ମଦଙ୍କ ବିଶ୍ୱ ଶାନ୍ତି ବାର୍ତ୍ତା ସମସ୍ତ ମୁସଲମାନ ପାଳନ କରିବା ଦରକାର ବୋଲି ଏହି ଅବସରରେ ଅତିଥିମାନେ କହିଥିଲେ। ସ୍ଥାନୀୟ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଭାଜପା ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନିଯୁକ୍ତି ନାଁରେ ବିଶ୍ୱାସଘାତ କରିଚାଲିଛି ଜେଏସ୍‌ଡବ୍ଲ୍ୟୁ

କୁଜଙ୍ଗ,୧୧।୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଆରମ୍ଭରୁ ସ୍ଥାନୀୟ ଜନତାଙ୍କ ସହ ବିଶ୍ୱାସଘାତକତା କରିଚାଲିଥିବା ଅଭିଯୋଗ ହେଉଛି। ବିଶେଷକରି ନିଯୁକ୍ତି କ୍ଷେତ୍ରରେ ପ୍ରତାରଣା ଦେଇଚାଲିଛି। ଏହି ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦିନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱର୍କର୍ସ ୟୁନିୟନର ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡା ଓ ଜିନ୍ଦଲ ପ୍ରଭାବିତ ଉନ୍ନୟନ ସମିତିର ଆବାହକ ବିଜୟ କେତନ ସାହୁ ଜିଲା ପ୍ରଶାସନ ଓ ଶିଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଶିଳ୍ପ ପ୍ରଭାବିତ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତବାସୀଙ୍କୁ ଜେଏସ୍‌ଡବ୍ଲ୍ୟୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିରଗାର ପାଲଟିଛି। ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ ଓ ଶ୍ରମିକ ଭତ୍ତା ପ୍ରଦାନ କରାଯାଇ ନ ଥିବା ବେଳେ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ସୀମିତ କରାଯାଇଛି। ୨୦୨୧ରେ ଜିଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ୩ ପଞ୍ଚାୟତର ଜନପ୍ରତିନିଧିଙ୍କ ମଧ୍ୟରେ ନିଯୁକ୍ତି ସଂକ୍ରାନ୍ତରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ସେତେବେଳେ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ପ୍ରଭାବିତ ୩ ପଞ୍ଚାୟତର ଚାକିରି ଆଶାୟୀଙ୍କ ବୟସ ସୀମା ୧୮ରୁ ୩୨ ବର୍ଷ ରହିବ। ଗତ ୬ ତାରିଖ ଦିନ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦୩ ଜଣ ବୈଷୟିକ ଶିକ୍ଷାଧାରୀ ନିଯୁକ୍ତି ଆଶାୟୀଙ୍କ ଅନଲାଇନ ଜରିଆରେ ପରୀକ୍ଷା କରାଯାଇଛି। ହେଲେ ସେମାନଙ୍କ ବୟସ ସୀମା ୧୮ରୁ ୨୬ ବର୍ଷ ମଧ୍ୟରେ ରଖାଯାଇଥିବାରୁ ତଦୂର୍ଦ୍ଧ୍ୱ ବୟସର ବହୁ ଯୋଗ୍ୟ ଓ ଆଶାୟୀ ପ୍ରାର୍ଥିନୀ/ ପ୍ରାର୍ଥୀ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଯେଉଁମାନେ ପ୍ରକଳ୍ପ ପାଇଁ ସର୍ବସ୍ୱ ହରାଇଲେ, ସେମାନଙ୍କ ଭବିଷ୍ୟତ ଜୀବନଜୀବିକା ଅନ୍ଧକାରରେ ଥିଲାବେଳେ କମ୍ପାନୀ କର୍ତ୍ତୃପକ୍ଷ ବୟସକୁ ନେଇ ଯେଉଁ ପ୍ରତାରଣା ଦେଉଛନ୍ତି ତାହା କଟା ଘା'ରେ ଚୂନ ମାରିବା ସଦୃଶ। କମ୍ପାନୀ ୩ ପଞ୍ଚାୟତର ଅଧିବାସୀଙ୍କୁ ରବର କଣ୍ଢେଇ ଭାବି କେତେବେଳେ ନିଯୁକ୍ତି ଦେଉଛି ତ କେତେବେଳେ ମୌଖିକ ନିର୍ଦ୍ଦେଶରେ ବାହାର କରିଦେଉଛି। ଏଥିଯୋଗୁ କମ୍ପାନୀ ପ୍ରତି ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷ ଏସବୁ ପ୍ରହସନ ବନ୍ଦ କରି ୨୬ ବର୍ଷରୁ ଊର୍ଦ୍ଧ୍ୱ ବା ୨୦୨୧ ମସିହା ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ଦେଉ ଏବଂ ଅଣବୈଷୟିକ ଶିକ୍ଷାଧାରୀଙ୍କ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ। ନଚେତ୍ ଜନସାଧାରଣ ଏହାର ଜବାବ ଦେବାକୁ ପଛାଇବେ ନାହିଁ ବୋଲି ଉକ୍ତ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ମୋବାଇଲ୍ ଫୋନ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି| ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ | ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି|

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ| ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି| ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ| ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ|

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଅଧ୍ୟାପକ ଗଜେନ୍ଦ୍ର ତ୍ରିପାଠୀଙ୍କ ପରଲୋକ**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଗଜେନ୍ଦ୍ର ତ୍ରିପାଠୀ(୮୧)ଙ୍କର ରବିବାର ପରଲୋକ ହୋଇଯାଇଛି । ତ୍ରିପାଠୀଙ୍କ ଘର ନୟାଗଡ଼ ସହର ବେଢ଼ାଦ୍ୱାରରେ ଛକୋଲୀର ୫ମ ଲେନରେ । ମୃତ୍ୟୁ ଖବର ଜଣାପଡିବା ପରେ ସହପାଠୀ, ଛାତ୍ରଛାତ୍ରୀ ଘରେ ପହଞ୍ଚି ସମବେଦନା ଜଣାଇଥିଲେ ।

# ଭାପୁର ଉତ୍କର୍ଷ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ଅତିଥିମାନେ ଉତ୍କର୍ଷ ପତ୍ରିକା ଉନ୍ମୋଚନ କରୁଛନ୍ତି ।

ଭାପୁର,୧୧।୧(ପ୍ରଭାତ ବରାଡ଼)

ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳ ପଡ଼ିଆରେ ପ୍ରଥମ ଥର ୪ ଦିନ ଧରି ଚାଲିଥିବା ଭାପୁର ଉତ୍କର୍ଷ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଅପରାହ୍ନ ୩ ଟାରୁ ଲୋକକଳା, ଓଡ଼ିଶୀ ନୃତ୍ୟ, ଭଜନ, ବନ୍ଦନା, ନୃତ୍ୟ, ବଲାଙ୍ଗୀର ଡାଲଖାଇ ନୃତ୍ୟ ମନମୋହି ନେଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହୋତ୍ସବ କମିଟି ତରଫରୁ ଭାପୁର ବ୍ଲକ ସାମ୍ବାଦିକ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀମାନଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠାନ ସଭାପତି ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାପାଳ ମଧୁମିତା ରଥ, ମୁଖ୍ୟବକ୍ତା ପ୍ରଫେସର ଭାରତ ଭୂଷଣ ରଥ, ସମ୍ମାନିତ ଅତିଥି ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁବାସ ପଣ୍ଡା, ଏମ୍‌ପିଙ୍କ ଜିଲା ପ୍ରତିନିଧି ଗୟାଧର ପରିଡ଼ା ପ୍ରମୁଖ ମଞ୍ଚାସୀନ ରହି ପୁସ୍ତକ 'ଉତ୍କର୍ଷ' ଉନ୍ମୋଚନ କରିଥିଲେ । ମଞ୍ଚ ସଞ୍ଚାଳନ କରିଥିଲେ ଅଙ୍କିତା । ଅନ୍ତିମ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ ।

**ଉଦ୍‌ଯାପନୀ ଦିବସରେ ଅଘଟଣ**

ରାତି ପ୍ରାୟ ୮ଟାରେ ମହୋତ୍ସବ ମଞ୍ଚରେ ସଭାକାର୍ଯ୍ୟ ଚାଲିଥିବା ବେଳେ ମଞ୍ଚରେ ନିଆଁ ଲାଗି ଯାଇଥିଲା । ଅତିଥିମାନେ ଭୟଭୀତ ହୋଇ ପଡ଼ିଥିଲେ । କିଛି ସମୟ ପାଇଁ ବିଦ୍ୟୁତ୍ କଟା ଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ନୟାଗଡ଼ ବ୍ଲକ ଭିତ୍ତି ସଙ୍ଗୀତ ପ୍ରତିଯୋଗିତା ସେମିଫାଇନାଲରେ ୧୦ ପ୍ରତିଯୋଗୀ



ଅତିଥିଙ୍କ ଗହଣରେ ସେମିଫାଇନାଲକୁ ଯାଇଥିବା ପ୍ରତିଯୋଗୀମାନେ ।

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ସଙ୍ଗୀତଧାରା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭିତ୍ତି ସଙ୍ଗୀତ ପ୍ରତିଯୋଗିତାର ନୟାଗଡ଼ ବ୍ଲକ ଅଡିସନ ନୂଆ ରାଜବାଟୀ ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାକୁ ସଙ୍ଗୀତଧାରା ସଭାପତି ବିଜୟ କୁମାର ଚୌଧୁରୀ, ମୁଖ୍ୟ ପୃଷ୍ଠପୋଷକ ପ୍ରମୋଦ ପଟ୍ଟନାୟକ, ଶିକ୍ଷାକେନ୍ଦ୍ର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମିଶ୍ର ଏବଂ ବରିଷ୍ଠ ଶିକ୍ଷକ ନୀଳମାଧବ ନନ୍ଦ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ନୟାଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସଂଗୀତାନୁଷ୍ଠାନରୁ ୧୪ ରୁ ୨୪ବର୍ଷ ବୟସର ୨୩ଜଣ କଣ୍ଠଶିଳ୍ପୀ ଅଂଶଗ୍ରହଣ କରିଥିଲେ । ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ଗୁରୁ ରବୀନ୍ଦ୍ର କୁମାର ଦାଶ,କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ ରବୀନ୍ଦ୍ର କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଶୁଚିସ୍ମିତା ଦୋରା,ସୁକନିକା ଦାଶ, ପ୍ରତିପ୍ରଜ୍ଞା ମିଶ୍ର,ଚିନ୍ମୟ ପ୍ରସାଦ ବେହେରା,ଅମ୍ରିତା ରଥ, ଆଦିତ୍ୟ ଗୁମାନସିଂ,ବୃନ୍ଦାରାଣୀ ପ୍ରଧାନ,ଜୟଦୀପ ପଟ୍ଟନାୟକ,ସନ୍ଦୀପ ମହାନ୍ତି ଏବଂ ଓମ ପ୍ରକାଶ ମହାନ୍ତି ପ୍ରମୁଖ ୧୦ କଣ୍ଠଶିଳ୍ପୀ ସେମିକୁ ଯାଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ସଂଯୋଜକ ଲକ୍ଷ୍ମୀଧର ସାହୁ ତଥା ସଦସ୍ୟ ଅଶୋକ ମଲ୍ଲ,ଉମାକାନ୍ତ ମିଶ୍ର, ଜୟଶ୍ରୀ ଦେବୀ,ରବୀନ୍ଦ୍ର କୁମାର ସାହୁ ଓ ମାଧବ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ । ପ୍ରକାଶଯେ, ଜିଲାର ସମସ୍ତ ୮ ବ୍ଲକରେ କଣ୍ଠଶିଳ୍ପୀମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏଥିରୁ ମନୋନୀତ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କୋକିଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ କ୍ରମାନ୍ୱୟରେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ସହିତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ ।

## ବନ୍ଦେ ମାତରମ୍ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଯୋଗଦାନ କରିଥିବା କର୍ମକର୍ତ୍ତା ବୃନ୍ଦ ।

ଦଶପଲ୍ଲା, ୧୧।୧(ପ୍ରକାଶ କୁମାର ପାଣି)

'ବନ୍ଦେ ମାତରମ'ର ୧୫୦ ତମ ବାର୍ଷିକୀ ପାଳନ ଅବସରରେ ଜାନୁୟାରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯିବା ସହିତ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ 'ବନ୍ଦେ ମାତରମ'ର ସାମୁହିକ ଗାନ କରିବେ । ଏଥି ସହ ଆତ୍ମନିର୍ଭର ଭାରତ ଉପରେ ସଂକଳ୍ପ ପାଠ କରାଯିବ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ଜଣେ ଲେଖାଏ ବିଦ୍ୟାର୍ଥୀଙ୍କୁ ମନୋନୀତ କରାଯିବ ବୋଲି ଜଣାପଡିଛି । ଏ ନେଇ ଶନିବାର ଦଶପଲ୍ଲା ବ୍ଲକ ସଭାଗୃହରେ ବିଭିନ୍ନ ପଞ୍ଚାୟତ ସ୍କୁଲମାନଙ୍କୁ ନେଇ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଡ଼ିଓ ଗୋବିନ୍ଦ ଚନ୍ଦ୍ର ଦାଶ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣ ସାରିକା ଜେନା ପ୍ରମୁଖ ଯୋଗଦାନ କରି ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଜଣେ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ,ଅଧାପିକା ଏବଂ ଅଧାପକମାନେ ଯୋଗ ଦେଇଥିଲେ ।

## ବାଦ୍ୟ ବିଶାରଦ ରଙ୍କନିଧି ବାରିକଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

ରଣପୁର,୧୧।୧(ସୁକାନ୍ତ କିଶୋର ଡାକୁଆ)

ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲାଗାୟକ ମଣ୍ଡଳ, ନୟାଗଡ଼ର ବାୟକ ପ୍ରତିନିଧି ଓ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ପରିଷଦର ଆଜୀବନ ସଦସ୍ୟ ବିଶିଷ୍ଟ ବାଦକଗୁରୁ ବାଦ୍ୟ ବିଶାରଦ ରଙ୍କନିଧି ବାରିକଙ୍କ ୭୫ ତମ ଜୟନ୍ତୀ ତଥା ଗୁରୁପୂଜନ କାର୍ଯ୍ୟକ୍ରମ ରଣପୁର ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ତ୍ରିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାୟକ ବିଦ୍ୟାଭୂଷଣ ପଣ୍ଡିତ ରମାକାନ୍ତ ମିଶ୍ରଶର୍ମା ସଭାପତିତ୍ୱ କରିଥିବା ବେଳେ ଏହାର ସଂଯୋଜନା କରିଥିଲେ କମଳେଶ ମହାରଣା । ଗାୟକ ପୁରାଣଭୂଷଣ ପଣ୍ଡିତ ଶରତ ଚନ୍ଦ୍ର ଦାଶ ବେଦପାଠ ଓ ଗୁରୁ-ଅଷ୍ଟକ ପାଠ କରିଥିଲେ । ଗୁରୁପୂଜାର ପ୍ରାସଙ୍ଗିକତା ଏବଂ ମହତ୍ତ୍ୱ ଉପରେ ପାଲାକାର କଲ୍ୟାଣପାଣି ସମ୍ପାଦକ ତଥା ସଭାର ମୁଖ୍ୟ ଅତିଥି ଗାୟକ ସାରସ ସୁଦର୍ଶନ ମହାପାତ୍ର ବର୍ଣ୍ଣନା କରିଥିଲେ । ଜୀବିତାବସ୍ଥାରେ ପ୍ରତିଭା ପୂଜନର ଭୂମିକା ବେଶ ଗୁରତ୍ୱପୂର୍ଣ୍ଣ ବୋଲି ସଭାର ମୁଖ୍ୟବକ୍ତା ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର କହିଥିଲେ । ସମ୍ମାନିତ ଅତିଥି ପୂର୍ବକ ଗାୟକ ଜ୍ଞାନସୁଧା ସାରଦା ପ୍ରସନ୍ନ ନାୟକ, ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲାଗାୟକ ମଣ୍ଡଳ ସମ୍ପାଦକ ଗାୟକ ଅକ୍ରୁର ବାରିକ, ପାଲାଗାୟକ ମିଶ୍ର, ବିଶିଷ୍ଟ ଆଧାତ୍ମିକ ସାଧକ ଦୟାନିଧି ରାୟଗୁରୁ, ଗ୍ରାମ୍ୟ ସଭାପତି ମାଧବ ଚନ୍ଦ୍ର ସାହୁ ଓ ସାମାଜିକକର୍ମୀ ଦିଲ୍ଲୀପ କୁମାର ବଳିୟାରସିଂହ ମତ ଉପସ୍ଥାପନ କରିଥିଲେ । ରାଜ୍ୟସଂଘ ଉପଦେଷ୍ଟା ତଥା ବ୍ରହ୍ମପୁର ମେଡିକାଲ କଲେଜ ସ୍ନାୟୁଶଲ୍ୟ ବିଭାଗ ବିଶେଷଜ୍ଞ ପ୍ରଫେସର୍ ରବିନାରାୟଣ ପଣ୍ଡା ଅନୁପସ୍ଥିତି ଥିବାରୁ ତାଙ୍କଦ୍ୱାରା ପ୍ରେରିତ ଆଶୀର୍ବଚନ ପାଠ କରାଯାଇଥିଲା । ଯେଉଁ ପ୍ରତିଭାମାନେ ଏଥିରେ ସମ୍ବର୍ଦ୍ଧିତ ହୋଇଥିଲେ ସେମାନେ ହେଉଛନ୍ତି ପାଲା ଗାୟକ ସୁରେନ୍ଦ୍ରନାଥ ସାମନ୍ତରାୟ, ଶାଶ୍ୱତ କୁମାର ମିଶ୍ର ଓ ଦାସକାଠିଆ ଗାୟକ ସତ୍ୟନାରାୟଣ ନାୟକ । ବିଶିଷ୍ଟ ପାଲାବାୟକ ପ୍ରମୋଦ କୁମାର ପାଲଟାସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଗାୟିକା ବାଣୀଭାରତୀ ଟିଙ୍କିନା ତ୍ରିପାଠୀ । ସଭାକାର୍ଯ୍ୟର ପରିସମାପ୍ତି ପରେ ପରେ ପାଲା ପରିବେଷଣ କରିଥିଲେ ଗାୟକ ଜ୍ଞାନସୁଧା ସାରଦା ପ୍ରସନ୍ନ ନାୟକ ।

## ଖବରଦାତା ସଂଘ ପରିବାରକୁ ନେଇ ବନ୍ଧୁମିଳନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବରଦାତା ଓ ସେମାନଙ୍କ ପରିବାର ସଦସ୍ୟ ।

ଭାପୁର, ୧୧।୧(ପ୍ରଭାତ ବରାଡ଼)

ନୟାଗଡ଼ ଜିଲା ଅନ୍ତର୍ଗତ ଭାପୁର ବ୍ଲକ ପେସାଦାର ଖବରଦାତା ସଂଘର ସପରିବାରକୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ଏପରି ଏକ ବନ୍ଧୁମିଳନ କଟକ ଜିଲା ଅନ୍ତର୍ଗତ ବୈଦ୍ୟେଶ୍ୱର ରାମନାଥ ପାଦଦେଶରେ ଥିବା ମା' ଲୋଭେଇଶୁଣୀ ପରିସରରେ ଆୟୋଜନ କରାଯାଇଥିଲା । ସଂଘ ସଭାପତି ଶୁଭେନ୍ଦୁ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବନ୍ଧୁମିଳନ ଉତ୍ସବ ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ସଂଘ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ବରିଷ୍ଠ ଖବରଦାତା ଗୀତିକାନ୍ତ ପଣ୍ଡା, ସନାତନ ଷଡ଼ଙ୍ଗୀ, ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ମନୋଜ କିଶୋର ସାହୁ, ପ୍ରଭାତ ପଟ୍ଟନାୟକ, ଭରତ କୁମାର ବେହେରା, ବିଶ୍ୱଜିତ ବାରିକ, ରମେଶ ଚନ୍ଦ୍ର ବରାଡ, ଚିତ୍ତରଞ୍ଜନ ପଣ୍ଡା, ଅଜୟ କୁମାର ନାୟକ ଓ ପ୍ରଭାତ କୁମାର ବରାଡ଼ ସମେତ ସପରିବାର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସଂଘର ଯୁବ ଖବରଦାତା ସୁଶାନ୍ତ କୁମାର ପଟ୍ଟନାୟକ, କୁଳମଣି ଦାଶଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସମସ୍ତ ଖବରଦାତା ନିଜ ନିଜର ମତ ପ୍ରକାଶ କରିବା ସହ ସଂଘର ନୀତିନିୟମ ପାଳନ କରିବେ ବୋଲି ଶପଥ କରିଥିଲେ ।

ଅନ୍ୟପକ୍ଷରେ ଏହି ଅବସରରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଖବରଦାତାମାନଙ୍କ ସୁରକ୍ଷା, ମଙ୍ଗଳ ପାଣ୍ଠି, ପେନ୍‌ସନ ଓ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହେବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା, ଗରିବ ଅସହାୟମାନଙ୍କୁ ସହାୟତା ପାଇଁ ପାଣ୍ଠି କରିବା ନେଇ ଆଲୋଚନା ହୋଇଥିଲା । ଶେଷରେ ପିଲାମାନଙ୍କୁ ନେଇ ନାଚଗୀତ, କୁଇଜ୍ ପ୍ରତିଯୋଗିତା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ପ୍ରଭାତ କୁମାର ବରାଡ଼ ଧନ୍ୟବାଦ ଦେଇଥିଲେ ।

## ଗୁପ୍ତେଶ୍ୱର କ୍ରିକେଟ କ୍ଲବ୍ ବିଜୟୀ

ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ, ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡ଼ିଆରେ ଶନିବାର ୨୮ତମ ସଚିନ ଓ ଲିପୁନ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଲିଗ୍ ମ୍ୟାଚ୍‌ରେ ଗୁପ୍ତେଶ୍ୱର କ୍ରିକେଟ କ୍ଲବ ୪ ଉଇକେଟରେ କାନପୁର କ୍ରିକେଟ କ୍ଲବ୍‌କୁ ହରାଇ ବିଜୟୀ ହୋଇଛି । ଏହି ୨ୟ ଲିଗ୍ ମ୍ୟାଚରେ କାନପୁର କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ବିନିମୟରେ ୨୦୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଗୁପ୍ତେଶ୍ୱର କ୍ରିକେଟ କ୍ଲବ୍ ୧୪.୫ ଓଭରରେ ୬ ଉଇକେଟ ହରାଇ ନିର୍ଦ୍ଧାରିତ ୨୧୩ ରନ୍ ସଂଗ୍ରହକରି ବିଜୟୀ ହୋଇଛି । ବିଜୟୀ ଦଳର ରିତୁ ପ୍ରସାଦ ୧୭ ବଲରେ ୫୬ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଅତିଥିଭାବେ ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ନାୟକ ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଦଶପଲ୍ଲା କପ୍ ଫୁଟବଲ — ପ୍ରଥମ ସେମିଫାଇନାଲରେ ବିହାର ବିଜୟୀ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି ।

ଦଶପଲ୍ଲା,୧୧।୧(ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଅଗ୍ରଣୀ କ୍ରିଡ଼ା ଅନୁଷ୍ଠାନ ସ୍ପୋର୍ଟସ ସ୍ପୋର୍ଟସ ସୋସାଇଟ ଆନୁକୂଲ୍ୟରେ ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ଖେଳ ମା' କାମାକ୍ଷା ସ୍ପୋର୍ଟିଂ କ୍ଲବ ବିହାର ଏବଂ ଫିୟୁଚର ଫୁଟୁବଲ ଏକାଡ଼େମୀ ମଣିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ବିହାର ଦଳ ପ୍ରଥମାର୍ଦ୍ଧରେ ମଣିପୁରକୁ ଗୋଟିଏ ଗୋଲ ଦେଇ ୧-୦ ରେ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ । ତେଣୁ ଖେଳ ଶେଷ ସୁଦ୍ଧା ବିହାର ସେଇ ଗୋଲଟିରେ ଅଗ୍ରଣୀ ରହି ମ୍ୟାଚ ଜିତି ଯାଇଥିଲା । ଖେଳ ପରିଚାଳନା କରିଥିଲେ ରେଫରୀ ରାଜୁ ମହାନ୍ତି, ପ୍ରସନ୍ନ ନାୟକ, ରବୀନ୍ଦ୍ର କୁମାର ନାୟକ, ବିଦ୍ୟାଧର ନାୟକ ଏବଂ ଅଶୋକ ପ୍ରଧାନ । ଖେଳରେ ମୁଖ୍ୟ ଅତିଥି ଭାବେ ମୃତ୍ତିକା ସଂରକ୍ଷଣ ବିଭାଗ ଉପ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ଶତପଥୀ ଯୋଗ ଦେଇଥିଲେ । ସୋମବାର ମହିଳା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ହେବବୋଲି ଅନୁଷ୍ଠାନ ସଭାପତି ଦିଲ୍ଲୀପ କୁମାର ପଣ୍ଡା ଏବଂ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ଜଣାଯାଇଛି ।

## ନୀଳମାଧବ ବିଦ୍ୟାପୀଠ ୧୯୮୫ ବ୍ୟାଚ୍ ବନ୍ଧୁମିଳନ

ଖଣ୍ଡପଡ଼ା,୧୧।୧
(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୮୫ ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ନବ କିଶୋର ବେହେରା ଓ ମନୋଜ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ନିକଟସ୍ଥ ମା' ନାରାୟଣୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମସ୍ତ ସହପାଠୀ ମା' ନାରାୟଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ନୂତନ ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ । ପୁରାତନ ସହପାଠୀ ସଂଘ ସଭାପତି ଅମୀୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ପୁରାତନ ସହପାଠୀମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମୟରେ ସମସ୍ତ ସହପାଠୀ ମିଳିତ ହୋଇ ସହଯୋଗର ହାତ ବଢାଇବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପରେ ପୁରାତନ ସହପାଠୀମାନଙ୍କ ସହମତିରେ ଆଗାମୀ ବର୍ଷରେ ଯେପରି ସମସ୍ତ ସହପାଠୀ ଏକତ୍ରିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବେ ସେ ନେଇ ପ୍ରୟାସ ଜାରି ରଖିବାକୁ କମିଟି କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ସାହୁ ଉପସ୍ଥିତ ସମସ୍ତ ସହପାଠୀମାନଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗ ଦେଇଥିଲେ ।

## ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ଗୁଣ୍ଠୁଣି ବିଜୟୀ

ଖଣ୍ଡପଡ଼ା,୧୧।୧
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ଷ୍ଟାଡିୟମରେ ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ମ୍ୟାଚରେ ଇନ୍ଦିପଟ୍ଟା ଏବଂ ଗୁଣ୍ଠୁଣି କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ । ପ୍ରଥମେ ଇନ୍ଦିପଟ୍ଟା କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୯ ଓଭରରେ ୫ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା । ଜବାବରେ ଗୁଣ୍ଠୁଣି ୯ ଓଭରରେ ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୧୧୫ ରନ ହାସଲ କରି ବିଜୟଲାଭ କରିଛି । ବାବାସାହେବ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ବିଜୟ କୁମାର ସେଠୀ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ । ମ୍ୟାଚକୁ ପ୍ରଶାନ୍ତ କୁମାର ନାଏକ ଓ ପ୍ରିୟବ୍ରତ ନାଏକ ପରିଚାଳନା କରିଥିଲେ । ଶୁଭମ ବାରିକ ସ୍କୋରବୋର୍ଡ଼ ଦାୟିତ୍ୱରେ ଥିବାବେଳେ ଭାଷ୍ୟକାର ଭାବେ ରଞ୍ଜିତ ନାଏକ ଓ ପଞ୍ଚାନନ ନାହାକ କାର୍ଯ୍ୟଭାର ତୁଲାଇଥିଲେ ।

## ବୈଦିକ ସଂସ୍କୃତି ପ୍ରତିଷ୍ଠାନରେ ସମାବେଶ, ବନଭୋଜନମ ମହୋତ୍ସବ

ଖଣ୍ଡପଡ଼ା,୧୧।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତ ଅଧୀନ ନଟବରପୁର ଶାସନ ଗ୍ରାମରେ ପ୍ରତିଷ୍ଠିତ ବୈଦିକ ସଂସ୍କୃତି ପ୍ରତିଷ୍ଠାନମ୍ ଓ ବେଦ ଶାସ୍ତ୍ର ପାଠଶାଳାର ବେଦ ବାଟିକା ପରିସରରେ ଏକ ସମାବେଶ ତଥା ବନଭୋଜନମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିନାୟକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ସଭାପତି ସ୍ୱର୍ଗତ ଦୀନବନ୍ଧୁ ଦାଶଙ୍କ ଉଦ୍ଦେଶ୍ୟରେ ଏକ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରତିଷ୍ଠାତା ସଭାପତି ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ସଂଘ ସଭାପତି ବିନାୟକ ମିଶ୍ର ବୈଦିକ ସଂସ୍କୃତିର ପ୍ରଚାର ସହିତ ଖଣ୍ଡପଡ଼ା ମାଟିର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ପ୍ରତିଷ୍ଠାନର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ମଦନମୋହନ ପ୍ରଧାନ ସମାଜ ସଂସ୍କାର କ୍ଷେତ୍ରରେ ଯୁଗେ ଯୁଗେ ସଂସ୍କୃତ ଭାଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବୁଝାଇଥିଲେ । ବିଶିଷ୍ଟ ବିଦ୍ୱାନ ତଥା ମନୋଜ କୁମାର ଦାଶ (ରାମାୟଣୀ) ସଦାଚାର ଓ ସଦ୍‌ବ୍ୟବହାର ଜ୍ଞାନ ପାଇଁ ବୈଦିକ ଜ୍ଞାନର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଖବରଦାତା ଭବାନୀଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅଧ୍ୟାପକ ସତ୍ୟବାନ ଦାଶଙ୍କ ମାର୍ଗଦର୍ଶନରେ ବେଦପାଠୀଗଣ ବୈଦିକ ମନ୍ତ୍ର ପାଠ କରିଥିଲେ । ପଥରଗଣ୍ଡ ଗ୍ରାମର ପ୍ରମୁଖ ବାୟକ ଲକ୍ଷ୍ମଣ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ହରିନାମ ସଙ୍କୀର୍ତ୍ତନ ଓ ଭଜନ ଗାନ କରାଯାଇଥିଲା । ଗଡିଆସାହି ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ପାଢୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ମହୋତ୍ସବରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ରାଜକିଶୋର ପାତ୍ର, ପଠାଣିସାମନ୍ତ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପିକା ଲୋପାମୁଦ୍ରା ଷଡ଼ଙ୍ଗୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ସାମାଜିକକର୍ମୀ ଜିତେନ୍ଦ୍ର ଭାଇ, ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ବିମ୍ବାଧର ଆଚାର୍ଯ୍ୟ, ଆବାହକ ରମେଶ ଚନ୍ଦ୍ର ଆଚାର୍ଯ୍ୟ, ସଚିବ ଶିବ ନାରାୟଣ ଆଚାର୍ଯ୍ୟ, ସୁରେନ୍ଦ୍ର କୁମାର ମିଶ୍ର, ମାଧବ ଚନ୍ଦ୍ର ତ୍ରିପାଠୀ, ତ୍ରିଲୋଚନ ଆଚାର୍ଯ୍ୟ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ ପ୍ରତିଷ୍ଠାନ ପକ୍ଷରୁ ସାମୂହିକ ପହିଲି ଭୋଗ ପ୍ରସାଦ ସେବନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଦଜ୍ଞମାନେ ।

## ଶରଣକୁଳରେ ପର୍ଯ୍ୟଟକଙ୍କ ଭିଡ଼

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ କିଛି ଦିନ ହେଲା ପର୍ଯ୍ୟଟକଙ୍କ ଭିଡ ଲାଗି ରହିଛି । ହଜାର ହଜାର ପର୍ଯ୍ୟଟକମାନେ ଧାଡି କରି ଲଡୁବାବାଙ୍କୁ ଦର୍ଶନ କରୁଛନ୍ତି । ପର୍ଯ୍ୟଟକଙ୍କ ଧାଡିକୁ ଦେଖିଲେ ଶିବରାତ୍ରୀ ଯାଗର ଯାତ୍ରାର ଭ୍ରମ ସୃଷ୍ଟି ହେଉଛି । ପୋଲିସ ପ୍ରଶାସନ ଓ ମନ୍ଦିର ପକ୍ଷରୁ ପର୍ଯ୍ୟଟକଙ୍କ ଦର୍ଶନକୁ ସୁବିଧା କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ । ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ଭୁବନେଶ୍ୱରରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର

**୧୨ ସାଇବର ଅଭିଯୁକ୍ତ ଗିରଫ**

**୬୦ ମୋବାଇଲ, ୨ ଲାପଟପ୍, ଥାର୍ ଗାଡି ଆଦି ଜବତ**



ଭୁବନେଶ୍ୱର,୧୧।୧(ସତ୍ୟଜିତ ରାଉତ)

ଓଡ଼ିଶାରୁ ଅପରେଟ୍ ହେଉଥିଲା ଆନ୍ତଃରାଜ୍ୟ ସାଇବର ଠକେଇ ର୍ୟାକେଟ। ଭୁବନେଶ୍ୱରରେ କଲ୍ ସେଣ୍ଟର ଖୋଲି ବିଭିନ୍ନ ରାଜ୍ୟର ଲୋକଙ୍କୁ ଫସାଇ ଲୁଟୁଥିଲେ। ଏହା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ରବିବାର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପ୍ଲଟ ନଂ.୨୧୬୧/୧୬ସ୍ଥିତ ଘରେ ଚଢ଼ାଉ କରି ୧୨ଜଣ ସାଇବର ଠକଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୭ଜଣ ବିହାର, ୪ଜଣ କେରଳ ଏବଂ ଜଣେ ଓଡ଼ିଶାର ରହିଛନ୍ତି। ଅଭିଯୁକ୍ତମାନେ ହେଲେ ବିହାର ନୱାଦା ଜିଲାର ବିଜୟ କୁମାର (୨୪), ସଞ୍ଜୟ କୁମାର ରାୟ (୪୨), ଅର୍ଜୁନ ରାଜ (୨୨), ନାଳନ୍ଦା ଜିଲାର ପଙ୍କଜ କୁମାର (୩୭), ପିଣ୍ଟୁ କୁମାର (୨୭), ଗୁଞ୍ଜନ କୁମାର (୪୦) ଓ ମନୀଷ କୁମାର (୨୦), କେରଳ ଏର୍ନାକୁଲମ୍ ଜିଲାର ଅଜୟ ରାଜ (୩୯), ଇଡୁକି ଜିଲାର ସନ୍ତୁରୁ ଭି (୨୫), ଅଜିତ ଏମ୍ (୨୮), ସରଥଶଶି (୨୫) ଏବଂ ଭୁବନେଶ୍ୱର ବଡ଼ଗଡ ଥାନା ଅଞ୍ଚଳର ଦେବାଶିଷ ତ୍ରିପାଠୀ (୪୪)। ଅଭିଯୁକ୍ତଙ୍କଠାରୁ ୩୦ଟି କି-ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପଟପ୍, ଥାର୍ ଗାଡି, ସ୍କୁଟି, ୬ଟି ସିମ୍‌କାର୍ଡ, ସ୍ୱିଡ୍‌ପୋଷ୍ଟ ଷ୍ଟାମ୍ପ, ସ୍କ୍ରାଚ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏନେଇ ପୋଲିସ ଶନିବାର ଏକ ମାମଲା (ନଂ.୨୬/୨୦୨୬) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଛାନଭିନ୍ ଚାଲିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

**ବିହାରକୁ ଯାଉଥିଲା ଠକେଇ ଟଙ୍କା**

କିଛିମାସ ହେବ ଅଭିଯୁକ୍ତ ଦେବାଶିଷଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍ୟାକେଟର ମାଷ୍ଟରମାଇଣ୍ଡ୍ ବୋଲି ପୋଲିସ କହିଛି। ଏଜେଣ୍ଟଙ୍କ ଜରିଆରେ ନାପାଟୋଲ, ମେସୋ ଏବଂ ଅନ୍ୟାନ୍ୟ ଇ-କମର୍ସ ପ୍ଲାଟଫର୍ମରୁ ଗ୍ରାହକଙ୍କ ତଥ୍ୟ ପଙ୍କଜ ଯୋଗାଡ କରୁଥିଲେ। ଏଥିସହ ଟଙ୍କା ଟ୍ରାନ୍ସଫର୍ ପାଇଁ ସେ ବିହାରରେ ନିୟୋଜିତ କରିଥିବା ଏଜେଣ୍ଟଙ୍କ ଜରିଆରେ ମ୍ୟୁଲ୍ ଆକାଉଣ୍ଟ ଆଣୁଥିଲେ। ୟୁପିଆଇ ଆଡି ସମେତ ମ୍ୟୁଲ ଆକାଉଣ୍ଟ ଜରିଆରେ ଲୋକଙ୍କଠାରୁ ଟଙ୍କା ଠକେଇ କରି ଆଣୁଥିଲେ। ଏଥିସହ ସେମାନେ ଏଜେଣ୍ଟଙ୍କ ଜରିଆରେ ଫେକ୍ ପ୍ରି ଆକ୍ଟିଭେଟେଡ୍ ସିମ୍ ସଂଗ୍ରହ କରି ଠକେଇ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଓଡ଼ିଶାରେ ଏହି ସାଇବର ଠକେଇ କଲ୍ ସେଣ୍ଟର ଚାଲୁଥିବା ବେଳେ ଠକେଇ ଟଙ୍କା ମ୍ୟୁଲ ଆକାଉଣ୍ଟ ଜରିଆରେ ବିହାରକୁ ଯାଉଥିଲା।

**ଲୋକଙ୍କୁ ଏମିତି ଫସାଇ ଠକୁଥିଲେ**

ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଗ୍ରାଫିକ୍ସ ଡିଜାଇନର ହୋଇଥିବବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଉଥିଲେ। ସେଥିରେ ସେ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ସାଇବର ଠକମାନେ ବସ୍ ଜରିଆରେ ଏହି ଲେଟରକୁ କୋଲକାତାକୁ ପଠାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ୱିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ କାର୍ଡ, ଲକି ଡ୍ର କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ୫ହଜାର ୫୦୦ ଟଙ୍କାରୁ ୧୨ ହଜାର ପର୍ଯ୍ୟନ୍ତ ବିଭିନ୍ନ ଫି ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ଲୋନ୍ ଦେବାକୁ ଫେସ୍‌ବୁକରେ ବିଜ୍ଞାପନ ଦେଉଥିଲେ। କମ୍ ସୁଧରେ ବିଭିନ୍ନ ଫାଇନାନ୍‌ସିଆଲ କମ୍ପାନୀ ନାମରେ ଋଣ ଦେବାକୁ କହି ଲୋକମାନଙ୍କୁ ଫସାଉଥିଲେ। ଗ୍ରାହକମାନେ ଋଣ ନେବାକୁ ରାଜି ହେଲେ ବିଭିନ୍ନ ଫି ବାହାନାରେ ଟଙ୍କା ଲୁଟୁଥିଲେ। ଏଥିସହ ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଗ୍ରାହକମାନେ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ପରେ କଲ୍ ସେଣ୍ଟର ଜରିଆରେ ଠକମାନେ ବିଭିନ୍ନ ଫି ବାହାନାରେ ଟଙ୍କା ଠକିନେଉଥିଲେ।

**ରିମାଣ୍ଡରେ ଆସିବେ ୩ ମାଷ୍ଟରମାଇଣ୍ଡ**

ମାଷ୍ଟରମାଇଣ୍ଡ ଦେବାଶିଷ, ଅର୍ଜୁନ ଓ ପଙ୍କଜଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି ପୋଲିସ। ଏମାନଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ଏଜେଣ୍ଟମାନଙ୍କ ତଥ୍ୟ ମିଳିଲେ ର୍ୟାକେଟ୍‌ର ପୂରା ପର୍ଦ୍ଦାଫାଶ ହୋଇପାରିବ। ତେବେ ଅଭିଯୁକ୍ତମାନେ କିଭଳି ଓଡ଼ିଶା ଆସିଲେ, ଦେବାଶିଷଙ୍କ ସହ କିପରି ସମ୍ପର୍କ ହେଲା, ସେନେଇ ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା କଲେ ଅଧିକ ସୂଚନା ମିଳିପାରିବ ବୋଲି ପୋଲିସ କମିଶନର କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ, ୨୬ ଗିରଫ



ଗିରଫ ଅଭିଯୁକ୍ତମାନେ।

**୯.୨୪ ଲକ୍ଷ ଟଙ୍କା, ୧୦ ବାଇକ୍, କାର୍ ଜବତ**

ଦିଗପହଣ୍ଡି,୧୧।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା କରପଡ଼ା ପଞ୍ଚାୟତ ଜଘମା ଗ୍ରାମ ନିକଟ ଜଙ୍ଗଲରେ ଶନିବାର ସନ୍ଧ୍ୟାରେ ଜୁଆଖେଳ ଚାଲିଥିବା ଖବରପାଇ ଚଢ଼ାଉ କରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ ହୋଇଛି। ଏଏସ୍‌ଆଇ ମନୋଜ ସିଂଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତ ଆଡ୍ଡାରେ ପହଞ୍ଚିବାରୁ ଜୁଆ ଖେଳୁଥିବା ବହୁସଂଖ୍ୟକ ବ୍ୟକ୍ତି ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏପରି କି କେତେଜଣ କନଷ୍ଟେବଲଙ୍କୁ ସେମାନେ ହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଅଧିକା ଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଟିମ୍ ସେଠାରୁ ୨୬ ଅଭିଯୁକ୍ତଙ୍କୁ ଧରିବା ସହ ଜୁଆଆଡ୍ଡାରୁ ୯ ଲକ୍ଷ ୨୪ ହଜାର ଟଙ୍କା, ୩୨ଟି ମୋବାଇଲ ଫୋନ୍, ୧୨ଟି ବାଇକ, ଗୋଟିଏ କାର ଏବଂ ୧୮ ପ୍ୟାକେଟ ତାସ ଜବତ କରିଛି। ଆହତ ପୋଲିସ କର୍ମଚାରୀମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଏ ନେଇ ଏଏସ୍‌ଆଇ ସିଂଙ୍କ ଏତଲା ଅନୁଯାୟୀ ନଂ.୧୨/୨୬ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଗଞ୍ଜାମ ଜିଲା ବଡ଼ଗଡ଼, ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ଗୋଳନ୍ଥରା, ଶେରଗଡ଼, କେ. ନୂଆଗାଁ, ଦିଗପହଣ୍ଡି, ଜରଡ଼ା ଥାନା ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କୁ ରବିବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଗଣ୍ଡଗୋଳରୁ ଛୁରାମାଡ଼

ଜଳେଶ୍ୱର, ୧୧।୧(ନବୀନ ସାହୁ)

ବାଲେଶ୍ୱର ଜଳେଶ୍ୱର ଥାନା ଅଧୀନ ଜାତୀୟ ରାଜପଥର ନନ୍ଦିକା ବାଇପାସ୍ ନିକଟରେ ମୋବାଇଲରେ ଭିଡିଓ ଉତ୍ତୋଳନକୁ କେନ୍ଦ୍ର କରି ୨ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗଣ୍ଡଗୋଳ ସମୟରେ ରାଜକିଶୋର ପାତ୍ର(୪୧)ଙ୍କୁ ଛୁରାମାଡ ହୋଇଥିବା ତାଙ୍କ ସ୍ତ୍ରୀ ସୁଜାତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ଅପରାହ୍ନ ସମୟରେ ଏହି ଘଟଣା ଘଟିଛି। ସୁଜାତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ଶନିବାର ଦୋକାନରୁ ଜିନିଷ ଆଣୁଥିବା ବେଳେ ତାଙ୍କ ପଡୋଶୀ ବ୍ୟବସାୟୀ ରାଜେଶ ପାତ୍ର ମୋବାଇଲରେ ଭିଡିଓ କରୁଥିଲେ। କାହିଁକି ଭିଡିଓ କରୁଛ ବୋଲି ରାଜକିଶୋର ପଚାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରବିବାର ସକାଳେ ରାଜକିଶୋର ଓ ରାଜେଶଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲା। ଏହାପରେ ରାଜେଶ ରାଜକିଶୋରଙ୍କୁ ମାଡି ବସିଥିବା ବେଳେ ଏହି ସମୟରେ ଉତ୍ତେଜିତ ହୋଇ ତାଙ୍କ ବାପା ଅଭି ଏକ ଛୁରିରେ ରାଜକିଶୋରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜକିଶୋର ଗୁରୁତର ହୋଇଥିବାବେଳେ ତାଙ୍କୁ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲ ଓ ସେଠାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା(ନଂ.୨୬/୨୬) ରୁଜୁ କରି ତଦନ୍ତ ଚଳାଇଛି।

# ୭୮ ଚୋରି ମାମଲାର ଅଭିଯୁକ୍ତ ନଣ୍ଡା ଗିରଫ

**ସହଯୋଗୀ ପାଳିତ ପୁଅ ମଧ ଜେଲ ଗଲେ**

ଭୁବନେଶ୍ୱର,୧୧।୧(ସତ୍ୟଜିତ ରାଉତ)

ଧଉଳି ଥାନା ପୋଲିସ ୭୮ ଚୋରି ମାମଲାର ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତା ଗ୍ରାମର ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା (୪୯)। ନଣ୍ଡାଙ୍କ ସହଯୋଗୀ ତଥା ପାଳିତ ପୁଅ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବନଫୁଲ ବସ୍ତିର ମୁନମୁନା ପ୍ରଧାନ (୨୬)ଙ୍କୁ ମଧ ପୋଲିସ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଅଟୋ (ଓଡି୦୨ଡିବି୨୭୪୯), ଶାବଳ, ରୁପା ଚେନ, ୧୫ଟି ରୁପା କଏନ ଆଦି ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଣ୍ଡାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୭୮ଟି ଚୋରି ମାମଲା ରହିଛି। ଅଭିଯୋଗ ଅନୁଯାୟୀ, ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଧଉଳି ଥାନା ଅନ୍ତର୍ଗତ ପ୍ଲଟ ନଂ.୬୮/୧୫୫୨ସ୍ଥିତ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଘରକୁ ନଣ୍ଡା ଟାର୍ଗେଟ୍ କରିଥିଲେ। ସନ୍ଧ୍ୟାରାଣୀ ତାଙ୍କ ପିଲାଙ୍କ ସହ ବେଡରୁମ୍‌ରେ ଶୋଇଥିବାବେଳେ ନଣ୍ଡା ଅନ୍ୟ ଏକ ବେଡରୁମ୍‌ର ଝରକା ତାଡ଼ି ଘରେ ପଶିଥିଲେ। ଉକ୍ତ ରୁମ୍‌ରୁ ୨୦ ହଜାର ଟଙ୍କା, ସୁନା ଚେନ୍, ସୁନା ମୁଦି, ରୁପା ଚେନ୍, ରୁପା କଏନ ଓ କିଛି ଏଟିଏମ୍ କାର୍ଡ ଚୋରି କରିନେଇଥିଲେ। ଏନେଇ ସନ୍ଧ୍ୟାରାଣୀଙ୍କ ଏତଲାକ୍ରମେ ଧଉଳି ପୋଲିସ ମାମଲା (ନଂ.୬/୨୦୨୬) ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ୍‌ରୁ ଏହା ନଣ୍ଡାଙ୍କ କାରନାମା ବୋଲି ଜଣାପଡ଼ିଥିଲା। ତେବେ ପରେ ପାଳିତ ପୁଅ ମୁନମୁନା ଚୋରି ଏବଂ ଚୋରି ସାମଗ୍ରୀ ବିକ୍ରି କରିବାରେ ସହଯୋଗ କରିଥିବା ଜଣାପଡ଼ିଥିଲା। ନଣ୍ଡା ଅନେକ ଥର ଜେଲ ଯାଇଥିଲେ ମଧ ଜାମିନରେ ଆସି ଚୋରି କରୁଥିଲେ।

# ବିଲ ମଝିରେ ଅଧାପୋତା ଗଳିତ ମୃତଦେହ

ଭଦ୍ରକ,୧୧।୧(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜି ପଞ୍ଚାୟତର ଅସୁରା ଗ୍ରାମ ନିକଟ ବିଲ ମଝିରୁ ଏକ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ବିଲ ମଝିରେ ଥିବା ଦଳ ଭର୍ତ୍ତି ଖାଲରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଖବର ଜଣାପଡ଼ିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। କେହି ଦୁର୍ବୃତ୍ତ ହତ୍ୟା କରି ମୃତଦେହକୁ ଏଠାରେ ପକାଇଥିବା ଏବଂ ଉକ୍ତ ସ୍ଥାନରେ ପାଣି ଥିବା ସହ ମାଟି ଓଦା ଥିବାରୁ ମୃତଦେହ ପଡ଼ିବା ପରେ ଅଧା ପୋତି ହୋଇଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତଦେହ ପ୍ରାୟ ଏକ ସପ୍ତାହ ତଳର ହେବ। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କିମ୍ୱା ଅନ୍ୟ କିଛି ଘଟଣା ସ୍ପଷ୍ଟ ହେବ ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ନୀରଜ ସାମଲ କହିଛନ୍ତି।

## Business

# ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି କୃଷି କ୍ଷେତ୍ର

**■୧୦ ବର୍ଷରେ ଚାଷୀଙ୍କ ଆୟ ୧୨୬% ବୃଦ୍ଧି**



ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ଭାରତର କୃଷି କ୍ଷେତ୍ର ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି। ଏଥିରେ ଦେଶର ମୋଟ ଶ୍ରମଶକ୍ତିର ୪୬% ଶ୍ରମିକ ନିୟୋଜିତ ରହିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୬୪% ମହିଳା। ସମାବେଶୀ ବିକାଶ ସୁନିଶ୍ଚିତ କରିବା ଏବଂ ସବକା ବିକାଶର ଲକ୍ଷ୍ୟକୁ ସାକାର କରିବାରେ କୃଷି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ରମେଶ ଚନ୍ଦଙ୍କ ଦ୍ୱାରା ଲିଖିତ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ମୁତାବକ ୨୦୧୪-୧୫ ମସିହା ପରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଜିଭିଏ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୪-୨୫ ମଧ୍ୟରେ କୃଷି କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ହାର ଐତିହାସିକ ସର୍ବୋଚ୍ଚ ସ୍ତର ୪.୪୫% ରହିଛି । ଏହା ପ୍ରମୁଖ କୃଷି ପ୍ରାଧାନ୍ୟ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ଭାରତର କୃଷି ଅଭିବୃଦ୍ଧି ୨୦୧୫-୨୦୨୪ ମଧ୍ୟରେ ୪.୪୨% ରହିଛି ଯାହା ଚାଇନାର ୪.୧୦%କୁ ଅତିକ୍ରମ କରିଛି। ମତ୍ସ୍ୟପାଳନ କ୍ଷେତ୍ରରେ ୯% ଅଭିବୃଦ୍ଧି ଦେଖିବାକୁ ମିଳିଛି, ଯାହା ଫସଲ କ୍ଷେତ୍ର ତୁଳନାରେ ୩ ଗୁଣ ଅଧିକ। ବନୀକରଣ କ୍ଷେତ୍ରରେ ୨୦୧୪-୧୫ ପରେ ୪% ବିକାଶ ଦେଖିବାକୁ ମିଳିଛି । ଫସଲ ମଧ୍ୟରେ ଗୋଖାଦ୍ୟ ଓ ଘାସ ୭.୩୯%, ମସଲା ୬.୭୨%, ଫଳ ୩.୬୮%, ଡାଲି ୩.୫୫%, ତୈଳବୀଜ ୨.୪୭% ଏବଂ ଶସ୍ୟ ୨.୩୬ %ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ମୋଟ କୃଷି ଉତ୍ପାଦନରେ ଫସଲର ଅନୁପାତ ୬୩.୭୫%ରୁ ୫୪.୩୩କୁ ହ୍ରାସ ପାଇଛି। ପ୍ରାଣୀସମ୍ପଦର ଅଂଶ ୭.୯୧% ଅଙ୍କ ବୃଦ୍ଧି ପାଇଥିବା ବେଳେ ମତ୍ସ୍ୟପାଳନ ଏବଂ ଜଳଜ ଜୀବ ପାଳନ ୨.୨୬%କୁ ବୃଦ୍ଧି ପାଇଛି। ସେହିପରି ଫସଲ କ୍ଷେତ୍ର ମଧ୍ୟରେ ଫଳର ଭାଗ ୧୬.୦୯%ରୁ ୧୯.୨୪%କୁ ବୃଦ୍ଧି ପାଇଛି। ମସଲାର ଭାଗ ୨ ଗୁଣ ଅର୍ଥାତ୍ ୩.୭୧%ରୁ ୭.୮୩%କୁ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ କୃଷି ଉତ୍ପାଦକଙ୍କ ଆୟରେ ବାର୍ଷିକ ୧୦.୧୧% ବୃଦ୍ଧି ଦେଖିବାକୁ ମିଳିଛି, ଏହା ଉତ୍ପାଦନ ଏବଂ ମୋଟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିଠାରୁ ଅଧିକ। ଚାଷୀଙ୍କ ଆୟ ଦଶ ବର୍ଷ ମଧ୍ୟରେ ୧୨୬% ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୨-୨୩ ମଧ୍ୟରେ ଉତ୍ପାଦକଙ୍କ ଆୟ ୧୦୮% ବଢ଼ିଛି। ୨୦୦୮-୦୯ରୁ ୨୦୨୦-୨୧ ମଧ୍ୟରେ କୃଷି ପାଇଁ ବାଣିଜ୍ୟ ସର୍ତ୍ତାବଳୀରେ ୪୧.୩% ପଏଣ୍ଟ ସୁଧାର ହୋଇଛି। ସେହିପରି ୨୦୧୧-୧୨ରୁ ୨୦୨୪-୨୫ କୃଷି କ୍ଷେତ୍ରରେ ପାଇକାରୀ ମୂଲ୍ୟ ସୂଚକାଙ୍କ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି। ପାଇକାରୀ କୃଷି ମୂଲ୍ୟ ୧୩ ବର୍ଷ ମଧ୍ୟରେ ବାର୍ଷିକ ୨.୪% ବୃଦ୍ଧି ହାସଲ କରିଛି। ଦୁଗ୍ଧ ଉତ୍ପାଦନ ୨୦୧୪-୧୫ରେ ୧୪୬ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୨୩୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି । ଫଳ ଏବଂ ପରିବା ଉତ୍ପାଦନ ୨୦୧୩-୧୪ରେ ୨୮୦.୭ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୩୬୭.୭୨ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଏବଂ ସର୍ବବୃହତ ଚାଉଳ ରପ୍ତାନିକାରୀ ପାଲଟିଛି ।

# ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ

ପୁରୀ,୧୧।୧(ଅଜିତ୍ କୁମାର ମହାନ୍ତି)



ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାରତ ମସଲାର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଉପସଭାପତି ସୁନୀଲ କୌଶିକ, ଜେନେରାଲ ମ୍ୟାନେଜର(ଅପରେଶନ) ଅରୁଣ କୁମାର ନାୟକ, ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଅଶ୍ୱିନୀ କୁମାର ଦାଶ, ପ୍ରଡକ୍ସନ ମ୍ୟାନେଜର ନବକୃଷ୍ଣ ପ୍ରଧାନ, ପ୍ୟାନ ଇଣ୍ଡିଆ ସିନିୟର ସେଲ୍‌ସ ମୁଖ୍ୟ ନୈନିତା ନୀଳିମା ଏବଂ ଏସ୍‌ଡିଏମ୍ ବିହାର ଜଗଦୀଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ମସଲାରେ ପ୍ରତିନିଧିମାନଙ୍କୁ ସେଲ୍‌ସ ବୃଦ୍ଧି, ଟାର୍ଗେଟ ପୂରଣ, ଗୁଣବତ୍ତା ବଜାୟ ରଖିବା ଏବଂ ଗ୍ରାହକଙ୍କ ବିଶ୍ୱାସ ଜିତିବା ନେଇ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ଭାରତ ମସଲା ଦେଶର ଏକ ଅଗ୍ରଣୀ ମସଲା ବ୍ରାଣ୍ଡ୍ ଭାବେ ଗ୍ରାହକଙ୍କ ବିଶ୍ୱାସ ଜିତି ପାରିଛି। ଆଗାମୀ ଦିନରେ ଏହି ମସଲା କିଭଳି ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ଏବଂ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ ସେ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବର୍ଷ ୨୦୨୬ ପାଇଁ ଭାରତ ମସଲା ୯୦୦ କୋଟି ଟର୍ନ ଓଭରର ଟାର୍ଗେଟ ରଖିଛି। ଅନ୍ୟପଟେ ଦେଶର ପ୍ରାୟତଃ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭାରତ ମସଲା ପହଞ୍ଚିପାରିଛି । ବିଦେଶକୁ ମସଲା ରପ୍ତାନିରେ ମଧ ଭାରତ ମସଲା ଆଗରେ ରହିଛି ବୋଲି ପଣ୍ଡା କହିଥିଲେ। ସୂଚନାଥାଉକି, ୧୯୯୯ ମସିହାରେ କମ୍ପାନୀ କଟକର ଏକ ଗ୍ରାମରେ ଆରମ୍ଭ ହୋଇଥିଲା। ୧୦୦ ଜଣ କର୍ମଚାରୀଙ୍କୁ ନେଇ କମ୍ପାନୀ ଆରମ୍ଭ ହୋଇଥିଲା। ପରେ ବହୁ ବାଧାବିଘ୍ନ ଦେଇ ଦେଶବାସୀଙ୍କୁ ଉତ୍ପାଦ ଯୋଗାଇଚାଲିଥିଲା। ସମସ୍ତଙ୍କ ସହଯୋଗରେ କମ୍ପାନୀ ଆଗକୁ ଆହୁରି ଉନ୍ନତି କରିବ ବୋଲି କମ୍ପାନୀ ଆଶାବାଦୀ ଅଛି। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରିଲାଏନ୍ସ ଫାଉଣ୍ଡେଶନ ଛାତ୍ରବୃତ୍ତି ପାଇବେ ଓଡ଼ିଶାର ୧୨୭ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ଓଡ଼ିଶାର ୧୨୭ ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଚଳିତ ବର୍ଷର ଏହି ଛାତ୍ରବୃତ୍ତି ପାଇଁ ମନୋନୀତ ହୋଇଛନ୍ତି। ଏହିବର୍ଷ ସାରା ଦେଶରୁ ୫,୦୦୦ ସ୍ନାତକ ଏବଂ ୧୦୦ ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପିଜି ଛାତ୍ରୀଛାତ୍ରମାନଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ୨୦୨୨ରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କ ଦ୍ୱାରା କରାଯାଇଥିବା ଘୋଷଣାର ଏକ ଅଂଶ ହେଇଥିବାବେଳେ ୧୦ ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରାଯିବ। ୨୦୨୫-୨୬ ବ୍ୟାଚ ପାଇଁ ସାରା ଦେଶରୁ ୧ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନପତ୍ର ମଧ୍ୟରୁ ମନୋନୀତ ୫,୧୦୦ ଜଣ ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଏବଂ ୧୫,୫୪୪ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଛନ୍ତି। ୮୩% ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍ ରହିଛି। ୯୭% ସ୍ନାତକ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀରେ ୯୦%ରୁ ଅଧିକ ନମ୍ବର ହାସଲ କରିଛନ୍ତି। ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪୮% ଝିଅ ଏବଂ ୫୨%ପୁଅ ରହିଛନ୍ତି। ୧୪୬ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମଧ ଚୟନ କରାଯାଇଛି। ମନୋନୀତ ପିଜି ଛାତ୍ରୀଛାତ୍ର କୃତ୍ରିମ ବୁଦ୍ଧିମତ୍ତା, କମ୍ପ୍ୟୁଟର ବିଜ୍ଞାନ, ନବୀକରଣୀୟ ଶକ୍ତି ଏବଂ ଲାଇଫ ସାଇନ୍ସ ଭଳି ଭବିଷ୍ୟତମୁଖୀ କ୍ଷେତ୍ରଗୁଡ଼ିକରେ ଅଧ୍ୟୟନ କରୁଛନ୍ତି।

# ଫେବୃଆରୀରେ ୨ଦିନିଆ କ୍ଲିନ୍‌ଟେକ ଏକ୍ସପୋ

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ପୂର୍ବଭାରତର ସର୍ବବୃହତ କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶାରେ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଫେବୃଆରୀ ୨୦ ଓ ୨୧ରେ ହେବାକୁ ଥିବା ଏହି ଏକ୍ସପୋରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ, ୟୁଏସଏ ଭଳି ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ। ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଦେବୀ ପ୍ରସାଦ ଦାଶ କହିଛନ୍ତି, ଏହି କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ, ଉତ୍ପାଦ ଲଞ୍ଚ ଓ ବ୍ୟବସାୟ ନେଟ୍‌ୱର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ। ଏକ୍ସପୋରେ ଓଡ଼ିଶା ଓ ପଡୋଶୀ ରାଜ୍ୟଗୁଡିକରୁ ୧୦,୦୦୦ରୁ ଅଧିକ ବ୍ୟବସାୟ ପରିଦର୍ଶକଙ୍କ ସହିତ ୧୦୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେବେ। ଓଡ଼ିଶା କ୍ଲିନଟେକ ଆସୋସିଏଶନର ଅଧକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି, 'ଓଡ଼ିଶା ନିଜକୁ ଭାରତର କ୍ଲିନ ଏନର୍ଜି ପାୱାର ହାଉସ ଭାବେ ସ୍ଥାପିତ କରୁଛି ଏହି କାର୍ଯ୍ୟକ୍ରମ ନିକଟରେ ଲଞ୍ଚ ହୋଇଥିବା ଓସିଟିଏ ଦ୍ୱାରା ସମର୍ଥିତ।

# ଖଣି ଶିଳ୍ପ ଓଡ଼ିଶାର 'ମଦର ଇଣ୍ଡଷ୍ଟ୍ରି'

**୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପିତ**

ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)



ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ଅଛି ଏବଂ ରାଜ୍ୟ ବର୍ତ୍ତମାନ ଦ୍ରୁତ ଓ ସମାବେଶୀ ଉନ୍ନତି ପାଇଁ ତୀବ୍ର ଗତିରେ ଆଗକୁ ବଢ଼ୁଛି। ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ସସ୍ଥାୟିତ୍ୱ ପ୍ରୋତ୍ସାହନ ଦେଉଛନ୍ତି। ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡରେ ଚାଲିଥିବା ୪ ଦିନିଆ ୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି କହିଛନ୍ତି। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭରେ ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ସ୍ୱାଗତ ଭାଷଣ ଦେଇଥିଲେ। କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସବ୍ୟସାଚୀ ମିଶ୍ର, ନିର୍ଦ୍ଦେଶକ ନମିତ ଗୁପ୍ତା ଓ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ତାଙ୍କ ଅଭିଭାଷଣରେ କହିଥିଲେ ୩୦,୦୦୦ ବର୍ଗମିଟର ଅଞ୍ଚଳରେ ୨୫୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିବା ଏହି ଏକ୍ସପୋ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିଛି। ଆଇଆରଇଏର ସିଏମ୍ ଶାରଦା ଭୂଷଣ ମହାନ୍ତି ଓଡ଼ିଶାରେ ଦୀର୍ଘ ବର୍ଷର ଅନୁଭବ, ବିଶେଷକରି ବେଳାଭୂମି ବାଲୁକା ଖଣିଜ ଓ ରେୟାର ଆର୍ଥ ଖଣିଜ ଉତ୍ତୋଳନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଆଧାରରେ ସେ ରାଜ୍ୟରେ ରେୟାର ଆର୍ଥ ଖଣିଜର ବିଶାଳ ସମ୍ଭାବନା ଥିବା କହିଥିଲେ। ଦାୟିତ୍ୱପୂର୍ଣ୍ଣ ଭାବରେ ଖଣିଜ ଉତ୍ତୋଳନ କଲେ ଆଧୁନିକ ପ୍ରଯୁକ୍ତି, ସ୍ୱଚ୍ଛ ଶକ୍ତିକୁ ଆଗକୁ ନେବ, ରୋଜଗାର ସୃଷ୍ଟି ଓ ଓଡ଼ିଶାର ଅର୍ଥନୈତିକ ଉନ୍ନତିକୁ ବଡ଼ ଭାବରେ ସହାୟତା ମିଳିପାରିବ ବୋଲି ସେ କହିଥିଲେ। ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ କହିଥିଲେ, ବାସ୍ତବ ଉଦ୍ୟୋଗପତିତ୍ୱ ହେଉଛି ଲଗାତର ଶିଖିବା ଓ ଧୈର୍ଯ୍ୟର ସହିତ ଆଗକୁ ବଢ଼ିବା। ସେ '୫ ପି' ପ୍ରାର୍ଥନା, ପ୍ରୟାସ, ପ୍ରତୀକ୍ଷା, ପ୍ରେରଣା ଓ ପ୍ରତିଜ୍ଞା ଉପରେ ଗୁରୁତ୍ୱ ଦେଇ କହିଥିଲେ, ଇଣ୍ଟରନ୍ୟାଶନାଲ ମାଇନିଂ ଏକ୍ସପୋ ପରି ମଞ୍ଚଗୁଡ଼ିକ ନବୋନ୍ମେଷ, ସହଯୋଗ ଓ ଉଦ୍ୟୋଗପତିତ୍ୱର ଉତ୍କୃଷ୍ଟତାକୁ ବଢ଼ାଇଥାଏ। ମୁଖ୍ୟ ଅତିଥି ହେମନ୍ତ ଶର୍ମା କହିଛନ୍ତି, ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ଭଲଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହି ଏକ୍ସପୋ ଖଣି ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ମାଧ୍ୟମରେ ରୋଜଗାର ସୃଷ୍ଟିର ଏକ ବଡ଼ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରୁଛି ଏବଂ ଗତ ୧୫ ମାସ ମଧ୍ୟରେ ଅନେକ ରେୟାର ଆର୍ଥ ଶିଳ୍ପସଂସ୍ଥା ଓଡ଼ିଶା ଆସିଥିବାରୁ ରାଜ୍ୟର ଶିଳ୍ପ ଭବିଷ୍ୟତ ପାଇଁ ଏହା ଏକ ସକାରାତ୍ମକ ସଙ୍କେତ ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ସମାଜ ପାଇଁ ଅବଦାନ ଥିବା ଲୁମିନସ ଇନ୍‌ଫୋର ଏମ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆୟୋଜନ କମିଟି ଉପାଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ ଓ ଅନ୍ୟମାନେ ଥିଲେ।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ନମ୍ବର: ୧୮୧୯୨ — ତାରିଖ: ୦୧।୧୨।୨୦୨୫

No. III-15: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଢେଙ୍କାନାଳ ଜିଲ୍ଲାର ଏମ୍.ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।** ନିର୍ମାଣ ନିମନ୍ତେ **ମୌଜା: ଝାଡ଼ବନ୍ଧ, ଥାନା: ବାଲିମି ନଂ. ୨୯, ତହସିଲ: ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.115.4900 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: For Installation and Expansion of M/s. Rungta Mines Ltd., Dhenkanal Steel Plant of Phase-II, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଏଥି ସହିତ ସଂଲଗ୍ନ କରାଯାଇଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ହିନ୍ଦୋଳ
୬. ଜମିର ବିବରଣୀ: ଏଥି ସହିତ ଜମି ସଂଲଗ୍ନ କରାଯାଇଛି।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

## ମୌଜା: ଝାଡ଼ବନ୍ଧ, ତହସିଲ: ହିନ୍ଦୋଳ, ଥାନା: ବାଲିମି – ୨୯, ଜିଲ୍ଲା: ଢେଙ୍କାନାଳ

**ମୋଟ ରକବା: ଏ୧୧୫.୪୯୦**

| କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅର୍ଜୁନ ସାହୁ, ପି.: ଗୁଣ ସାହୁ, ଜା: ଚଷା, ବା: ନିଜଗାଁ | ୨ | ୧୩୨୮ | ଶାରଦ-୨ | ୦.୦୬୦ | ୦.୦୬୦ | |
| ୨ | | ୨ | ୧୪୫୫ | ଶାରଦ-୧ | ୦.୧୩୦ | ୦.୧୩୦ | |
| ୩ | | ୨ | ୧୬୩୩ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୪ | ଅର୍ଜୁନ ସାହୁ, ଭରତ ସାହୁ, ପି.: ଗୁଣ ସାହୁ, ଜା: ଚଷା, ବା: ନିଜଗାଁ | ୩ | ୧୬୦୮ | ତଇଲା-୧ | ୦.୧୭୦ | ୦.୧୭୦ | |
| ୫ | ଅନିରୁଦ୍ଧ ଦାସ, ପି.: ହୃଷିକେଶ ଦାସ, ଜା: ଗୋପାଳ, ବା: ନିଜଗାଁ | ୬ | ୧୫୪୯ | ଶାରଦ-୧ | ୦.୩୮୦ | ୦.୩୮୦ | |
| ୬ | | ୬ | ୧୪୪୦/୩୯୨୦ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୭ | | ୬ | ୧୪୪୯/୩୯୦୫ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୮ | | ୬ | ୧୪୫୩/୩୯୧୮ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୯ | ଅନିରୁଦ୍ଧ ଦାସ, ପି.: ହୃଷି ଦାସ, ଗୁଲ ଦାସ, ଭାଲୁ ଦାସ, ପି.: ବୃନ୍ଦାବନ ଦାସ, ଜା: ଗୋପାଳ, ବା: ନିଜଗାଁ | ୭ | ୧୪୬୬ | ତଇଲା-୨ | ୦.୨୭୦ | ୦.୨୭୦ | |
| ୧୦ | ଅଭୟ ବେହେରା, ପରମାନନ୍ଦ ବେହେରା, ଅନାଦି ବେହେରା, ଆନନ୍ଦ ବେହେରା, ପି.: ସୁଗ୍ରୀ ବେହେରା, ନାକଫୋଡ଼ି ବେହେରା, ଦୁଃଖିଆ ବେହେରା, ପି.: କହ୍ନେଇ ବେହେରା, ବିଟା ବେୱା, ସ୍ୱା.: ମଙ୍ଗୁଲୁ ବେହେରା, ପ୍ରଫୁଲ୍ଲ ଦେଇ, ବେଙ୍ଗ ଦେଇ, ପି.: ମଙ୍ଗୁଲୁ ବେହେରା, କପିଳ ବେହେରା, ପି.: ଖଇରା ବେହେରା, ନିମେଇ ଚରଣ ବେହେରା, ପି.: ରାହାସ ବେହେରା, ସପନା ବେହେରା, ପି.: ଆଦିକନ୍ଦ ବେହେରା, ଜା: କୈବର୍ତ୍ତ, ବା: ନିଜଗାଁ | ୧୦ | ୧୫୩୮ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୧୧ | | ୧୦ | ୧୫୭୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨ | | ୧୦ | ୧୫୭୮/୪୦୪୮ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୩ | | ୧୦ | ୧୫୭୮/୪୦୪୯ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୪ | | ୧୦ | ୧୫୭୮/୪୦୫୦ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୫ | ମହାଦେବ ସାହୁ, ପି.: ଅକୁଳ ସାହୁ, ଜା: ଚଷା, ବା: ନିଜଗାଁ | ୧୫ | ୧୨୪୪ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୬ | | ୧୫ | ୧୩୯୬ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୧୭ | | ୧୫ | ୧୪୧୮ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୮ | | ୧୫ | ୧୪୧୯ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୯ | | ୧୫ | ୧୪୨୨ | ତଇଲା-୨ | ୦.୦୬୦ | ୦.୦୬୦ | |
| ୨୦ | | ୧୫ | ୧୪୨୫ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୨୧ | | ୧୫ | ୧୬୭୯ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୨୨ | | ୧୫ | ୧୬୮୧ | ଶାରଦ-୩ | ୦.୩୧୦ | ୦.୩୧୦ | |
| ୨୩ | | ୧୫ | ୧୬୯୦ | ଶାରଦ-୩/୨ | ୦.୧୪୦ | ୦.୧୪୦ | |
| ୨୪ | | ୧୫ | ୨୭୩୩ | ଶାରଦ-୩/୨ | ୦.୩୦୦ | ୦.୩୦୦ | |
| ୨୫ | | ୧୫ | ୨୭୪୨ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୨୬ | | ୧୫ | ୨୭୪୮ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୨୭ | | ୧୫ | ୨୭୫୮ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୨୮ | | ୧୫ | ୧୪୪୫/୪୩୯୦ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୨୯ | ଆଦର ଦେଇ, ସ୍ୱା.: ଜଗନ୍ନାଥ ବିଶ୍ୱାଳ, ଜା: ଚଷା, ବା: କୁକୁଟା, ଚଉରା ଦେଇ, ସ୍ୱା.: ଆକୁଳ ସାହୁ, ଜା: ଚଷା, ବା: ନିଜଗାଁ | ୧୯ | ୧୩୭୯ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୩୦ | | ୧୯ | ୧୪୦୦ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୩୧ | | ୧୯ | ୧୩୭୯/୩୮୪୮ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୩୨ | | ୧୯ | ୧୪୦୦/୩୮୪୯ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୩୩ | ଇନ୍ଦ୍ର ନାଏକ, ପି.: ପାର୍ଥ ନାଏକ, ଜା: ପାଣ, ବା: ନିଜଗାଁ | ୨୧ | ୧୩୩୫ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୩୪ | | ୨୧ | ୧୩୩୭ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୩୫ | ଉଛବ ସାହୁ, ପି.: ଜଳିଆ ସାହୁ, ଜା: ଚଷା, ବା: ନିଜଗାଁ | ୨୩ | ୧୨୮୫ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୩୬ | | ୨୩ | ୧୭୧୭ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୩୭ | ଉଦ୍ଧବ ନାୟକ, ପି.: ମିଛୁ ନାୟକ, ଦୁଃଶାସନ ନାୟକ, ପି.: ମୁଳିଆ ନାୟକ, ଜା: ଚଷା, ବା: ନିଜଗାଁ | ୨୫ | ୧୩୨୬ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୩୮ | | ୨୫ | ୧୪୨୪ | ଶାରଦ-୩ | ୦.୨୭୦ | ୦.୨୭୦ | |
| ୩୯ | | ୨୫ | ୧୪୮୬ | ତଇଲା-୨ | ୦.୨୮୦ | ୦.୨୮୦ | |
| ୪୦ | | ୨୫ | ୧୫୪୬ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୪୧ | | ୨୫ | ୧୬୪୬ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୪୨ | କଷ୍ଟ ସାହୁ, ଭିକାରୀ ସାହୁ, ପି.: ଚିନ୍ତା ସାହୁ, ଜା: ତନ୍ତି, ବା: ନିଜଗାଁ | ୩୩ | ୧୪୭୩ | ତଇଲା-୨ | ୦.୬୨୦ | ୦.୬୨୦ | |
| ୪୩ | | ୩୩ | ୧୫୪୪ | ଶାରଦ-୨/୨ | ୦.୪୮୦ | ୦.୪୮୦ | |
| ୪୪ | ସୁବ୍ରତ ପ୍ରଧାନ, ସୁଜିତ ପ୍ରଧାନ, ପ୍ରଭାତି ସାହୁ, ନର୍ମଦା ପ୍ରଧାନ, କବିତା ପ୍ରଧାନ, ପି.: ଶ୍ରୀପତି ପ୍ରଧାନ, ମୋହନି ପ୍ରଧାନ, ସ୍ୱା.: ଶ୍ରୀପତି ପ୍ରଧାନ, ନେତ ବେହେରା, ପି.: କାଠି ପ୍ରଧାନ, ଜା: ଚଷା, ବା: ନିଜଗାଁ | ୩୫ | ୧୨୪୩ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୪୫ | | ୩୫ | ୧୩୧୯ | ଶାରଦ-୨ | ୦.୧୭୦ | ୦.୧୭୦ | |
| ୪୬ | | ୩୫ | ୧୩୯୫ | ଶାରଦ-୧ | ୦.୫୬୦ | ୦.୫୬୦ | |
| ୪୭ | | ୩୫ | ୧୪୨୮ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୪୮ | | ୩୫ | ୧୪୨୯ | ଶାରଦ-୧ | ୦.୧୫୦ | ୦.୧୫୦ | |
| ୪୯ | | ୩୫ | ୧୪୩୪ | ଶାରଦ-୨ | ୦.୫୩୦ | ୦.୫୩୦ | |
| ୫୦ | | ୩୫ | ୧୪୩୬ | ବଗାୟତ-୩ | ୦.୨୪୦ | ୦.୨୪୦ | |
| ୫୧ | | ୩୫ | ୧୪୩୭ | ତଇଲା-୨ | ୦.୨୦୦ | ୦.୨୦୦ | |
| ୫୨ | | ୩୫ | ୧୬୦୪ | ତଇଲା-୨ | ୦.୯୪୦ | ୦.୯୪୦ | |
| ୫୩ | | ୩୫ | ୧୬୩୫ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୫୪ | | ୩୫ | ୧୭୧୦ | ଶାରଦ-୧ | ୦.୮୧୦ | ୦.୮୧୦ | |
| ୫୫ | | ୩୫ | ୨୭୨୫ | ତଇଲା-୨ | ୦.୩୮୦ | ୦.୩୮୦ | |
| ୫୬ | | ୩୫ | ୨୯୨୮ | ଶାରଦ-୧ | ୦.୩୪୦ | ୦.୩୪୦ | |
| ୫୭ | | ୩୫ | ୧୩୯୮ | ଶାରଦ-୧ | ୦.୦୯୦ | ୦.୦୯୦ | |
| ୫୮ | ଗୁଣ ସାହୁ, ଦୁଃଖି ଦେଇ, ପି.: କାଶୀ ସାହୁ, ଜା: ଚଷା, ବା: ନିଜଗାଁ | ୩୬ | ୧୪୬୨ | ତଇଲା-୧ | ୦.୧୩୦ | ୦.୧୩୦ | |
| ୫୯ | କୁଳମଣୀ ସାହୁ, ପି.: ମଦନ ସାହୁ, ଜା: ଚଷା, ବା: ନିଜଗାଁ | ୪୧ | ୧୨୬୯ | ଶାରଦ-୨ | ୦.୪୪୦ | ୦.୪୪୦ | |
| ୬୦ | | ୪୧ | ୧୫୧୨ | ଶାରଦ-୧ | ୦.୨୦୦ | ୦.୨୦୦ | |
| ୬୧ | | ୪୧ | ୧୬୪୫ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୬୨ | କୃଷ୍ଣ ସାହୁ, ପି.: ମୁଳିଆ ସାହୁ, ଜା: ଚଷା, ବା: ନିଜଗାଁ | ୪୩ | ୧୩୩୬ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୬୩ | | ୪୩ | ୧୪୮୧ | ତଇଲା-୨ | ୦.୧୨୦ | ୦.୧୨୦ | |
| ୬୪ | | ୪୩ | ୧୫୨୧ | ତଇଲା-୨ | ୦.୨୮୦ | ୦.୨୮୦ | |
| ୬୫ | | ୪୩ | ୧୫୩୨ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୬୬ | | ୪୩ | ୧୭୯୩ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୬୭ | | ୪୩ | ୧୫୩୨/୪୧୭୭ | ଶାରଦ-୧ | ୦.୧୧୦ | ୦.୧୧୦ | |
| ୬୮ | ପବିତ୍ର ମହାଳିକ, ବାଉରି ମହାଳିକ, ପି.: ଗଙ୍ଗାଧର ମହାଳିକ, ଅରବିନ୍ଦ ମହାଳିକ, ଦୁର୍ଲଭ ମହାଳିକ, ପି.: ଅଭିରାମ ମହାଳିକ, ଉର୍ମିଳା ମହାଳିକ, ସ୍ୱା.: ଅଭିରାମ ମହାଳିକ, ସୁଷମା ବେହେରା, ରଶ୍ମିତା ଦେହୁରି, ଅବନ୍ତି ମହାଳିକ, ପି.: ଭାସ୍କର ବେହେରା, ଜା: କୈବର୍ତ୍ତ, ବା: ନିଜଗାଁ | ୪୫ | ୧୬୨୨ | ଶାରଦ-୩/୧୧ | ୦.୨୦୦ | ୦.୨୦୦ | |
| ୬୯ | | ୪୫ | ୧୬୧୬/୩୯୮୦ | ତଇଲା-୨ | ୦.୧୦୦ | ୦.୧୦୦ | |
| ୭୦ | | ୪୫ | ୧୬୨୨/୩୯୭୪ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୭୧ | ଗଣିଆ ସାହୁ, ପି.: କ୍ଷେତ୍ର ସାହୁ, ଜା: ଚଷା, ବା: ନିଜଗାଁ | ୪୬ | ୧୩୦୫ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୭୨ | | ୪୬ | ୧୪୪୩ | ଶାରଦ-୩/୧୦ | ୦.୩୮୦ | ୦.୩୮୦ | |
| ୭୩ | | ୪୬ | ୧୫୫୭ | ଶାରଦ-୩ | ୦.୨୩୦ | ୦.୨୩୦ | |
| ୭୪ | | ୪୬ | ୧୬୨୦ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୭୫ | | ୪୬ | ୨୯୪୭ | ବିଆଲି | ୦.୦୮୦ | ୦.୦୮୦ | |
| ୭୬ | | ୪୬ | ୨୯୫୦ | ବିଆଲି | ୦.୦୭୦ | ୦.୦୭୦ | |
| ୭୭ | | ୪୬ | ୧୪୪୩/୪୩୬୭ | ଶାରଦ-୩ | ୦.୩୪୦ | ୦.୩୪୦ | |
| ୭୮ | | ୪୬ | ୧୬୨୦/୪୩୬୩ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୭୯ | ଗଣେଶ୍ୱର ସାହୁ, ପି.: କ୍ଷେତ୍ର ସାହୁ, ବନମାଳୀ ସାହୁ, ଗୁମାନି ସାହୁ, ପି.: ହାଡ଼ିଆ ସାହୁ, ଜା: ଚଷା, ବା: ନିଜଗାଁ | ୪୭ | ୧୬୦୮/୪୦୧୪ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୮୦ | ଗନ୍ଧର୍ବ ସାହୁ, ପି.: ଗଦାଧର ସାହୁ, ଜା: ଚଷା, ବା: ନିଜଗାଁ | ୪୮ | ୧୨୫୯ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୮୧ | | ୪୮ | ୧୪୮୮ | ତଇଲା-୧ | ୦.୨୪୦ | ୦.୨୪୦ | |
| ୮୨ | | ୪୮ | ୧୬୪୭ | ଶାରଦ-୨ | ୦.୪୦୦ | ୦.୪୦୦ | |
| ୮୩ | | ୪୮ | ୧୬୭୫ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୮୪ | | ୪୮ | ୨୯୪୮ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୮୫ | ଗନ୍ଧର୍ବ ସାହୁ, ପି.: ଗୋପାଳ ସାହୁ, ଜା: ତନ୍ତି, ବା: ନିଜଗାଁ | ୫୦ | ୧୨୭୬ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୮୬ | | ୫୦ | ୧୪୯୧ | ତଇଲା-୧ | ୦.୨୨୦ | ୦.୨୨୦ | |
| ୮୭ | | ୫୦ | ୧୫୧୦ | ତଇଲା-୧ | ୦.୦୮୦ | ୦.୦୮୦ | |
| ୮୮ | | ୫୦ | ୧୫୧୫ | ଶାରଦ-୧ | ୦.୧୨୦ | ୦.୧୨୦ | |
| ୮୯ | | ୫୦ | ୧୫୮୭ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୯୦ | | ୫୦ | ୧୫୮୮ | ପତିତ | ୦.୦୯୦ | ୦.୦୯୦ | |
| ୯୧ | | ୫୦ | ୧୫୮୯ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୯୨ | | ୫୦ | ୧୮୧୮ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୯୩ | | ୫୦ | ୨୭୭୩ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୯୪ | | ୫୦ | ୨୯୪୨ | ବିଆଲି | ୦.୦୩୦ | ୦.୦୩୦ | |
| ୯୫ | | ୫୦ | ୧୮୨୭/୩୮୩୦ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୯୬ | ଗୁଣ୍ଡୁରି ବେୱା, ସ୍ୱା.: ଗୁରୁବାରିଆ ସାହୁ, ଟାଙ୍ଗୁରୁ ସାହୁ, ପି.: ଗୁରୁବାରିଆ ସାହୁ, ଜା: ଚଷା, ବା: ନିଜଗାଁ | ୫୪ | ୧୫୪୩ | ଶାରଦ-୧ | ୦.୦୭୦ | ୦.୦୭୦ | |
| ୯୭ | | ୫୪ | ୧୬୧୦ | ତଇଲା-୧ | ୦.୦୫୦ | ୦.୦୫୦ | |
| ୯୮ | ଗୁଣନିଧି ସାହୁ, ଅଧିକାରୀ ସାହୁ, ପି.: ଉଦୟନାଥ ସାହୁ, ଜା: ଚଷା, ବା: ନିଜଗାଁ | ୫୬ | ୧୨୬୨ | ଶାରଦ-୨/୪ | ୦.୦୫୦ | ୦.୦୫୦ | |
| ୯୯ | | ୫୬ | ୧୨୯୬ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୧୦୦ | | ୫୬ | ୧୬୨୩ | ଶାରଦ-୨/୩ | ୦.୦୯୦ | ୦.୦୯୦ | |
| ୧୦୧ | | ୫୬ | ୧୬୨୪ | ଶାରଦ-୧/୨ | ୦.୧୮୦ | ୦.୧୮୦ | |
| ୧୦୨ | | ୫୬ | ୧୬୭୭ | ଶାରଦ-୩/୩ | ୦.୦୬୦ | ୦.୦୬୦ | |
| ୧୦୩ | | ୫୬ | ୧୭୦୬ | ଶାରଦ-୧ | ୦.୦୭୦ | ୦.୦୭୦ | |
| ୧୦୪ | | ୫୬ | ୧୭୮୯ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୧୦୫ | | ୫୬ | ୧୭୯୮ | ଶାରଦ-୧ | ୦.୨୪୦ | ୦.୨୪୦ | |
| ୧୦୬ | | ୫୬ | ୧୮୦୪ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୦୭ | | ୫୬ | ୨୭୬୦ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୦୮ | | ୫୬ | ୧୦୬୨/୪୦୭୩ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୦୯ | | ୫୬ | ୧୬୭୭/୪୦୭୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୧୦ | ଗୁମାନି ସାହୁ, ପି.: ହାଡ଼ିଆ ସାହୁ, ଜା: ଚଷା, ବା: ନିଜଗାଁ | ୬୦ | ୧୩୦୩ | ଶାରଦ-୨ | ୦.୧୩୦ | ୦.୧୩୦ | |
| ୧୧୧ | | ୬୦ | ୧୪୪୮ | ତଇଲା-୨ | ୦.୨୭୦ | ୦.୨୭୦ | |
| ୧୧୨ | | ୬୦ | ୧୪୪୩/୪୩୬୧ | ଶାରଦ-୩ | ୦.୪୧୦ | ୦.୪୧୦ | |
| ୧୧୩ | | ୬୦ | ୧୪୫୬/୪୩୭୩ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୧୧୪ | | ୬୦ | ୧୬୨୦/୪୩୬୪ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୧୫ | | ୬୦ | ୧୬୨୦/୪୩୬୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୧୬ | ଗୁଲ ଦାସ, ପି.: ବୃନ୍ଦାବନ ଦାସ, ଜା: ଗୋପାଳ, ବା: ନିଜଗାଁ | ୬୨ | ୧୪୪୦ | ଶାରଦ-୩/୩ | ୦.୦୨୦ | ୦.୦୨୦ | |
| ୧୧୭ | | ୬୨ | ୧୪୪୯ | ଶାରଦ-୩/୩ | ୦.୦୬୦ | ୦.୦୬୦ | |
| ୧୧୮ | | ୬୨ | ୧୪୪୦/୩୯୨୧ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୧୧୯ | | ୬୨ | ୧୪୬୬/୪୨୫୭ | ତଇଲା-୨ | ୦.୦୨୦ | ୦.୦୨୦ | |
| ୧୨୦ | ଗୁଲ ସାହୁ, ପି.: ସୁନିଆ ସାହୁ, ଦେବକି ବେୱା, ସ୍ୱା.: ବୁଧିଆ ସାହୁ, ଚଣ୍ଡାଳ ସାହୁ, ଲକ୍ଷ୍ମୀ ସାହୁ, ପି.: ବୁଧିଆ ସାହୁ, ଜା: ଚଷା, ବା: ନିଜଗାଁ | ୬୪ | ୧୨୫୪ | ଶାରଦ-୩ | ୦.୦୧୦ | ୦.୦୧୦ | |
| ୧୨୧ | | ୬୪ | ୧୨୮୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୧୨୨ | | ୬୪ | ୧୨୮୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୩ | | ୬୪ | ୧୩୦୧ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୧୨୪ | | ୬୪ | ୧୩୦୨ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୧୨୫ | | ୬୪ | ୧୪୩୦ | ଶାରଦ-୧ | ୦.୧୬୦ | ୦.୧୬୦ | |
| ୧୨୬ | | ୬୪ | ୧୪୩୧ | ଶାରଦ-୧ | ୦.୧୫୦ | ୦.୧୫୦ | |
| ୧୨୭ | | ୬୪ | ୧୪୮୪ | ତଇଲା-୨ | ୦.୧୧୦ | ୦.୧୧୦ | |
| ୧୨୮ | | ୬୪ | ୧୪୮୫ | ତଇଲା-୨ | ୦.୨୧୦ | ୦.୨୧୦ | |
| ୧୨୯ | | ୬୪ | ୧୬୦୫ | ତଇଲା-୧ | ୦.୪୮୦ | ୦.୪୮୦ | |
| ୧୩୦ | | ୬୪ | ୧୬୧୭ | ତଇଲା-୧ | ୦.୪୪୦ | ୦.୪୪୦ | |
| ୧୩୧ | | ୬୪ | ୧୬୧୮ | ଶାରଦ-୩/୪ | ୦.୨୫୦ | ୦.୨୫୦ | |
| ୧୩୨ | | ୬୪ | ୧୬୨୧ | ଶାରଦ-୩/୪ | ୦.୧୧୦ | ୦.୧୧୦ | |
| ୧୩୩ | ଗୋପାଳ ସ୍ୱାଇଁ, ପି.: ଅଚ୍ୟୁତ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୬୫ | ୧୬୯୩ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୩୪ | | ୬୫ | ୧୭୯୦ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୩୫ | ଗୋପୀ ସାହୁ, ସୁକୁମାରି ଦେଇ, ପି.: ଟଙ୍କ ସାହୁ, ସମ୍ଭାରି ବେୱା, ସ୍ୱା.: ଟଙ୍କ ସାହୁ, ଜା: ଚଷା, ବା: ନିଜଗାଁ | ୬୯ | ୧୨୫୧ | ଶାରଦ ଦୋଫସଲି-୨ | ୦.୦୨୦ | ୦.୦୨୦ | |
| ୧୩୬ | | ୬୯ | ୧୩୫୫ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୧୩୭ | | ୬୯ | ୧୪୯୯ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୩୮ | ଗୋପୀ ସାହୁ, ପି.: ଟଙ୍କ ସାହୁ, ରଘୁ ସାହୁ, ପି.: ବାଲା ସାହୁ, ବରଜୁ ସାହୁ, ବଗା ସାହୁ, ପି.: ରୁଷି ସାହୁ, ଜା: ଚଷା, ବା: ନିଜଗାଁ | ୭୦ | ୧୩୫୮ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୩୯ | ଗୌରାଙ୍ଗ ସାହୁ, ପି.: ଅର୍ଜୁନ ସାହୁ, ଜା: ଚଷା, ବା: ନିଜଗାଁ | ୭୩ | ୧୬୫୧ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୪୦ | | ୭୩ | ୧୬୫୬ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୪୧ | | ୭୩ | ୧୬୯୬ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪୨ | ଗୁଣନିଧି ସାହୁ, ପ୍ରସନ୍ନ ସାହୁ, ବେଣୁଧର ସାହୁ, ଏକାଦଶିଆ ସାହୁ, ସୁମତି ସାହୁ, ପି.: ଗୌରାଙ୍ଗ ସାହୁ, ସୁରେଶ ସାହୁ, ପି.: ଅର୍ଜୁନ ସାହୁ, ଜା: ତନ୍ତି, ବା: ନିଜଗାଁ | ୭୫ | ୧୩୦୮ | ଶାରଦ-୩ | ୦.୦୪୫ | ୦.୦୪୫ | |
| ୧୪୩ | ହଟିଆ ସାହୁ, ସାଗର ସାହୁ, ଛାୟା ସାହୁ, ସୁଷମା ସାହୁ, ପି.: ଚନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ | ୭୯ | ୧୫୩୧ | ଶାରଦ-୧ | ୦.୧୯୦ | ୦.୧୯୦ | |
| ୧୪୪ | | ୭୯ | ୧୫୪୨ | ଶାରଦ-୧ | ୦.୦୬୦ | ୦.୦୬୦ | |
| ୧୪୫ | | ୭୯ | ୧୬୧୧ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୧୪୬ | ଟାଇଁଆ ସାହୁ, ଦଇତାରି ସାହୁ, ପି. ସୁବୁଧି ସାହୁ, ଜା: ଚଷା, ବା: ନିଜଗାଁ | ୮୩ | ୧୪୫୦ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪୭ | | ୮୩ | ୧୫୫୦ | ଶାରଦ-୨ | ୦.୦୮୫ | ୦.୦୮୫ | |
| ୧୪୮ | | ୮୩ | ୧୫୫୪ | ଶାରଦ-୨/୩ | ୦.୧୬୫ | ୦.୧୬୫ | |
| ୧୪୯ | ଟୁଇଁ ଦେଇ, ସ୍ୱା.: ଭଗବାନ ସାହୁ, ଜା: ଚଷା, ବା: ନିଜଗାଁ | ୮୬ | ୧୩୭୮ | ଶାରଦ-୧ | ୦.୨୦୦ | ୦.୨୦୦ | |
| ୧୫୦ | | ୮୬ | ୧୪୦୧ | ପତିତ | ୦.୦୪୦ | ୦.୦୪୦ | |
| ୧୫୧ | | ୮୬ | ୧୪୦୨ | ଶାରଦ-୨ | ୦.୦୬୦ | ୦.୦୬୦ | |
| ୧୫୨ | ଚୈତନ୍ୟ ସାହୁ, ପି.: ଦୁଃଖିଆ ସାହୁ, ଜା: ଚଷା, ବା: ନିଜଗାଁ | ୮୮ | ୧୬୯୮ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୫୩ | | ୮୮ | ୧୭୧୩ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୫୪ | | ୮୮ | ୧୭୧୪ | ଶାରଦ-୧ | ୦.୧୯୦ | ୦.୧୯୦ | |
| ୧୫୫ | | ୮୮ | ୧୭୧୬ | ଶାରଦ-୧ | ୦.୧୬୦ | ୦.୧୬୦ | |
| ୧୫୬ | ଜୟକୃଷ୍ଣ ସାହୁ, ପି.: ବିକ୍ରମ ସାହୁ, ଜା: ତନ୍ତି, ବା: ନିଜଗାଁ | ୯୧ | ୧୨୭୮ | ଶାରଦ ଦୋଫସଲି-୨ | ୦.୦୧୦ | ୦.୦୧୦ | |
| ୧୫୭ | | ୯୧ | ୧୨୮୧ | ଶାରଦ ଦୋଫସଲି-୨ | ୦.୦୪୦ | ୦.୦୪୦ | |
| ୧୫୮ | | ୯୧ | ୧୩୬୩ | ଶାରଦ-୧ | ୦.୨୦୦ | ୦.୨୦୦ | |
| ୧୫୯ | | ୯୧ | ୧୫୦୬ | ତଇଲା-୧ | ୦.୬୫୦ | ୦.୬୫୦ | |
| ୧୬୦ | | ୯୧ | ୧୫୦୮ | ତଇଲା-୧ | ୦.୧୧୦ | ୦.୧୧୦ | |
| ୧୬୧ | | ୯୧ | ୧୫୨୪ | ଶାରଦ-୧ | ୦.୧୨୦ | ୦.୧୨୦ | |
| ୧୬୨ | | ୯୧ | ୧୫୭୪ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୬୩ | | ୯୧ | ୧୫୯୨ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୬୪ | | ୯୧ | ୧୫୯୮ | ଶାରଦ-୩/୨ | ୦.୦୭୦ | ୦.୦୭୦ | |
| ୧୬୫ | | ୯୧ | ୧୭୮୪ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୧୬୬ | | ୯୧ | ୧୮୨୪ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୧୬୭ | | ୯୧ | ୧୫୯୭/୩୯୦୨ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୬୮ | ଯୁଯେଷ୍ଟି ବେହେରା, ପି.: ରାମୁ ବେହେରା, ଜା: ଚଷା, ବା: ନିଜଗାଁ | ୯୩ | ୧୬୬୩ | ୩/୨ | ୦.୧୨୦ | ୦.୧୨୦ | |
| ୧୬୯ | | ୯୩ | ୧୬୬୬ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୭୦ | | ୯୩ | ୧୬୭୬ | ଶାରଦ-୩/୨ | ୦.୧୨୦ | ୦.୧୨୦ | |
| ୧୭୧ | | ୯୩ | ୧୬୮୮ | ଶାରଦ-୩ | ୦.୩୦୦ | ୦.୩୦୦ | |
| ୧୭୨ | ଡମ୍ବରୁ ମହାଳିକ, ପି.: କୈବଲ୍ୟ ମହାଳିକ, ଜା: କୈବର୍ତ୍ତ, ବା: ନିଜଗାଁ | ୯୮ | ୧୬୧୬ | ତଇଲା-୧ | ୦.୧୦୦ | ୦.୧୦୦ | |
| ୧୭୩ | | ୯୮ | ୧୬୨୨/୩୯୭୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୭୪ | | ୯୮ | ୧୬୨୨/୩୯୭୭ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୭୫ | | ୯୮ | ୧୬୨୨/୩୯୭୮ | ଶାରଦ-୩ | ୦.୧୫୦ | ୦.୧୫୦ | |
| ୧୭୬ | ଦାମ ସାହୁ, ପି.: ଗୋବିନ୍ଦ ସାହୁ, ଜା: ତନ୍ତି, ବା: ନିଜଗାଁ | ୧୦୦ | ୧୭୩୪ | ଶାରଦ ଦୋଫସଲି-୨ | ୦.୨୩୦ | ୦.୨୩୦ | |
| ୧୭୭ | | ୧୦୦ | ୧୭୮୭ | ଶାରଦ-୧ | ୦.୦୬୦ | ୦.୦୬୦ | |
| ୧୭୮ | ଡାଳିମ୍ବ ଦେଇ, ସ୍ୱା.: ଗୋପୀନାଥ ସାହୁ, ଜା: ଚଷା, ବା: ନିଜଗାଁ | ୧୦୧ | ୧୬୬୨ | ଶାରଦ-୩/୧୦ | ୦.୩୬୦ | ୦.୩୬୦ | |
| ୧୭୯ | ତୀର୍ଥ ସ୍ୱାଇଁ, ପି.: ଅଚ୍ୟୁତ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୧୦୨ | ୧୨୫୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୮୦ | | ୧୦୨ | ୧୩୮୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୮୧ | | ୧୦୨ | ୧୪୯୫ | ତଇଲା-୧ | ୦.୨୦୦ | ୦.୨୦୦ | |
| ୧୮୨ | | ୧୦୨ | ୧୫୬୨ | ଶାରଦ-୩/୪ | ୦.୧୮୦ | ୦.୧୮୦ | |
| ୧୮୩ | | ୧୦୨ | ୧୫୬୭ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୮୪ | | ୧୦୨ | ୧୬୯୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୮୫ | | ୧୦୨ | ୧୭୨୮ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୮୬ | ତୀର୍ଥ ନାଏକ, ପି.: ବିଶେଇ ନାଏକ, ମଙ୍ଗୁଲୁ ନାଏକ, ପି.: ଦୁଲଭ ନାଏକ, ଜା: ପାଣ, ବା: ନିଜଗାଁ | ୧୦୪ | ୧୩୫୯ | ଶାରଦ-୧ | ୦.୦୩୦ | ୦.୦୩୦ | |
| ୧୮୭ | | ୧୦୪ | ୧୩୬୫ | ଶାରଦ-୨/୨ | ୦.୧୩୦ | ୦.୧୩୦ | |
| ୧୮୮ | | ୧୦୪ | ୧୫୫୨ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୮୯ | | ୧୦୪ | ୧୫୯୩ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୯୦ | | ୧୦୪ | ୨୯୩୮ | ବିଆଲି | ୦.୧୦୦ | ୦.୧୦୦ | |
| ୧୯୧ | ଦାଶରଥି ସାହୁ, ହୃଦାନନ୍ଦ ସାହୁ, ପି.: ରାମଚନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ | ୧୦୫ | ୧୪୫୨ | ଶାରଦ-୩ | ୦.୦୫୫ | ୦.୦୫୫ | |
| ୧୯୨ | | ୧୦୫ | ୧୪୫୪ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୧୯୩ | | ୧୦୫ | ୧୫୬୯ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୧୯୪ | | ୧୦୫ | ୧୮୧୪ | ଶାରଦ-୨ | ୦.୦୬୫ | ୦.୦୬୫ | |
| ୧୯୫ | | ୧୦୫ | ୧୮୧୬ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୧୯୬ | ଦାଶରଥି ସାହୁ, ହୃଦାନନ୍ଦ ସାହୁ, ପି.: ରାମ ସାହୁ, ଲକ୍ଷଣ ସାହୁ, ପି.: ନବ ସାହୁ, ଜା: ଚଷା, ବା: ନିଜଗାଁ | ୧୦୬ | ୧୫୭୦ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୯୭ | ଦିଗମ୍ବର ସାହୁ, ପି.: ଗାଣ୍ଡୁ ସାହୁ, ଜା: ଚଷା, ବା: ନିଜଗାଁ | ୧୦୭ | ୧୨୮୪ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୯୮ | | ୧୦୭ | ୧୪୭୦ | ଶାରଦ-୩/୨ | ୦.୪୩୦ | ୦.୪୩୦ | |
| ୧୯୯ | ଦୁଃଖିଆ ସ୍ୱାଇଁ, ପି.: ଅନାଦି ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୧୧୧ | ୧୩୩୦ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୨୦୦ | | ୧୧୧ | ୧୭୩୦ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୨୦୧ | ଦୁର୍ଯ୍ୟୋଧନ ସ୍ୱାଇଁ, ପି.: ଦୁଃଖବନ୍ଧୁ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୧୧୩ | ୧୪୯୬ | ତଇଲା-୨ | ୦.୨୪୦ | ୦.୨୪୦ | |
| ୨୦୨ | | ୧୧୩ | ୧୫୦୦ | ତଇଲା-୨ | ୦.୧୮୦ | ୦.୧୮୦ | |
| ୨୦୩ | | ୧୧୩ | ୧୫୬୧ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୨୦୪ | | ୧୧୩ | ୧୫୬୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୨୦୫ | | ୧୧୩ | ୧୫୬୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୨୦୬ | ଧନେଶ୍ୱର ସାହୁ, ପି.: ପବିତ୍ର ସାହୁ, ଜା: ଚଷା, ବା: ନିଜଗାଁ, ଗଣେଶ୍ୱର ସାହୁ, ପି.: ପବିତ୍ର ସାହୁ, ଜା: ଚଷା, ବା: ନିଜଗାଁ | ୧୧୬ | ୧୩୧୧ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୨୦୭ | | ୧୧୬ | ୧୩୨୩ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୨୦୮ | ଧୀର ସାହୁ, ପି.: ପଠାଣୀ ସାହୁ, ଜା: ତନ୍ତି, ବା: ନିଜଗାଁ | ୧୧୮ | ୧୨୭୪ | ଶାରଦ ଦୋଫସଲି-୨ | ୦.୦୫୦ | ୦.୦୫୦ | |
| ୨୦୯ | | ୧୧୮ | ୧୪୮୯ | ତଇଲା-୨ | ୦.୦୬୦ | ୦.୦୬୦ | |
| ୨୧୦ | | ୧୧୮ | ୧୫୧୯ | ତଇଲା-୧ | ୦.୧୫୦ | ୦.୧୫୦ | |
| ୨୧୧ | | ୧୧୮ | ୧୫୭୩ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୨୧୨ | | ୧୧୮ | ୧୫୭୯ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୨୧୩ | | ୧୧୮ | ୨୯୩୦ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୧୪ | | ୧୧୮ | ୨୯୪୧ | ବିଆଲି | ୦.୦୨୦ | ୦.୦୨୦ | |
| ୨୧୫ | | ୧୧୮ | ୨୯୪୩ | ବିଆଲି | ୦.୦୪୦ | ୦.୦୪୦ | |
| ୨୧୬ | | ୧୧୮ | ୨୯୪୫ | ବିଆଲି | ୦.୦୨୦ | ୦.୦୨୦ | |
| ୨୧୭ | | ୧୧୮ | ୧୫୧୭/୩୮୯୫ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୨୧୮ | | ୧୧୮ | ୧୫୨୭/୩୮୯୬ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୨୧୯ | ନକୁଳ ସ୍ୱାଇଁ, ପି.: ଦଣ୍ଡିଆ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୧୨୦ | ୧୩୮୯ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୨୨୦ | | ୧୨୦ | ୧୩୯୧ | ଶାରଦ-୨ | ୦.୦୧୦ | ୦.୦୧୦ | |
| ୨୨୧ | ନକୁଳ ସାହୁ, ପି.: ଭିକାରୀ ସାହୁ, ଜା: ଚଷା, ବା: ନିଜଗାଁ | ୧୨୧ | ୧୪୬୩ | ତଇଲା-୨ | ୦.୧୭୦ | ୦.୧୭୦ | |
| ୨୨୨ | | ୧୨୧ | ୧୪୬୪ | ଶାରଦ-୨ | ୦.୪୨୦ | ୦.୪୨୦ | |
| ୨୨୩ | | ୧୨୧ | ୧୪୧୨/୪୩୦୮ | ତଇଲା-୧ | ୦.୧୫୦ | ୦.୧୫୦ | |
| ୨୨୪ | ନରହରି ସାହୁ, ପି.: କିଣୀ ସାହୁ, ଜା: ଚଷା, ବା: ନିଜଗାଁ | ୧୨୪ | ୧୬୩୭ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୨୨୫ | | ୧୨୪ | ୧୭୩୨ | ଶାରଦ-୨ | ୦.୦୬୦ | ୦.୦୬୦ | |
| ୨୨୬ | | ୧୨୪ | ୧୮୦୧ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୨୨୭ | | ୧୨୪ | ୨୯୨୭ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୨୨୮ | | ୧୨୪ | ୨୯୩୯ | ବିଆଲି | ୦.୧୭୦ | ୦.୧୭୦ | |
| ୨୨୯ | | ୧୨୪ | ୨୯୪୯ | ବିଆଲି | ୦.୧୧୦ | ୦.୧୧୦ | |
| ୨୩୦ | | ୧୨୪ | ୨୯୫୪ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୨୩୧ | ନରସିଂହ ସାହୁ, ପି.: ପଦ୍ମ ଚରଣ ସାମନ୍ତ ସିଂହାର, ଗନ୍ଧର୍ବ ସାହୁ, ପି.: ଗଦାଧର ସାହୁ, ଜା: ଚଷା, ବା: ନିଜଗାଁ | ୧୨୬ | ୧୬୦୩ | ତଇଲା-୧ | ୧.୬୭୦ | ୧.୬୭୦ | |
| ୨୩୨ | ନରସିଂହ ସାହୁ, ପି.: ପଦ୍ମ ଚରଣ ସାମନ୍ତ ସିଂହାର, ବିଛନ୍ଦ ସାହୁ, ପି.: ଦୀନବନ୍ଧୁ ମହାମାନସିଂହ, ଜା: ଚଷା, ବା: ନିଜଗାଁ | ୧୨୮ | ୧୨୭୩ | ଶାରଦ ଦୋଫସଲି-୨ | ୦.୨୭୦ | ୦.୨୭୦ | |
| ୨୩୩ | ନାରଣ ସାହୁ, ପି.: ବେଣୁ ସାହୁ, ଜା: ଚଷା, ବା: ନିଜଗାଁ | ୧୩୧ | ୧୨୯୫ | ଶାରଦ ଦୋଫସିଲ-୨ | ୦.୦୪୦ | ୦.୦୪୦ | |
| ୨୩୪ | | ୧୩୧ | ୧୬୪୦ | ଶାରଦ-୨ | ୦.୦୯୦ | ୦.୦୯୦ | |
| ୨୩୫ | | ୧୩୧ | ୨୭୬୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୨୩୬ | | ୧୩୧ | ୨୭୭୫ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୨୩୭ | ନାରଣ ସାହୁ, ପି.: ବେଣୁ ସାହୁ, ସୁରେଶ ସାହୁ, ପି.: ହଳଧର ସାହୁ, ଜା: ଚଷା, ବା: ନିଜଗାଁ | ୧୩୨ | ୧୬୪୨ | ତଇଲା-୨ | ୦.୦୫୦ | ୦.୦୫୦ | |
| ୨୩୮ | ନାରଣ ସାହୁ, କୈଳାସ ଚନ୍ଦ୍ର ସାହୁ, ସାରଙ୍ଗଧର ସାହୁ, ପି.: ନାକଫୋଡ଼ି ସାହୁ, ଜା: ଚଷା, ବା: ନିଜଗାଁ | ୧୩୩ | ୧୩୨୦ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୨୩୯ | | ୧୩୩ | ୧୭୦୧ | ତଇଲା-୨ | ୦.୧୧୦ | ୦.୧୧୦ | |
| ୨୪୦ | ନାରଣ ସାହୁ, ପି.: ବେଣୁ ସାହୁ, ବିକା ସାହୁ, ପି.: ସାନୁ ସାହୁ, ସୁରେଶ ଚନ୍ଦ୍ର ସାହୁ, ପି.: ହଳଧର ସାହୁ, ଜା: ଚଷା, ବା: ନିଜଗାଁ | ୧୩୪ | ୧୬୨୬ | ଶାରଦ-୧ | ୦.୧୧୦ | ୦.୧୧୦ | |
| ୨୪୧ | | ୧୩୪ | ୧୬୨୭ | ଶାରଦ-୧ | ୦.୦୪୦ | ୦.୦୪୦ | |
| ୨୪୨ | | ୧୩୪ | ୧୬୨୮ | ଶାରଦ-୧ | ୦.୦୮୦ | ୦.୦୮୦ | |
| ୨୪୩ | | ୧୩୪ | ୨୯୫୫ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୨୪୪ | ନାରାୟଣ ସାହୁ, କୈଳାସ ସାହୁ, ସାରଙ୍ଗ ସାହୁ, ପି.: ନାକଫୋଡ଼ି ବୈରିଗଞ୍ଜନ, ଜା: ଚଷା, ବା: ନିଜଗାଁ | ୧୩୫ | ୧୩୨୧ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୪୫ | ନୀଳମଣି ଦାଶ, ପି.: ମଧୁସୁଦନ ଦାଶ, ଜା: ବୈଷ୍ଣବ, ବା: ନିଜଗାଁ | ୧୩୮ | ୧୫୨୩ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୨୪୬ | | ୧୩୮ | ୧୫୫୩ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୨୪୭ | | ୧୩୮ | ୧୫୬୮ | ଶାରଦ-୩ | ୦.୧୫୦ | ୦.୧୫୦ | |
| ୨୪୮ | | ୧୩୮ | ୧୫୭୨ | ଶାରଦ-୩ | ୦.୧୫୦ | ୦.୧୫୦ | |
| ୨୪୯ | | ୧୩୮ | ୧୫୮୧ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୨୫୦ | ନିଳେନ୍ଦ୍ରୀ ଦେଇ, ସ୍ୱା.: ତୀର୍ଥ ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୧୩୯ | ୧୫୦୧ | ତଇଲା-୨ | ୦.୨୦୦ | ୦.୨୦୦ | |
| ୨୫୧ | | ୧୩୯ | ୧୫୬୫ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୨୫୨ | | ୧୩୯ | ୧୬୦୨ | ଶାରଦ-୩ | ୦.୧୮୦ | ୦.୧୮୦ | |
| ୨୫୩ | ଶ୍ରୀନାଥ ପ୍ରଧାନ, ପି.: ପଦ୍ମଚରଣ ପ୍ରଧାନ, ଜା: ଚଷା, ବା: ଝାଡ଼ବନ୍ଧ | ୧୪୨ | ୧୨୧୯ | ଶାରଦ ଦୋଫସଲି – ୨/୪ | ୦.୨୮୦ | ୦.୨୮୦ | |
| ୨୫୪ | | ୧୪୨ | ୧୨୮୯ | ଶାରଦ ଦୋଫସଲି-୨ | ୦.୩୯୦ | ୦.୩୯୦ | |
| ୨୫୫ | | ୧୪୨ | ୧୩୦୦ | ଶାରଦ ଦୋଫସଲି-୧/୩ | ୧.୬୯୦ | ୧.୬୯୦ | |
| ୨୫୬ | | ୧୪୨ | ୧୩୬୯ | ଶାରଦ-୧ | ୦.୪୫୦ | ୦.୪୫୦ | |
| ୨୫୭ | | ୧୪୨ | ୧୪୪୨ | ଶାରଦ-୩/୭ | ୦.୪୨୦ | ୦.୪୨୦ | |
| ୨୫୮ | | ୧୪୨ | ୧୬୨୫ | ଶାରଦ-୧ | ୦.୧୮୦ | ୦.୧୮୦ | |
| ୨୫୯ | | ୧୪୨ | ୧୭୨୧ | ଶାରଦ-୧ | ୧.୩୫୦ | ୧.୩୫୦ | |
| ୨୬୦ | | ୧୪୨ | ୧୭୮୬ | ଶାରଦ-୧/୫ | ୦.୫୫୦ | ୦.୫୫୦ | |
| ୨୬୧ | | ୧୪୨ | ୧୮୦୬ | ଶାରଦ-୩/୩ | ୦.୫୪୦ | ୦.୫୪୦ | |
| ୨୬୨ | | ୧୪୨ | ୧୮୧୭ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୨୬୩ | | ୧୪୨ | ୨୯୫୨ | ଶାରଦ-୩ | ୦.୧୭୦ | ୦.୧୭୦ | |
| ୨୬୪ | | ୧୪୨ | ୧୨୭୩/୪୩୩୪ | ଶାରଦ ଦୋ ଫସଲି-୨ | ୦.୦୩୦ | ୦.୦୩୦ | |
| ୨୬୫ | | ୧୪୨ | ୧୩୬୯/୩୯୯୭ | ଶାରଦ-୧ | ୦.୦୫୦ | ୦.୦୫୦ | |
| ୨୬୬ | ପଦ୍ମଲାଭ ସାହୁ, ନିତ୍ୟାନନ୍ଦ ସାହୁ, ଗତିକୃଷ୍ଣ ସାହୁ, ପି.: ଟିହୁଲୁ ସାହୁ, ଘୁରୁଡ଼ି ବେୱା, ସ୍ୱା.: ଟିହିଲୁ ସାହୁ, ଜା: ଚଷା, ବା: ନିଜଗାଁ | ୧୪୫ | ୧୩୧୪ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୨୬୭ | ପବିତ୍ର ସାହୁ, ପିତବାସ ସାହୁ, ସୁବଳ ସାହୁ, ରସାନନ୍ଦ ସାହୁ, ରବିନ୍ଦ୍ର ସାହୁ, ପି: ଯୁଆଙ୍ଗ ସାହୁ, ସୁକାନ୍ତି ଦେଇ, ପି.: ଉଛବ ସାହୁ, ଜା: ଚଷା, ବା: ନିଜଗାଁ | ୧୪୭ | ୧୩୨୨ | ଶାରଦ-୨ | ୦.୧୩୦ | ୦.୧୩୦ | |

| କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୨୬୮ | ପାଣ୍ଡବ ସାହୁ, ପି.: ରଜନୀ ସାହୁ, ଜା: ଚଷା, ବା: ନିଜଗାଁ | ୧୫୫ | ୧୩୪୪ | ଶାରଦ- ୩/୨ | ୦.୦୫୦ | ୦.୦୫୦ | |
| ୨୬୯ | | ୧୫୫ | ୧୩୪୭ | ଶାରଦ-୨ | ୦.୦୫୦ | ୦.୦୫୦ | |
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜଗତ୍‌ସିଂହପୁରରେ ହେବ ସାଇବର ଥାନା

**ଜଗତ୍‌ସିଂହପୁର, ୧୧।୧ (ପ୍ରମୋଦ କୁମାର ନାୟକ)**

ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀର ୯୧ତମ ପ୍ରତିଷ୍ଠା ଦିବସରେ ଅନେକ ପ୍ରସଙ୍ଗରେ ଚର୍ଚ୍ଚା ହୋଇଛି। ଯେପରି ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରାଜ୍ୟର ୨୦ତମ ସାଇବର ଥାନା ହେବ। ଆସନ୍ତା ୧୯ରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ। ଏହାବାଦ୍ ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗର ତଦନ୍ତ ଖର୍ଚ୍ଚ ସହ ବିଭିନ୍ନ ବାବଦ ପାଇଁ ୧୭ ଶହ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଅତୀତରେ ଅର୍ଥାଭାବ କାରଣରୁ ତଦନ୍ତରେ ଯେଉଁ ଅସୁବିଧା ହେଉଥିଲା ଏଣିକି ଆଉ ହେବନାହିଁ। ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଜିଲାକୁ ୮୮ଟା ବାଇକ ଓ ୪୫ ସ୍କୁଟି ବ୍ୟବସ୍ଥା କରିଛନ୍ତି। ଏବେ ଥାନାଗୁଡ଼ିକୁ ଫୋରେନ୍ସିକ କିଟ୍ ମିଳିଛି, ଯାହା ଆଗରୁ ମିଳୁ ନ ଥିଲା। ଜଗତ୍‌ସିଂହପୁର ଥାନାରେ ପ୍ରତିବର୍ଷ ୧୨୦୦ରୁ ୧୫୦୦ ମାମଲା ହେଉଥିବାରୁ ଆଉ ଏକ ଥାନା ହେବା ଉଚିତ ବୋଲି ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସ କହିଛନ୍ତି।

## ଏଣିକି କୋର୍ଟରେ ଚାର୍ଜଶିଟ୍ ଶୀଘ୍ର ପହଞ୍ଚିପାରିବ

ଆଗାମୀ ଦିନରେ ଡିଏଫ୍‌ଏସ୍‌ଏଲ୍ (ଡାଇରେକ୍ଟୋରେଟ୍ ଅଫ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି) ଉନ୍ନତୀକରଣ ହୋଇ ଏସ୍‌ଏଫ୍‌ଏସ୍‌ଏଲ୍ (ଷ୍ଟେଟ୍ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି) ଭଳିଆ ହେବ। ଏହାଦ୍ୱାରା ଭିସେରା ଓ ଅନ୍ୟାନ୍ୟ କିଛି ବାହାରକୁ ପଠା ନ ଯାଇ ଉକ୍ତ ସ୍ଥାନରେ ପରୀକ୍ଷା ହୋଇପାରିବ। ଏହା ହୋଇଗଲେ କୋର୍ଟରେ ଶୀଘ୍ର ଚାର୍ଜଶିଟ୍ ଦାଖଲ କରିହେବ ବୋଲି ଅତିରିକ୍ତ ଏସ୍‌ପି ଦାସ କହିଛନ୍ତି।

## ଅପରାଧୀଙ୍କୁ ଚିହ୍ନାଇବ ନାପିଜ୍, ନାକଗ୍ରୀଡ୍

ପ୍ରତ୍ୟେକ ଥାନାକୁ ନାପିଜ୍ ଡାଟାବେସ୍ ଦିଆଯାଇଛି। ଏଥିରେ ସେମାନଙ୍କ ଫିଙ୍ଗର ପ୍ରିଣ୍ଟ ବାୟୋମେଟ୍ରିକ ଉନ୍ନତୀକରଣ କରାଯାଉଛି। ଏହା ବଳରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଗଲା ପରେ ସେ ଅନ୍ୟ କେଉଁ ଅପରାଧରେ ସମ୍ପୃକ୍ତ ତାହା ଶୀଘ୍ର ଜଣା ପଡିଯିବ। ପୋଲିସର ନାକଗ୍ରୀଡ୍ ସଫ୍ଟୱେର ୯ଟି ବିଭାଗକୁ ସଂଯୋଗୀକରଣ କରୁଛି। ଭବିଷ୍ୟତରେ ୩୬ରୁ ୩୭ ବିଭାଗ ଭିତରେ ସଂଯୋଗୀକରଣ ହୋଇଗଲେ ଅଭିଯୁକ୍ତ କୌଣସି ଅପରାଧରେ ସମ୍ପୃକ୍ତ ଥିଲେ ତାହା ଲୁଚି ରହିବ ନାହିଁ ବୋଲି କହିଛନ୍ତି ଅତିରିକ୍ତ ଏସ୍‌ପି ଦାସ।

## ୧୧ ବାଲିଘାଟ ବନ୍ଦ କଲେ ବିଧାୟକ

ଏହି ଅବସରରେ ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି ବାଲି ଘାଟରୁ ଓଭରଲୋଡିଂ ଓ ବିନା ଇ-ଟିପି (ଟ୍ରାନ୍‌ଜିଟ୍ ପାସ)ରେ ସହସ୍ରାଧିକ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ଏଥିଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି। ରାସ୍ତା ଖରାପ ହେଉଥିବାରୁ ନାଉଗାଁ ବ୍ଲକ ଏରଡା ସମେତ ପାଖାପାଖି ୧୧ଟି ବାଲି ଘାଟ ସେ ବନ୍ଦ କରିଛନ୍ତି। ନିମ୍ନମାନର ରାସ୍ତା କାମ ସାଙ୍ଗକୁ ବାଲି ବୋଝେଇ ହାଇୱା ଯାତାୟାତ ଯୋଗୁ ରାସ୍ତା ଫାଟିଯାଉଛି। ଉପଜିଲାପାଳ ଭଲ କାମ କରୁଛନ୍ତି। ଖଣି ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରି ଭଲ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ଡିଏମ୍‌ଏଫ୍ ଖର୍ଚ୍ଚ ହେଉ ନ ଥିବାରୁ ପ୍ରଶ୍ନ

ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ)ରେ ମାତ୍ର ୯୦ ଲକ୍ଷ ଟଙ୍କା ଅଛି। ତାହା ପୁଣି ବିନିଯୋଗ ହେଉନାହିଁ। କାହିଁକି ଏହି ରାଶିର ବିନିଯୋଗ ହେଉନି ବୋଲି ବିଧାୟକ ଦାସ ପ୍ରଶ୍ନ କରିବା ସହ ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦିର ଉନ୍ନତୀକରଣ ହୋଇପାରନ୍ତା ବୋଲି ପ୍ରସ୍ତାବ ଦେଇଛନ୍ତି।

# ଏମ୍‌ଜିଏନ୍‌ଆରଇଜିଏସ୍ ଉଚ୍ଛେଦ ବିରୋଧରେ ପ୍ରତିବାଦ

### ଗାନ୍ଧୀଛକରେ କଳା ବ୍ୟାଜ୍ ପିନ୍ଧି ବସିଲେ କଂଗ୍ରେସ କର୍ମୀ


କଂଗ୍ରେସ କର୍ମୀମାନେ ଗାନ୍ଧୀଛକରେ ପ୍ରତିବାଦ କରୁଛନ୍ତି।

**ଜଗତ୍‌ସିଂହପୁର, ୧୧।୧ (ପ୍ରମୋଦ କୁମାର ନାୟକ)**

କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)କୁ ଉଦ୍ଦେଶ୍ୟମୂଳକ ଭାବେ ଉଚ୍ଛେଦ କରି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି ଜି ରାମ୍ ଜି)କରିଛନ୍ତି। ଯୋଜନାର ରୂପରେଖ ବିକୃତ କରାଯିବା ସହ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଥିବା ଶ୍ରମିକଙ୍କ ସ୍ୱାଧୀନ ଅଧିକାରକୁ ସଙ୍କୁଚିତ କରାଯାଇଛି। ପଞ୍ଚାୟତ କ୍ଷମତାକୁ ନିଜ ହାତକୁ ନେଇ ଇଚ୍ଛାଧୀନ କରି ରଖିବାକୁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ। ତେଣୁ ଭାଜପା ସରକାର ବିରୋଧରେ ଏଆଇସିସି ନିର୍ଦ୍ଦେଶକ୍ରମେ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ରବିବାର ଆନ୍ଦୋଳନ କରାଯାଇଛି ବୋଲି କୁହାଯାଇଛି। ଡିସିସି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱ ତଥା ଓପିସିସି ଉପସଭାପତି ଡ. ଲାଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ନିର୍ବାଚିତ ଜନପ୍ରତିନିଧି, ମନରେଗା ଶ୍ରମିକ, ବ୍ଲକ ଓ ପୌରାଞ୍ଚଳର ନେତୃମଣ୍ଡଳୀ ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ସକାଳ ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଉପବାସପୂର୍ବକ ପ୍ରତିକାତ୍ମକ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ମହନି ଚରଣ ରାଉତ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ଆର୍ତ୍ତତ୍ରାଣ ପଣ୍ଡା, ପ୍ରିୟବ୍ରତ ମିଶ୍ର, ନୀହାର ଦାସ, ମନୋରଞ୍ଜନ ଜେନା, ଜିତେନ୍ଦ୍ର କୁମାର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ଅଭିଜିତ ସାହୁ, ଇମ୍‌ତିୟାଜ ଅହମ୍ମଦ ଖାନ, ବିକି ଜେନା, ଜ୍ଞାନେନ୍ଦ୍ର ପୃଷ୍ଟି, ସୁବ୍ରତ ରାୟ, ଦେବ ପ୍ରସାଦ ମହାପାତ୍ର, ପ୍ରହ୍ଲାଦ ବିଶ୍ୱାଳ, ଶିବ ପ୍ରସାଦ ଦାଶ, ମହମ୍ମଦ ଅବଦୁସ୍ ୱାହିଦ, ସଫି ଆଜମ, ପ୍ରଦ୍ୟୁମ୍ନ କିଶୋର ଚୟନୀ, ପବିତ୍ର ମନ୍ତ୍ରୀ, ନଚିକେତା ଦାସ ଓ ସ୍ନିଗ୍ଧାରାଣୀ ଦାଶଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଲୋକଙ୍କ ମୌଳିକ ଅଧିକାର ଉପରେ ଗୁରୁତ୍ୱ

### ଜାତୀୟ ମାନବାଧିକାର ସଙ୍ଗଠନ ଜିଲା ଶାଖା ପକ୍ଷରୁ ସମ୍ମିଳନୀ

**ଜଗତ୍‌ସିଂହପୁର, ୧୧।୧ (ପ୍ରମୋଦ କୁମାର ନାୟକ)**

ସମ୍ପ୍ରତିଅନେକସମୟରେଦେଖାଯାଉଛିବହୁ ଲୋକେ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ତେଣୁ କୌଣସି ବ୍ୟକ୍ତି ଯେପରି ମୌଳିକ ଅଧିକାରରୁ ବଞ୍ଚିତ ନ ହେବେ, ତା' ଉପରେ ଗୁରୁତ୍ୱାରୋପ କରାଯିବ। ରବିବାର ଜାତୀୟ ମାନବାଧିକାର ସଂଗଠନ ପକ୍ଷରୁ ରଘୁନାଥପୁର ଓଡିପଡାସ୍ଥିତ ପ୍ରମିଳା ମଣ୍ଡପ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ମିଳନୀରେ ଏହା କୁହାଯାଇଛି। ସମାଜସେବୀ ଭଗବାନ ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସଙ୍ଗଠନ ରାଜ୍ୟ ଅଧ୍ୟକ୍ଷ ଡ. ସ୍ୱର୍ଣ୍ଣମୟୀ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବାସୁଦେବ ସେଠୀ, ଜିଲା ସଭାପତି ଖବରଦାତା ଚନ୍ଦ୍ରକାନ୍ତ ଦାସ, ରାଜନେତା ତଥା ଆଇନଜୀବୀ ଅନ୍ତର୍ଯାମୀ ବକ୍ସ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଗଠନ ତତ୍ପର ରହିବ ବୋଲି ଉପସ୍ଥିତ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଏଥିସହ ଜଗତ୍‌ସିଂହପୁର ଜିଲାରେ ସଂଗଠନ କାର୍ଯ୍ୟଧାରାକୁ କ୍ରିୟାଶୀଳ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ସଭାପତି ଦୀନବନ୍ଧୁ ନାୟକ, ସମ୍ପାଦକ ସମନ କଲ୍ୟାଣ ମହାନ୍ତି, ଉପସଭାପତି ସବିତା ରାଣୀ ପୃଷ୍ଟି, ମହିଳା ସେଲ୍‌ର ସମ୍ପାଦିକା ରଞ୍ଜୁବାଳା ସେଠୀ, କଟକ ଜିଲାରୁ ରବୀନ୍ଦ୍ର କୁମାର ନାୟକ, ଜ୍ୟୋତିରଞ୍ଜନ ମହାରଣା, ରଘୁନାଥପୁର ବ୍ଲକ ସଭାପତି ଧନଞ୍ଜୟ ମଲ୍ଲିକ, ବିରିଡ଼ି ବ୍ଲକ ସଭାପତି ଜିତେନ ବେହେରା, ବାଲିକୁଦା ବ୍ଲକ ସଭାପତି ବିଭୁପ୍ରସାଦ ତ୍ରିପାଠୀ, ନାଉଗାଁ ବ୍ଲକ ସଭାପତି ବ୍ରଜକିଶୋର ବେହେରା, ନିଆଳି ବ୍ଲକ ସଭାପତି ମଧୁସୂଦନ ବକ୍ସ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଲେଙ୍କା, ମୁଖ୍ୟ ଉପଦେଷ୍ଟା କଲ୍ୟାଣ ସେନ ଓ ଆଇନଗତ ପରାମର୍ଶଦାତା ପ୍ରମିଳା ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବାଂଶୀ


@ ନିତ୍ୟାନନ୍ଦ


@ ପୀତାମ୍ବର


@ ପ୍ରଭାତ


@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


### ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

# କୋଲ୍‌କାତା ଚାମ୍ପିୟନ, ମୁମ୍ବାଇ ବନ୍ଦର ରନରଅପ୍

**ପାରାଦୀପ, ୧୧।୧ (ଶରତ ରାଉତ)**


ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋଲ୍‌କାତା ଚାମ୍ପିୟନ ଓ ମୁମ୍ବାଇ ବନ୍ଦର ରନରଅପ୍ ହୋଇଛି। ଜୟଦେବ ଭବନରେ ରବିବାର ସନ୍ଧ୍ୟାରେ ପାରାଦୀପ ବନ୍ଦରର କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ, ସୁଗମ ସଙ୍ଗୀତ, ବାଦ୍ୟ, ଓଡ଼ିଶୀ ନୃତ୍ୟ ଏବଂ ନାଟକ ପରିବେଷଣ କରିଥିଲେ। ନୃସିଂହ ପ୍ରସାଦ ଶତପଥୀଙ୍କ ନିର୍ଦ୍ଦେଶନାରେ କଳାକାରମାନେ ଏକ ବ୍ୟଙ୍ଗାତ୍ମକ ଓ ବାସ୍ତବଧର୍ମୀ ନାଟକ 'ବିଚାର' ମଞ୍ଚସ୍ଥ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତ ପୌରୋହିତ୍ୟ କରିଥିଲେ। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ବନ୍ଦରରୁ ଆସିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ହାରାନ୍ଧ କୋଲ୍‌କାତା ବନ୍ଦର ଓ ମୁମ୍ବାଇ ବନ୍ଦରକୁ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ପ୍ରଦାନ କରିବା ସହ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। କୋଚିନ୍ ଓ ଦୀନଦୟାଲ ବନ୍ଦରକୁ ଦ୍ୱିତୀୟ ରନ୍‌ରଅପ ପୁରସ୍କାର ମିଳିଥିଲା।


**Classified Everyday**
**0674-2580101, 9692975378**




**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage. Contact: 9556924059/ 7656969134. D-3075

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ- ଡ. ବିପ୍ର ଚରଣ ନାଥ, ଦିଅର- ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ- ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-231

ଏକାଦଶାହ ଉପଲକ୍ଷେ

ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ
ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା
D-3085


# ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଏରସମା, ୧୧।୧ (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଭିରଙ୍ଗ ନୋଡାଲ ସ୍କୁଲ ପରିସରରେ ରବିବାର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭିରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସଭାରେ ସମ୍ପୃକ୍ତ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶିକ୍ଷକ ମନୋଜ କୁମାର ସ୍ୱାଇଁ, ପ୍ରବୋଧ କୁମାର ରାଉତରାୟ, ସମୀର ରଞ୍ଜନ ଦାସ, ରାଜ କିଶୋର ସ୍ୱାଇଁ, ସ୍ୱର୍ଗତ ସଲିଳ କୁମାର ବରାଳଙ୍କ ସହ ୪ର୍ଥ ଶ୍ରେଣୀ କର୍ମଚାରୀ ବିଜୟ କୁମାର ସାହୁଙ୍କୁ ଉତ୍ତରୀୟ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଶିକ୍ଷକ ମଣିଷ ତିଆରି କାରଖାନାର ଉପଯୁକ୍ତ କାରିଗର ବୋଲି କହିଥିଲେ। ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମିୟ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଯେତେବେଳେ ପିଲାମାନେ ବିଭିନ୍ନ ବିଷୟକୁ ଠିକ୍ ଭାବରେ ବୁଝିପାରିବେ, ତାହା ହେବ ସେମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା। ଏଥିରେ ସୌମ୍ୟଦର୍ଶନ ମହାନ୍ତି, ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ, ପ୍ରଧାନ ଶିକ୍ଷକ ପ୍ରଭାତ ବାରିକ, ଆଇଆଇସି ପ୍ରେମଜିତ ଦାସ, କବି ମାନସୀପ୍ରଭା ସ୍ୱାଇଁ, ଅଭିନେତ୍ରୀ ରାକ୍ଷୀ ଦାସ ଉପସ୍ଥିତ ହୋଇ ଶିକ୍ଷକମାନଙ୍କର ପ୍ରକୃତ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଛାତ୍ର ମାନସ କୁମାର ସ୍ୱାଇଁ ସଭା ସଞ୍ଚାଳନ କରିଥିଲେ। ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାମ କରୁଥିବା ବେଳେ ଆଜ୍‌ବେଷ୍ଟସ୍‌ରୁ ଖସି ଜଣେ ମୃତ

ଭାପୁର,୧୧।୧(ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ଏଲପଡା ଗ୍ରାମର ଜଣେ ବ୍ୟକ୍ତି ରବିବାର ଘର କାମ କରୁଥିବା ବେଳେ ଆଜବେଷ୍ଟସ୍ ଉପରୁ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଏଲପଡା ଗ୍ରାମର ଧନେଶ୍ୱର ମହାରଣା (୪୫)। ସେ କାଠ କାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ରବିବାର ପାର୍ବତୀପୁର ଗ୍ରାମକୁ ଜଣେ ବ୍ୟକ୍ତିଙ୍କର ଘରକାମ କରିବା ପାଇଁ ଯାଇଥିଲେ । ଘର ଆଜବେଷ୍ଟସ୍ ଉପରେ କାମ କରୁଥିବା ବେଳେ ଅସାବଧାନତା ବଶତଃ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ସନ୍ଦେହ ଘେରରେ ମଲ୍, ଲଜ୍, କ୍ଲିନିକ୍‌ର ପ୍ଲାନ୍ ଆପ୍ରୁଭାଲ

- ପାର୍କିଂ ବ୍ୟବସ୍ଥା ନ କରି ଲୋକେ ହଇରାଣ
- ବିପର୍ଯ୍ୟସ୍ତ ହେଉଛି ଟ୍ରାଫିକ୍ ସେବା
- ଟ୍ରେଡ୍ ଲାଇସେନ୍ସକୁ ନେଇ ପ୍ରଶ୍ନ

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ପାର୍କିଂ ବ୍ୟବସ୍ଥା ନ କରି ମଲ୍, ଲଜ୍, ବ୍ୟାଙ୍କ, ହୋଟେଲ ଓ ଘରୋଇ ହସ୍ପିଟାଲ(କ୍ଲିନିକ୍) ଆଦିର ପ୍ଲାନ୍ ଆପ୍ରୁଭାଲ ହେବା ଓ ଟ୍ରେଡ୍ ଲାଇସେନ୍ସକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ନୟାଗଡ଼ ସହରରେ ଟ୍ରାଫିକ୍ ଭିଡ଼କୁ ରୋକାଯାଇପାରୁନି ବୋଲି ଅଭିଯୋଗ ହୋଇଆସୁଛି। ପାର୍କିଂ ବ୍ୟବସ୍ଥା ନ ଥିବାରୁ ମଲ୍, ଲଜ୍ ଓ ହୋଟେଲକୁ ଆସୁଥିବା ଲୋକମାନେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ, ନୟାଗଡ଼-ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥ ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ରଖୁଛନ୍ତି। ନୟାଗଡ଼ ସହରରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତରେ ମଲ୍, ଲଜ୍, ହୋଟେଲ ଓ ଅନୁମତି ଦେଉଥିବା ସଂସ୍ଥା ଦାୟୀ ବୋଲି ପ୍ରଶ୍ନ ଉଠିଲାଣି। ଏଭଳିସ୍ଥଳେ ଟ୍ରାଫିକ୍ ସେବା ସୁଧାରିବାକୁ ନୂଆ ଜିଲାପାଳ ପଦକ୍ଷେପ ନିଅନ୍ତୁ ବୋଲି ଦାବି ଉଠିଲାଣି।

ପୁରୀରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲା ହେବାପରେ ବି ନୟାଗଡ଼ ଜିଲା ସଦର ମହକୁମାର ଚିତ୍ର ବଦଳୁନାହିଁ। ବରଂ ଧୀରେ ଧୀରେ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇଚାଲିଛି। ପାର୍କିଂ ବ୍ୟବସ୍ଥା ନ କରି ନୟାଗଡ଼-ଦଶପଲ୍ଲା, ନୟାଗଡ଼-ଖୋର୍ଦ୍ଧା, ନୟାଗଡ଼-ଶରଣକୁଳ, ନୟାଗଡ଼-ଖଣ୍ଡପଡା ରାସ୍ତାରେ ମାଳମାଳ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଓ ଘରୋଇ ହସ୍ପିଟାଲ ଖୋଲୁଛି। ପୁଣି ସହରର ବିଭିନ୍ନ ରାସ୍ତାରେ ମଧ୍ୟ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଓ ଘରୋଇ ହସ୍ପିଟାଲ ପୂର୍ବରୁ ରହିଛି। ପାର୍କିଂ ନ ଥାଇ କମର୍ସିଆଲ ପ୍ଲାନ୍ ଆପ୍ରୁଭାଲ ହେଉଛି କିପରି। ପୁଣି ଟ୍ରେଡ୍ ଲାଇସେନ୍ସ ମଧ୍ୟ ଦିଆଯାଉଛି। କମର୍ସିଆଲ ପ୍ଲାନ୍ ଆପ୍ରୁଭ କରାଯିବା ହେଉ କିମ୍ବା ଟ୍ରେଡ୍ ଲାଇସେନ୍ସ ହେଉ ଯେଉଁମାନେ ପାଇଛନ୍ତି ସେମାନେ କେତେଦୂର ସରକାରଙ୍କ ନୀତିକୁ ମାନୁଛନ୍ତି ତା'ର ସମୀକ୍ଷା ବି ହେଉନି। ଏଣୁ ମଲ୍, ଲଜ୍, ହୋଟେଲ, ବ୍ୟାଙ୍କ ଓ ଘରୋଇ ହସ୍ପିଟାଲକୁ ଆସୁଥିବା ଲୋକମାନେ ପାର୍କିଂ ସେବା ନ ପାଇ ରାସ୍ତାରେ ଯାନବାହନ ରଖିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଟ୍ରାଫିକ୍ ବିପର୍ଯ୍ୟସ୍ତ ହେଉଛି।

ପ୍ରଶ୍ନ ଉଠୁଛି ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଓ ଘରୋଇ ହସ୍ପିଟାଲକୁ ପ୍ରଶାସନିକ ଅନୁକମ୍ପା କାହିଁକି। କେତେକ ସଂସ୍ଥା ପାଇଁ ସବୁ ଲୋକ କାହିଁକି ହଇରାଣ ହେବେ। ସହର ମଧ୍ୟଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଓ ନୟାଗଡ଼-ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥ ଯାଇଛି। ୫୭ ନଂ. ଜାତୀୟ ରାଜପଥର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରାଜପଥ କଡ଼ରେ ମଲ୍ ଖୋଲିଛି। ପୁଣି ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ଆରଏମ୍‌ସି ମାର୍କେଟ ସମ୍ମୁଖ, ଓଡ଼ଗାଁ ରାସ୍ତାରେ ଅନୁରୂପ ଭାବେ ମଲ୍ ଖୋଲିଛି। ଓଡ଼ଗାଁ ଛକ ଷ୍ଟେଟବ୍ୟାଙ୍କ ରାସ୍ତାରେ ଦୁଇଟି ବଡ଼ ବଡ଼ ମଲ୍ ଅଛି। ମଲ୍ ହେଉ ଅଥବା ଲଜ୍, ହୋଟେଲ, ବ୍ୟାଙ୍କ, ଘରୋଇ ହସ୍ପିଟାଲ ସମ୍ପୃକ୍ତ ସଂସ୍ଥାକୁ ଆସୁଥିବା ଲୋକମାନେ ରାସ୍ତାରେ ଗାଡ଼ି ରଖୁଛନ୍ତି। କୁମାରପୂର୍ଣ୍ଣିମା, ଦଶହରା, ଦୀପାବଳି, ଗଣେଶ ପୂଜା, ସାବିତ୍ରି ଅମାବାସ୍ୟା ପରି ବଡ଼ ବଡ଼ ପର୍ବରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲା ସଡ଼କ ଓ ସହର ଭିତର ରାସ୍ତାରେ ଚାଲିକରି ଯାଇହେଉନି। ବାଇକ୍‌ରେ ଗଲେ ୨ ମିନିଟ୍ ରାସ୍ତାକୁ ଘଣ୍ଟାଏରୁ ଦେଢ଼ଘଣ୍ଟା ଲାଗୁଛି। ସମସ୍ୟା ନେଇ ସମସ୍ତେ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ।

ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, କମର୍ସିଆଲ ପ୍ଲାନ୍ ଆପ୍ରୁଭ ଓ ଟ୍ରେଡ୍ ଲାଇସେନ୍ସ ଦେବା ସମୟରେ ମ୍ୟୁନିସିପାଲିଟି ଆଇନକୁ କଡ଼ାକଡ଼ି କରୁନି। ଯେଉଁମାନେ ଆଇନର ଗଳାବାଟ ଦେଇ ଖସିଯାଉଛନ୍ତି, ସେମାନେ ବର୍ଷତମାମ୍ ରାସ୍ତାରେ ଟ୍ରାଫିକ୍ ସେବାକୁ ବିପର୍ଯ୍ୟସ୍ତ କରୁଛନ୍ତି। ମଲ୍, ଲଜ୍ ଓ ହୋଟେଲ ଆଦି କମର୍ସିଆଲ ସଂସ୍ଥା ଉପରେ ଲଗାମ ଲଗାଯିବା ଦରକାର। ସେମାନେ ଭଲ ରୋଜଗାର କରୁଛନ୍ତି। ତେବେ କାହିଁକି ପାର୍କିଂ ବ୍ୟବସ୍ଥା ନ କରିବେ ବୋଲି ପ୍ରଶ୍ନ ଉଠୁଛି।

# ନୟାଗଡ଼ ଜିଲା ପରିକ୍ରମା କରୁଛି ସୁବର୍ଣ୍ଣ ଧନୁ



ଦଶପଲ୍ଲା/ ଓଡ଼ଗାଁ/ନୟାଗଡ଼, ୧୧।୧ (ପ୍ରକାଶ ପାଣି/ ଆଦର୍ଶ କୁମାର ପଟ୍ଟନାୟକ/ ଲୋକନାଥ ମିଶ୍ର )

ନୟାଗଡ଼ ଜିଲା ବାଣୀଗୋଛା, ଦଶପଲ୍ଲା, ନୂଆଗାଁ, ଓଡ଼ଗାଁ, ଶରଣକୁଳ ଓ ନୟାଗଡ଼ ଦେଇ ସୁବର୍ଣ୍ଣ ଧନୁ ପରିକ୍ରମା କଣ୍ଟିଲୋଠାରେ ରବିବାର ପହଞ୍ଚିଛି। ଦଶପଲ୍ଲାର ତ୍ରିନାଥ ବଜାର ଓ ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡରେ ଧନୁକୁ ସ୍ୱାଗତ ଓ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ତଥା ଓଡ଼ିଶାର ଗୁପ୍ତ ଅଯୋଧ୍ୟା ଅଧୀଶ୍ୱର ରଘୁନାଥ ଜୀଉଙ୍କ ମନ୍ଦିର ଦକ୍ଷିଣ ଦ୍ୱାର ବେଢ଼ାରେ ସନ୍ଧ୍ୟାରେ ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣ ଧନୁ ପହଞ୍ଚିବା ପରେ କୀର୍ତ୍ତନ କରି ଲୋକମାନେ ପାଛୋଟି ନେଇଥିଲେ। ଜୟ ଶ୍ରୀରାମ ଧ୍ୱନିରେ ମନ୍ଦିର ପ୍ରାଙ୍ଗଣ ପ୍ରକମ୍ପିତ ହୋଇଥିଲା। ପରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ରାମଧନୁକୁ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଇଥିଲେ। ପଞ୍ଚ ଧାତୁରେ ନିର୍ମିତ ୨୮୬ କେଜି ଓଜନ ବିଶିଷ୍ଟ ସୁନାର ଧନୁ ରାଉରକେଲା ହନୁମାନ ବାଟିକାରୁ ବାହାରିଥିବା ବେଳେ ରବିବାର ଓଡ଼ଗାଁରେ ପହଞ୍ଚିଥିଲା। ସ୍ୱର୍ଣ୍ଣ ଧନୁ ଭାରତ ଭ୍ରମଣ କରି ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି।

# ବୃଦ୍ଧା ମା'ଙ୍କୁ ମାରିବା ଘଟଣା, ପୁଅ କୋର୍ଟ ଚାଲାଣ

ଗଣିଆ, ୧୧।୧(ସନ୍ତୋଷ କୁମାର ପ୍ରଧାନ)



ନୟାଗଡ଼ ଜିଲା ଗଣିଆ ଥାନା ଅର୍ନ୍ତଗତ କରଡାପଡା ପଞ୍ଚାୟତ କଳାଶିମିଳି ଗ୍ରାମରେ ଶନିବାର ବୃଦ୍ଧା ମା'ଙ୍କୁ ମାରିଥିବା ପୁଅଙ୍କୁ ରବିବାର ଗଣିଆ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ବାରିକି।

ସୂଚନା ଅନୁଯାୟୀ, କଳାଶିମିଳି ଗ୍ରାମର ରବୀନ୍ଦ୍ର ବାରିକିଙ୍କ ସ୍ତ୍ରୀ ସୁକାନ୍ତି ଦେଇ(୫୨)ଙ୍କୁ ପୁଅ କୁନା ବାଡ଼େଇ ମାରି ଦେଇଥିବା ଥାନାରେ ରବୀନ୍ଦ୍ର ଅଭିଯୋଗ କରିଥିଲେ। ବାପା ଖଣ୍ଡପଡ଼ାକୁ କାମ କରିବା ପାଇଁ ଯାଇଥିବା ବେଳେ ପୁଅ ବିଭିନ୍ନ ସମୟରେ ମା'ଙ୍କୁ ମାରଧର କରୁଥିଲେ। ଏପରିକି ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ତରଫରୁ ସମାଧାନ ମଧ୍ୟ କରୁଥିଲେ। କିନ୍ତୁ ପୁଅ ସବୁବେଳେ ମା' ସହିତ ପାଟିତୁଣ୍ଡ କରୁଥିଲେ। ଶୁକ୍ରବାର ମା'ଙ୍କୁ ବାଡେଇଥିବା ଗ୍ରାମବାସୀ କହିଛନ୍ତି। ଏପରିକି ସନ୍ଧ୍ୟାବେଳେ ମା'ଙ୍କୁ ଘରକୁ ଠେଲି ନେଇ ଭିତର ପଟୁ କବାଟ ବନ୍ଦକରି ଦେଇଥିଲେ। ସକାଳୁ କବାଟ ନ ଖୋଲିବାରୁ ଗ୍ରାମବାସୀ ସନ୍ଦେହ କରି ଗଣିଆ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସ୍‌ଆଇ ସାହା ଆଲାମ ଖାଁ ଓ ପୋଲିସ କର୍ମଚାରୀ ପହଞ୍ଚି କବାଟ ଖୋଲି ମୃତଦେହ ଜବତ କରିବା ସହିତ ତଦନ୍ତ କରିଥିଲେ । ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଗଣିଆ ଥାନାରେ ନଂ.୩/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଫତେଗଡ଼ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ

ଭାପୁର,୧୧।୧(ପ୍ରଭାତ ବରାଡ)



ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ନୟାଗଡ଼ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହେବା ପରେ ନୂତନ ଅଧିକାରୀ ଭାବେ ଅଜୟ କୁମାର ସାହୁ ରବିବାର ଫତେଗଡ଼ ଥାନାରେ ଯୋଗଦେଇଛନ୍ତି। ସାହୁ ପ୍ରଥମେ ଫତେଗଡ଼ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷାକରି ଯୁବବର୍ଗ ନିଶାଠୁ ଦୂରେଇ ରହିବା ପାଇଁ ପ୍ରୟାସ କରିବା ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ଚୋରି ଏବଂ ଡକାୟତି ଭଳି ଅପରାଧୀଙ୍କ ଉପରେ କଡ଼ା ନଜର ରଖି ସମସ୍ୟାର ସୁଧାର ଆଣିବା ଉପରେ ପ୍ରାଥମିକତା ଦେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ୨୮ କେଜି ଗଞ୍ଜେଇ ଜବତ

**ଉତ୍ତରପ୍ରଦେଶର ୫ ବ୍ୟବସାୟୀ ଗିରଫ**

ନୟାଗଡ,୧୧।୧(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ରବିବାର ଇଟାମାଟି ବସ୍‌ଷ୍ଟାଣ୍ଡରୁ ୨୮କେଜି ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନଙ୍କ ଘର ଉତ୍ତରପ୍ରଦେଶ ହୋଇଥିବାବେଳେ ମହାରାଷ୍ଟ୍ରରେ ରହୁଥିଲେ । ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ନେଉଥିଲେ । ଇଟାମାଟି ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ପୋଲିସ ସନ୍ଦେହ କରି ପଚରାଉଚୁରା କରିବା ପରେ ଗଞ୍ଜେଇ ରଖିଥିବା ଜଣାପଡିଥିଲା । ଜବତ ଗଞ୍ଜେଇ କାରବାର ସମ୍ପର୍କରେ ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଂଶୀ



@ ନିତ୍ୟାନନ୍ଦ



@ ପୀତାମ୍ବର



@ ପ୍ରଭାତ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**Classified Everyday**
0674-2580101, 9692975378




REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




All types of physiotherapy and massage. Contact: 9556924059/ 7656969134. D-3075

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ- ଡ. ବିପ୍ର ଚରଣ ନାଥ,
ଦିଅର- ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ,
ବନ୍ଧୁ ଓ ପରିବାରବର୍ଗ। D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ- ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। D-231

ଏକାଦଶାହ ଉପଲକ୍ଷେ



ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ
ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା D-3085

# ସୁଭଦ୍ରା ଶକ୍ତିମେଳାରେ ୧୫୦ ଷ୍ଟଲ

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ସୁଭଦ୍ରା ଶକ୍ତିମେଳା ନୟାଗଡ଼ ଷ୍ଟାଡିୟମରେ ଚଳିତ ମାସ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ କରାଯାଉଛି। ଏହି ଅବସରରେ ରବିବାର ଅପରାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନି ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା ରଥ ଯୋଗଦେଇ ସୁଭଦ୍ରା ଶକ୍ତି ମେଳାରେ ୧୫୦ ଷ୍ଟଲ ରହିଛି। ଏଥିରୁ ୧୨୦ ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଉତ୍ପାଦନ ସାମଗ୍ରୀ ଓ ଅନ୍ୟ ୩୦ ଷ୍ଟଲରେ ଖାଦ୍ୟ ସମେତ ଅନ୍ୟ ଉପକରଣ ରଖାଯିବ। ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଚାଲୁ ରହିବ। ପୁଣି ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ରହିଛି। ଫୁଡ ସେଫ୍ଟି ଅଫିସର ଖାଦ୍ୟର ମାନ ଯାଞ୍ଚ କରିବେ। ସୁଭଦ୍ରା ଶକ୍ତିମେଳାରେ ଅଂଶଗ୍ରହଣ କରି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ପରିବର୍ତ୍ତିତ ପସନ୍ଦ ବୁଝିବା, ପଣ୍ୟର ଗୁଣମାନ, ପ୍ୟାକେଜିଂ, ଜାଣି ପାରିବା, ସିଧାସଳଖ ଗ୍ରାହକଙ୍କ ସହ ସମ୍ପର୍କ ସ୍ଥାପନ, ବଜାର ଓ ପ୍ରଦର୍ଶନ ସମ୍ପର୍କରେ ଜାଣି ପାରିବେ। ସୁଭଦ୍ରା ଶକ୍ତିମେଳା କରାଯିବାର କାରଣ ନେଇ କହିଥିଲେ, ମା' ଓ ଭଉଣୀ ଯେଉଁ ଉଦ୍ୟୋଗୀ ହୋଇଛନ୍ତି ସେମାନଙ୍କର ସୁବିଧା ପାଇଁ କରାଯାଉଛି। ଲକ୍ଷପତି ଦିଦି ବଢ଼ାଇବା, ଉଦ୍ୟୋଗୀ ସୃଷ୍ଟି କରିବା ଓ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ଅନୁରୂପ ଲକ୍ଷ୍ୟ ରହିଛି। ଭିନ୍ନକ୍ଷମମାନେ ଯେପରି ମେଳାକୁ ଆସି ପାରିବେ ତାର ବି ବ୍ୟବସ୍ଥା କରାଯାଇଛି। ପୁଣି ଥିମ ପାବଲିୟାନ, ସେଲଫି ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଉପସ୍ଥିତ ଥିଲେ।

# ଚନ୍ଦ୍ରକୁ ଧକ୍କା ଦେବ ଗ୍ରହାଣୁ



ନିକୁଞ୍ଜ ବିହାରୀ ସାହୁ

''ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ୍.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବା''



ଅନ୍ତରୀକ୍ଷରେ ଅନେକ ଗ୍ରହାଣୁ ଘୁରି ବୁଲୁଛନ୍ତି। ସେଭଳି କେତେକ ଗ୍ରହାଣୁ ଅତୀତରେ ପୃଥିବୀରେ ଜୀବନ ସଞ୍ଚାର କରିଥିଲାବେଳେ ଅନ୍ୟ କିଛି ଗ୍ରହାଣୁ ଆମ ପାଇଁ ବିପଦର କାରଣ ହୋଇଥାନ୍ତି। ଏକ ଚାଞ୍ଚଲ୍ୟକର ଖବର ଅନୁଯାୟୀ, ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବ। ଏହି ବିରଳ ଦୃଶ୍ୟ ଉତ୍ତର ଆମେରିକା, ହଂକଂ ଓ ହାୱାଇ ଭଳି କିଛି ସ୍ଥାନରେ ଦୃଶ୍ୟ ହେବ। ଏହା ଚନ୍ଦ୍ର ଇତିହାସର ବିଗତ ୫୦୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମହାକାଶୀୟ ଆଘାତ ଜନିତ ଘଟଣା ହେବ। ଏହି ସଂଘାତରେ ଚନ୍ଦ୍ର ପୃଷ୍ଠରୁ ଅନେକ ଶିଳାଖଣ୍ଡ ନିର୍ଗତ ହୋଇ ଉଲ୍‌କାପିଣ୍ଡ ରୂପରେ ମହାକାଶକୁ ନିକ୍ଷିପ୍ତ ହେବ। ଏହି ଉଲକା ପିଣ୍ଡସବୁ ପୃଥିବୀ ଚାରିପଟେ ପ୍ରଦକ୍ଷିଣରତ କୃତ୍ରିମ ଉପଗ୍ରହଗୁଡ଼ିକ ପ୍ରତି ଘୋର ବିପଦ ବହନ କରିବେ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ଏହି ଗ୍ରହାଣୁର ମଧ୍ୟ ପୃଥିବୀ ସହିତ ସଂଘର୍ଷ ହେବାର ଆଶଙ୍କା ରହିଛି ; ଅବଶ୍ୟ ଏହି ସମ୍ଭାବନା ବହୁତ କ୍ଷୀଣ। ସେଥିପାଇଁ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏହି ଗ୍ରହାଣୁର ଆଗମନ ବୈଜ୍ଞାନିକମାନଙ୍କ ମହଲରେ ଘୋର ଉଦବେଗ ସଞ୍ଚାର କରିଛି। ଆମ ପୃଥିବୀକୁ ମଧ୍ୟ ଅତୀତରେ ଅନେକ ଉଲକା ଓ ଗ୍ରହାଣୁ ପିଣ୍ଡ ଆଘାତ କରିଛନ୍ତି ; ମାତ୍ର ପୃଥିବୀର ବାୟୁମଣ୍ଡଳ ଥିବାରୁ ସେଥିରେ ଘଷି ହୋଇ ଖସୁଥିବା ପିଣ୍ଡଗୁଡ଼ିକ ଜଳି ଯାଆନ୍ତି ଏବଂ କେବଳ ପାଉଁଶ ରୂପରେ ପୃଥିବୀ ପୃଷ୍ଠରେ ପଡ଼ିଥାନ୍ତି। ମାତ୍ର ଚନ୍ଦ୍ରର କୌଣସି ବାୟୁମଣ୍ଡଳ ନ ଥିବାରୁ ଛୋଟଛୋଟ ପିଣ୍ଡଗୁଡ଼ିକ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପାରନ୍ତି ଏବଂ ସେଠାରେ ପିଟିହୋଇ ଯଥେଷ୍ଟ କ୍ଷତି ସାଧନ କରିପାରନ୍ତି।

ଏହି ଗ୍ରହାଣୁକୁ ୨୦୦୪ ମସିହା ଡିସେମ୍ବର ୨୭ ତାରିଖରେ ଚିଲିର ଏକ ପର୍ଯ୍ୟବେକ୍ଷଣାଗାରରେ ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଆବିଷ୍କାର କରାଯାଇଥିଲା। ଏହି ଗ୍ରହାଣୁଟି ବର୍ତ୍ତମାନ ସୂର୍ଯ୍ୟ ପଛପଟରେ ଅଛି ଓ ସୂର୍ଯ୍ୟର ଉଜ୍ଜ୍ୱଳ ଆଲୋକରେ ଏହାକୁ ଦେଖି ହେଉ ନାହିଁ। ଏଭଳି ଏକ ସ୍ଥାନରେ ଭୂପୃଷ୍ଠସ୍ଥ ଦୂରବୀକ୍ଷଣ ଯନ୍ତ୍ର ପକ୍ଷରେ ଗ୍ରହାଣୁକୁ ଦେଖିବା ସମ୍ଭବପର ନୁହେଁ ଏବଂ ସେଥିପାଇଁ ମହାକାଶର ଏଭଳି ଅଭାବନୀୟ ସ୍ଥାନକୁ 'ଅନ୍ଧବ୍ଧ ଇଲାକା' ବୋଲି କୁହାଯାଏ। ସୁତରାଂ ଗ୍ରହାଣୁଟିର ଏଭଳି ଅଜ୍ଞାତବାସ ପାଇଁ ଏହା ଏବେ ବୈଜ୍ଞାନିକମାନଙ୍କ ପାଇଁ ରହସ୍ୟାବୃତ ହୋଇ ରହିଛି ଏବଂ ବୈଜ୍ଞାନିକମାନେ ଏହାର ବସ୍ତୁତ୍ୱ, ଆକାର ଓ କକ୍ଷପଥ ସମ୍ପର୍କରେ ଅନଭିଜ୍ଞ ଅଟନ୍ତି। ଏହା ଆଗାମୀ ଫେବୃଆରୀରେ ସୂର୍ଯ୍ୟର ପଶ୍ଚାତଭାଗରୁ ବାହାରିଲା ପରେ ଅନ୍ତରୀକ୍ଷରେ ଅବସ୍ଥାପିତ ଜେମ ୱେବ ଦୂରବୀକ୍ଷଣ ଯନ୍ତ୍ରରେ ଅତି ସ୍ୱଳ୍ପ ସମୟ ପାଇଁ ଦୃଶ୍ୟହେବ। ଏହାକୁ ପୁଣି ଆଉଥରେ ଆଗାମୀ ୨୦୨୮ ମସିହାରେ ଦେଖିହେବ, ମାତ୍ର ସେତେବେଳେ ଏହା ଚନ୍ଦ୍ରର ଅତି ନିକଟବର୍ତ୍ତୀ ହୋଇଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ବେଶି କିଛି ପଦକ୍ଷେପ ଗ୍ରହଣ କରିହେବ ନାହିଁ। ଏହାହିଁ ହେଉଛି ଏହି ଗ୍ରହାଣୁ ସମ୍ପର୍କୀୟ ସବୁଠାରୁ ବଡ ବିପଦ!

ତେବେ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏଭଳି ଏକ ବିପଦସଙ୍କୁଳ ପିଣ୍ଡର ଆବିର୍ଭାବ ଯେ ଚନ୍ଦ୍ର ଓ ପୃଥିବୀ ପାଇଁ ଘୋର ବିପଦ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ। ସେଥିପାଇଁ ବୈଜ୍ଞାନିକମାନେ ଏବେଠୁ ଗ୍ରହାଣୁଟିକୁ ଠାବକରି ବଡ଼ କିଛି ବିପଦ ଘଟେଇବା ପୂର୍ବରୁ ମହାକାଶରେ ନଷ୍ଟ କରିଦେବା ପାଇଁ ଯୋଜନା କରୁଛନ୍ତି। ଏଥିପାଇଁ ଗୋଟିଏ ଉପାୟ ହେଉଛି: ୨୦୨୯ ରୁ ୨୦୩୧ ମସିହା ମଧ୍ୟରେ ଅନ୍ତରୀକ୍ଷକୁ ଏକ ପରମାଣୁ ଚାଳିତ ରକେଟ ପ୍ରେରଣ କରି ଗ୍ରହାଣୁକୁ ଆଘାତ ପୂର୍ବକ ଏହାର ପଥକୁ ବିକ୍ଷେପିତ କରି ସଂଘର୍ଷକୁ ସମ୍ପୂର୍ଣ୍ଣ ଏଡାଇ ଦେଇହେବ କିମ୍ବା ଏହାକୁ ଖଣ୍ଡ ବିଖଣ୍ଡିତ କରି ଚନ୍ଦ୍ର ସହିତ ସଂଘାତର ତୀବ୍ରତାକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଅତୀତରେ ଚେଲ୍ୟାବିନ୍ସ୍କ ନାମକ ଏକ ଉଲ୍‌କାପିଣ୍ଡ ଅତର୍କିତ ଭାବେ ଆମ ବାୟୁମଣ୍ଡଳରେ ପ୍ରବେଶ କରି ଧନଜୀବନର ବ୍ୟାପକ କ୍ଷତି ସାଧନ କରିଥିଲା ଏବଂ ଏହି ଦାଗ ଏବେବି ଆମ ମନରୁ ଲିଭି ନାହିଁ। ଆମେ ଏହା ସମ୍ପର୍କରେ ନିମ୍ନରେ ଆଲୋଚନା କରିବା :

**ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ**

୨୦୧୩ ମସିହା ଫେବୃଆରୀ ୧୫ ତାରିଖରେ ରୁଷିଆର ୟୁରାଲ ଅଞ୍ଚଳରେ ଏକ ବଡ଼ ଉଲ୍‌କାପିଣ୍ଡ ଖସିଥିଲା। ଏହା ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ ନାମରେ ଜଣାଶୁଣା। ଏହାର ବ୍ୟାସ ଥିଲା ୬୦ ଫୁଟ ଏବଂ ଓଜନ ଥିଲା ୯୧୦୦ ଟନ୍। ଏହା ପୃଥିବୀର ବାୟୁମଣ୍ଡଳରେ ମାତ୍ର ୧୮ ଡିଗ୍ରୀ କୋଣରେ ଅଚାନକ ପ୍ରବେଶ କରି ଆକାଶରେ ୧୯.୨ କି.ମି. ଭଳି ଦୂରନ୍ତ ବେଗରେ ଛୁଟି ଯାଇଥିଲା। ବାୟୁମଣ୍ଡଳର ପ୍ରଚଣ୍ଡ ଘର୍ଷଣ ଓ ତଜ୍ଜନିତ ଉତ୍ପନ୍ନ ତାପରେ ଏହା ଜଳି ଉଠିଥିଲା ଏବଂ ଏଥିରୁ ନିର୍ଗତ ଆଲୁଅ ସୂର୍ଯ୍ୟଠାରୁ ମଧ୍ୟ ଅଧିକ ଉଜ୍ଜ୍ୱଳ ଥିଲା, ଯାହା ୧୦୦ କି.ମି. ଦୂର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ଏହା ଭୂପୃଷ୍ଠରୁ ପ୍ରାୟ ୩୦ କି.ମି. ଉଚ୍ଚତାରେ ବିସ୍ଫୋରିତ ହୋଇଥିଲା। ଏହା ଏକ ଉଜ୍ଜ୍ୱଳ ଆଲୋକମେଞ୍ଚା ରୂପରେ ଦୃଶ୍ୟ ହେବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଧୂଳି ଓ ଗ୍ୟାସ ନିର୍ଗତ କରିଥିଲା, ଯାହା ବାୟୁମଣ୍ଡଳର ୨୬ କି.ମି. ଆଭ୍ୟନ୍ତରକୁ ଭେଦ କରିଯାଇଥିଲା। ଏଥିରୁ ନିର୍ଗତ ଅଧିକାଂଶ ଶକ୍ତି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଇଥିଲା, ଯାହା ଶକ୍ତିଶାଳୀ ସକୱେଭ ତରଙ୍ଗ ଆକାରରେ ସଞ୍ଚାରିତ ହୋଇଥିଲା। ବାୟୁମଣ୍ଡଳରେ ପ୍ରବେଶ ପୂର୍ବରୁ ଉଲ୍‌କାପିଣ୍ଡର ଗତିଜ ଶକ୍ତି ୪୦୦ ରୁ ୫୦୦ ଟି.ଏନ.ଟି. ବିସ୍ଫୋରକ ପଦାର୍ଥର କ୍ଷମତା ସଙ୍ଗେ ସମାନ ଥିଲା, ଯାହା ୩୦ଟି ହୀରୋସୀମା ବୋମାର ଶକ୍ତି ସଙ୍ଗେ ସମକକ୍ଷ ଥିଲା। ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ଅତି ପାଖରେ ଥିବାରୁ ଏହାକୁ ସୂର୍ଯ୍ୟର ତେଜ ମଧ୍ୟରେ ଆରମ୍ଭରୁ ଠାବ କରି ହୋଇନଥିଲା ଏବଂ ଏହିଭଳି ଉଲ୍‌କାଟି ଅତ୍ୟନ୍ତ ଅତର୍କିତ ଭାବେ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଫଳରେ ଏହାକୁ ଆକାଶରେ ପ୍ରତିହତ କରିବା ପାଇଁ ବୈଜ୍ଞାନିକମାନଙ୍କ ପକ୍ଷରେ ଯଥେଷ୍ଟ ସମୟ ନଥିଲା। ଏହାର ପ୍ରଭାବରେ ଚତୁଃପାର୍ଶ୍ୱସ୍ଥ ଛଅଟି ସହରର ସମୁଦାୟ ୭୨୦୦ଟି କୋଠାଘର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୧୪୯୧ ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ।

କୌଣସି ଗ୍ରହାଣୁ କିମ୍ବା ଉଲ୍‌କା ପୃଥିବୀର ଜୀବନ ପ୍ରତି ଯଥେଷ୍ଟ ବିପଦ ବହନ କରିଥାଏ। ଆଜିଠୁ ପ୍ରାୟ ୬.୫ କୋଟି ବର୍ଷ ପୂର୍ବେ ଏକ ବିଶାଳ ଗ୍ରହାଣୁ ପୃଥିବୀ ସହିତ ସଂଘର୍ଷ ହେବା ଫଳରେ ଡାଇନୋସରମାନଙ୍କ ସମୂହ ମୃତ୍ୟୁ ଘଟିଥିଲା। ୨୦୦୪ YR ୪ ଗ୍ରହାଣୁଟି ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ ପରି ଏପର୍ଯ୍ୟନ୍ତ ଦୃଶ୍ୟ ହୋଇ ପାରି ନାହିଁ, ଯେହେତୁ ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ତେଜୋଦୀପ୍ତ ଅଞ୍ଚଳ ମଧ୍ୟରେ ରହିଛି। ସୁତରାଂ ବୈଜ୍ଞାନିକମାନେ ଏହାକୁ ଗଭୀର ଭାବେ ଅଧ୍ୟୟନ କରିପାରି ନାହାନ୍ତି। ସେଥିପାଇଁ ଏହାକୁ ଆକାଶରେ ପ୍ରତିହତ କରି ଚନ୍ଦ୍ର ତଥା ପୃଥିବୀକୁ ସୁରକ୍ଷିତ ରଖିବା ବୈଜ୍ଞାନିକମାନଙ୍କ ପାଇଁ ଏକ ଆହ୍ୱାନ ପାଲଟି ଯାଇଛି।

–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର–୧୩
ମୋ : ୮୯୧୭୬୩୭୯୭୪

## ସ୍ମରଣ ଶକ୍ତି ବୃଦ୍ଧିର ନୂଆ ଉପାୟ



ସ୍ମରଣ ଶକ୍ତି ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ଏହା ତାହାର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇପାରିବ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ସ୍ମରଣ ଶକ୍ତି ଏବଂ ମନ ପସନ୍ଦର ଗୀତ ଶୁଣିବା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସେମାନଙ୍କର ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ତା' ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହେଉଥିବାର ଜଣାପଡିଥିଲା ବୋଲି ହୋଇଥିବା ଏକ ପରୀକ୍ଷଣରୁ ଜଣାପଡିଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ସହ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ସେମାନେ ମଧ୍ୟ ସନ୍ତୁଳିତ ରଖିଥିଲେ। ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କର ଚିନ୍ତାଧାରା ସକାରାତ୍ମକ ରହିବା ସହ ସ୍ମରଣ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଇଥାଏ।

## ବୟସ୍କ ବ୍ୟକ୍ତି ଏକୁଟିଆ ରହୁଥିଲେ...



ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ଚାହିଁଥାନ୍ତି। ହେଲେ କେତେ ଜଣ ବୟସ୍କ ବ୍ୟକ୍ତି ସେମାନଙ୍କ ପରିବାରଠାରୁ ଅଲଗା ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ସେତିକି ନୁହେଁ, ସେମାନଙ୍କର ଜୀବନଶୈଳୀ ମଧ୍ୟ ପ୍ରଭାବିତ ହେଉଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ବିଷୟ ଉପରେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବୟସ୍କ ବ୍ୟକ୍ତିମାନେ ଏକୁଟିଆ ରହିବା ଦ୍ୱାରା ତାହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଜୀବନଶୈଳୀ ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ତା'ସହ ସେମାନଙ୍କର ମାନସିକତା ଅଧିକାଂଶ ସମୟ ପ୍ରାୟ ନକାରାତ୍ମକ ରହୁଥିବାର ଦେଖିବାକୁ ମିଳିଥିଲା। ଏଥିରୁ ମୁକୁଳିବାକୁ ସେମାନେ ମନ ପସନ୍ଦର ବହି ପଢ଼ିବା, ସାଙ୍ଗମାନଙ୍କର ସହ ଖୁସିର ମାହୋଲ ଭିତରେ ସମୟ କଟାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଏଭଳି ସମସ୍ୟା ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ତେଣୁ ନିଜକୁ ଡାଇବେଟିସ୍ ଆଶଙ୍କାଠାରୁ ଦୂରେଇ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟପକ୍ଷରେ ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ, ତେବେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନିଅନ୍ତୁ।

## ନୀରୋଗ ରହିବାର ସହଜ ଉପାୟ



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଠିକ୍ ଭାବରେ ଯତ୍ନ ନେବାକୁ କେତେକାଂଶରେ ଭୁଲିଯାଉଛେ। ଏହାଦ୍ୱାରା ଆମେ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରୁଛେ। ତେଣୁ ନିଜକୁ ନୀରୋଗ ରଖିବାକୁ କେତୋଟି ସରଳ ଉପାୟ ରହିଛି। ପ୍ରଥମେ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ତା'ସହ ନିଜ ସାମର୍ଥ୍ୟ ଅନୁସାରେ କିଛି ବ୍ୟାୟାମ କରନ୍ତୁ। ଏହାବ୍ୟତୀତ ଯୋଗ, ପ୍ରାଣାୟାମକୁ ଏହି ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। ବିଶେଷଭାବରେ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇଥିବା ଯୋଗୁଁ ସେମାନଙ୍କର ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଶାନ୍ତ ମନରେ ରାତିରେ ୭–୮ଘଣ୍ଟା ଶୁଅନ୍ତୁ।

## ଜାଣିରଖନ୍ତୁ

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ କେତେକ ବିଷୟରେ ସଂପୃକ୍ତ ବ୍ୟକ୍ତି ଜାଣିବା ନିହାତି ଦରକାର। ପ୍ରଥମେ ଏ ବିଷୟରେ ନିକଟସ୍ଥ ଡାକ୍ତରଖାନା କିମ୍ବା ରକ୍ତଭଣ୍ଡାର ସହ ଯୋଗାଯୋଗ କରନ୍ତୁ। ସେଠାକୁ ଯାଇ ରକ୍ତଦାନ ବିଷୟରେ ଥିବା ମନର ସମସ୍ତ ସନ୍ଦେହ ଦୂର କରନ୍ତୁ। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାଗୁଡ଼ିକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➢ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ, ଟଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

➢ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➢କୌଣସି କାମ କରିବା ସମୟରେ ମନକୁ ଯେତେ ଟେନ୍‌ସନ୍ ଫ୍ରି ରଖିବେ ସେତେ ଭଲ। ଏହି ସମୟରେ ନକାରାତ୍ମକ ଭାବନା କେତେକ ରୋଗର ପରୋକ୍ଷରେ କାରଣ ସାଜିଥାଏ।



➢ଅଧିକ ଲୁଣ ଓ ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଅଧିକ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➢ନିଜ ଓଜନକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି ? ତେବେ ଏଥିପାଇଁ ନିୟମିତ ଗାଜର ଖାଇପାରନ୍ତି। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

➢ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➢ନିଜକୁ ସୁସ୍ଥ ରଖିବା ଲାଗି ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। ନିଜ ଶାରୀରିକ ସମସ୍ୟା ବିଷୟରେ ମଧ୍ୟ ସୂଚନା ଦିଅନ୍ତୁ।

## ପେଟମରା ବେମାରି

(ଶେଷ ଭାଗ)

**ଅନ୍ୟାନ୍ୟ ଉପଚାର:** ଖାଦ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ। ବେଶି ମସଲାମସଲି ପଡ଼ିଥିବା ଖାଦ୍ୟ, ଅମ୍ଳଜାତୀୟ ଖାଦ୍ୟ ଏବଂ କଫି ଖାଇବା ମନା। ନିଶାଦ୍ରବ୍ୟ ସେବନ କଲେ ପେଟମରା ବେମାରିର ଲକ୍ଷଣର ତୀବ୍ରତା ବୃଦ୍ଧି ପାଏ ଏବଂ ଘା' ଶୁଖିବାରେ ବ୍ୟାଘାତ ଘଟେ। ଶରୀରର ଓଜନ ଅଧିକ ଥିଲେ ତାହା ଲକ୍ଷଣର ତୀବ୍ରତାକୁ ବଢ଼େଇ ଦିଏ। ଜୋରରେ ଚାଲିବା, ଦୌଡ଼ିବା, ଜଗିଂ କରିବା, ସନ୍ତରଣ କରିବା ଏବଂ ସାଇକେଲ ଚଲାଇବା ଇତ୍ୟାଦି ବ୍ୟାୟାମ ଦ୍ୱାରା ପରିପାକ ତନ୍ତ୍ର ସୁସ୍ଥ ରହେ।

**କେଉଁ ଖାଦ୍ୟ ଖାଇ ପାରିବେ :** ତନ୍ତୁଯୁକ୍ତ ଖାଦ୍ୟ ଯେପରିକି ଶସ୍ୟଦାନା ବା ହୋଲ୍ ଗ୍ରେନ୍, ଓଟସ, ଉଷୁନା ଚାଉଳ ଭାତ, ଚୋକଡ ମିଶା ଅଟାର ରୁଟି, ମୁଢ଼ି, ଖଇ, ସୁଜି ଖିରି, ପାଣିଆ ଡାଲି, ଚାଉଳ ଖିରି ଆଦି ତନ୍ତୁଯୁକ୍ତ ଖାଦ୍ୟ ପେଟମରା ବେମାରି ରୋଗୀ ଖାଇପାରିବେ। ଏଭଳି ଖାଦ୍ୟ ପାକସ୍ଥଳୀର ଭିତର ପରସ୍ତକୁ ସୁରକ୍ଷିତ ରଖେ ଓ ଖାଦ୍ୟ ହଜମରେ ସାହାଯ୍ୟ କରେ। ଚର୍ବିବିହୀନ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇପାରନ୍ତି। ଏହି ଖାଦ୍ୟ ଭିତରେ ରହିଛି ଚର୍ମ ନ ଥିବା କୁକୁଡା ମାଂସ,ଚର୍ମ ଅଂଶ ନ ଥିବା ମାଛ ଏବଂ ଅଣ୍ଡା। ସୋୟାବିନ୍, ବିନ୍‌ସ, ମସୁର, ବରଗୁଡି, ମଟର ଭଳି ଛୁଇଁଜାତୀୟ ଉଦ୍ଭିଦଜାତ ଖାଦ୍ୟ। ଅଧିକ ପ୍ରୋଟିନ୍ ଘା' ଶୁଖାଇବାରେ ସାହାଯ୍ୟ କରିଥାଏ। ଆପଲ, ନାସପତି, କଦଳୀ, ତରଭୁଜ ଆଦି କମ୍ ଅମ୍ଳ ଥିବା ଖାଦ୍ୟ ଉପକାରୀ। ପନିପରିବା ମଧ୍ୟରେ ଆଳୁ, କନ୍ଦମୂଳ, ଗାଜର, ଦେଶୀ ଆଳୁ, ବ୍ରୋକଲି,ପାଳଙ୍ଗ ଉପାଦେୟ। କଷି ପରିବା ବେଶି ହିତକର। ବଜାରରେ ମିଳୁଥିବା ହର୍ବାଲ ଚା' ପାକସ୍ଥଳୀ ଉପରେ ଅନୁକୂଳ ପ୍ରଭାବ ପକାଇ ଯନ୍ତ୍ରଣା କମେଇ ଦିଏ। ଏଥିରେ କାଫିନ ନ ଥାଏ।

**କେଉଁ ଖାଦ୍ୟ ଖାଇବା ମନା:** କେତେକ ଖାଦ୍ୟ ପାକସ୍ଥଳୀ, ଗ୍ରହଣୀ ଇତ୍ୟାଦିର ଝିଲ୍ଲିକୁ ଉଦ୍ଦୀପିତ କରେ ଓ ଅମ୍ଳ କ୍ଷରଣ ବୃଦ୍ଧି କରେ। ତେଣୁ ସେଭଳି ଖାଦ୍ୟରୁ ବିରତ ରହିବା ଉଚିତ। ବେଶି ମସଲାଜାତୀୟ ଖାଦ୍ୟ, ରାଗ ଲଙ୍କା, ଦେଶୀ ପିଆଜ ଓ ରସୁଣ ବ୍ୟତୀତ ଭିନେଗାର ପଡ଼ିଥିବା ଖାଦ୍ୟ ପାକସ୍ଥଳୀର ଭିତର ପରଦାକୁ ଉତ୍ତେଜିତ କରି ଜ୍ୱାଳା ଜାତ କରୁଥିବାରୁ ଏହି ଧରଣର ଖାଦ୍ୟ ରୋଗୀ ନ ଖାଇବା ଉଚିତ। କମଳା ଲେମ୍ବୁ, ବାତାପି, ତେନ୍ତୁଳି ଇତ୍ୟାଦି ଅମ୍ଳୀୟ ଏବଂ ଏହା ଲକ୍ଷଣଗୁଡ଼ିକୁ ବୃଦ୍ଧି କରିପାରେ। ଆଚାର ଏବଂ ଚଟଣି ମଧ୍ୟ ମନା। ଟମାଟୋ ଏବଂ ଟମାଟୋ ସସ୍ ତଥା କେଚ୍ ଅପ୍ ଖୁବ୍ ଅମ୍ଳୀୟ। ତେଣୁ ରୋଗୀ ଏଭଳି ଖାଦ୍ୟଠାରୁ ଦୂରେଇ ରହିବା ନିରାପଦ। ମଦ, ସୋଡା ପାନୀୟ ଓ ମୃଦୁ ପାନୀୟ ଗ୍ୟାସ୍ ଜାତ କରେ। ତେଣୁ ରୋଗୀ ଏସବୁଠାରୁ ଦୂରେଇ ରହିବା ଉଚିତ। ଭଜାଭଜି ଖାଦ୍ୟରେ ବେଶି ତେଲ ଥିଲେ ତାହା ହଜମ ପ୍ରକ୍ରିୟାକୁ ମନ୍ଥର କରିଦିଏ ଏବଂ ପେଟମରା ବେମାରି ଲକ୍ଷଣଗୁଡ଼ିକୁ ବଢ଼େଇ ଦିଏ। ସେଥିପାଇଁ ତେଲରେ ଛଣାଛଣି ଖାଦ୍ୟ ଏବଂ ପାମ୍ପଡ଼ ମନା।

ପେଟମରା ବେମାରୀଠାରୁ ନିଜକୁ ଦୂରେଇ ରଖିବା ଲାଗି ସିଝା ଖାଦ୍ୟ, ସେକା ଖାଦ୍ୟ, ନିଆଁରେ ପୋଡି ରନ୍ଧା ଯାଇଥିବା ଗ୍ରିଲିଂ ଖାଦ୍ୟ ପ୍ରସ୍ତୁତି ପାଇଁ ବେଶି ତେଲର ଆବଶ୍ୟକତା ପଡ଼ି ନ ଥାଏ। ଥରକେ ବେଶି ପରିମାଣରେ ଖାଦ୍ୟ ନ ଖାଇ ଅଳ୍ପ ଅଳ୍ପ ପରିମାଣରେ ବେଶି ଥର ଖାଇଲେ ପରିପାକ ତନ୍ତ୍ରର କାର୍ଯ୍ୟ ପାଇଁ ଅଧିକ ଚାପ ପଡି ନ ଥାଏ। ଖାଇ ସାରି କିଛି ସମୟ ସିଧା ହୋଇ ବସିବା କିମ୍ବା ଚଳପ୍ରଚଳ ହେବା ଉପକାରୀ।



ହଜମ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ନିମିତ୍ତ ଏବଂ ରକ୍ତରେ ଗ୍ଲୁକୋଜର ମାତ୍ରା ଅନୁମୋଦିତ ସ୍ତରରେ ରଖିବା ନିମିତ୍ତ ପ୍ରତିଦିନ ନିୟମିତ ସମୟରେ ଖାଦ୍ୟ ଖାଇବା ଉଚିତ। ଖାଇବା ସମୟରେ ନିୟମିତତା ରକ୍ଷା କଲେ ପରିପାକ ତନ୍ତ୍ର ସୁସ୍ଥ ରହେ। ରାତିରେ ଶୋଇବାକୁ ଯିବାର ଅନ୍ତତଃ ତିନି ଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ସାରିଦେବା ଆବଶ୍ୟକ। ଅସ୍ୱାଭାବିକ ମାନସିକ ଚାପ ଏସିଡ୍ ପେପ୍‌ଟିକ ଡିଜିଜର ଲକ୍ଷଣ ତୀବ୍ର କରି ଦେଉଥିବାରୁ ମନୋଯୋଗିତା, ଧ୍ୟାନ ଓ ଯୋଗକଲେ ମାନସିକ ଚାପ ହ୍ରାସ ପାଇଁ ଉପକାର ମିଳେ। ପୁନଶ୍ଚ ଦୀର୍ଘ କାଳ ଧରି ରୋଗ ଭୋଗି ଆସୁଥିଲେ ନିୟମିତଭାବରେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ବାଞ୍ଛନୀୟ।

ରୋଗର ନିର୍ଦ୍ଦିଷ୍ଟ ପ୍ରକାର, ଲକ୍ଷଣଗୁଡିକର ତୀବ୍ରତା ଏବଂ ରୋଗୀର ଅନ୍ୟାନ୍ୟ ଅବସ୍ଥା ଉପରେ ଭିତ୍ତିକରି ବ୍ୟକ୍ତି–ନିର୍ଦ୍ଦିଷ୍ଟ ଚିକିତ୍ସାବିଧି ନିର୍ଣ୍ଣୟ କରାଯାଇଥାଏ। କିନ୍ତୁ ବେଳହୁଁ ଚିକିତ୍ସା କଲେ ରୋଗର ଜଟିଳତା ନିବାରିତ ହୋଇ ବୃଦ୍ଧି ପାଏ ରୋଗୀର ଜୀବନର ଗୁଣାତ୍ମକ ମାନ। ତେବେ ଚିକିତ୍ସାର ସଫଳତା ମୁଖ୍ୟତଃ ନିର୍ଭର କରିଥାଏ ନିୟମିତ ଡାକ୍ତରୀ ପରାମର୍ଶ ଓ ରୋଗୀର ସହଯୋଗ ଉପରେ।

**–ଡା. ନିତ୍ୟାନନ୍ଦ ସ୍ୱାଇଁ,** 'ଅଭୀପ୍‌ସା', ସେକ୍ଟର–୬, ପ୍ଲଟ ନଂ–୧୧୩୧, ଅଭିନବ ବିଡ଼ାନାସୀ, କଟକ–୧୪
ମୋ: ୯୪୩୭୭୬୬୧୧୭

# ବିଜୟରେ କଳିଙ୍ଗ ଲାନ୍ସର୍ସର ହ୍ୟାଟ୍ରିକ



ରବିବାର କଳିଙ୍ଗ ଲାନ୍ସର୍ସ ଓ ଏଚ୍‌ଆଇଏଲ ଗଭର୍ନିଂ କାଉନ୍ସିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ହକି ଇଣ୍ଡିଆ ଲିଗ୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ରାଞ୍ଚି ରୟାଲ୍‌ସକୁ ୪-୨ ଓ ରର୍ ବେଙ୍ଗଲ ଟାଇଗର୍ସକୁ ୨-୧ରେ ହରାଇଥିବା ଲାନ୍ସର୍ସ ରବିବାର ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲକୁ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚର ୧୯ଶ ମିନିଟରେ ଅଜିତ

### ହକି ଇଣ୍ଡିଆ ଲିଗ୍

ଯାଦବ ଏକ ଫିଲ୍ଡ ଗୋଲଦେଇ ଗଭର୍ନିଂ କାଉନ୍ସିଲକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟ୍‌ରେ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦୁଇଟି ଯାକ ଗୋଲ ହୋଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ କଳିଙ୍ଗ ଲାନ୍ସର୍ସ ପକ୍ଷରୁ କୁପର ବୁର୍ନ୍ସ, ଆର୍ଥର ଭାନ ଡୋରେନ ଓ ଦିଲପ୍ରୀତ ସିଂ ଗୋଲ ଦେଇଥିବାବେଳେ ଆନ୍ଥୋନୀ କିନା ଓ ଅଙ୍ଗଦ ବୀର ସିଂ ମିସ୍ କରିଥିଲେ। ଅନ୍ୟପକ୍ଷରେ ଗଭର୍ନିଂ କାଉନ୍ସିଲ ପକ୍ଷରୁ ଏକମାତ୍ର ଗୁରଜୋତ ସିଂ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ସିମନ ୟୋରଷ୍ଟୋନ, ଲଳିତ କୁମାର ଉପାଧ୍ୟାୟ ଓ ଅଜିତ ଯାଦବ ମିସ୍ କରିଥିଲେ। ଜେଡ୍ ସ୍ନୋଡେନ ଲାନ୍ସର୍ସ ଦଳର ଗୋଲକିପର ଥିଲେ।

ଏହି ବିଜୟ ଫଳରେ କଳିଙ୍ଗ ଲାନ୍ସର୍ସ ୩ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶୁଟ୍‌ଆଉଟରେ ହାରିଥିବାରୁ ଗଭର୍ନିଂ କାଉନ୍ସିଲ ଗୋଟିଏ ପଏଣ୍ଟ ପାଇଛି। ଫଳରେ ୭ ପଏଣ୍ଟ ସହ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ୭ ପଏଣ୍ଟ ପାଇଥିବା ଅନ୍ୟତମ ଦଳ ତାମିଲନାଡୁ ଡ୍ରାଗନ୍ସ ଗୋଲ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନକୁ ଖସିଛି। ହାଇଦ୍ରାବାଦ ତୋଫାନ୍ସ ୩ ମ୍ୟାଚରୁ ୫ ପଏଣ୍ଟ ପାଇଛି।

## କୋହଲି, ରୋହିତଙ୍କୁ ସମ୍ବର୍ଦ୍ଧନା

**ଭଦୋଦରା,୧୧।୧:** ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବେଳେ ଭାରତୀୟ କ୍ରିକେଟ ପ୍ରତି ଅତୁଳନୀୟ ଅବଦାନ ଲାଗି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା ଉପସ୍ଥିତ ଥିଲେ।

## ବାଂଲାଦେଶୀ ଅମ୍ପାୟର

ଆଇପିଏଲ୍ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ବାଦ୍ ଦେବାକୁ ନେଇ ଭାରତ ଓ ବାଂଲାଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ଆସିଛି। ଏପରି କି ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ ରୋକ ଲଗାଇବା ସହ ଆସନ୍ତା ମାସରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଦଳ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବାଂଲାଦେଶୀ ଅମ୍ପାୟର ଶରଫୁଦ୍ଦୌଲା ସାଇକତ ଟିଭି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଢାକାରେ ଜନ୍ମିତ ଶରଫୁଦ୍ଦୌଲା ଏପର୍ଯ୍ୟନ୍ତ ୩୨ ଟେଷ୍ଟ, ୧୧୮ ଦିନିକିଆ, ୭୫ ଟି୨୦, ୧୭ ମହିଳା ଦିନିକିଆ ଓ ୨୮ ମହିଳା ଟି୨୦ ପରିଚାଳନା କରିଛନ୍ତି।

## ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ

ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଚୂଡ଼ାନ୍ତ ଏକାଦଶରେ ଭାରତୀୟ ବଂଶୋଦ୍ଭବ ସ୍ପିନର ଆଦିତ୍ୟ ଅଶୋକ ସ୍ଥାନ ପାଇଛନ୍ତି। ଭେଲୋରରେ ଜନ୍ମିତ ଅଶୋକଙ୍କୁ ୪ ବର୍ଷ ହୋଇଥିବା ବେଳେ ତାଙ୍କ ବାପା-ମା' ନ୍ୟୁଜିଲାଣ୍ଡର ରାଜଧାନୀ ଅକ୍‌ଲାଣ୍ଡକୁ ଚାଲିଯାଇଥିଲେ। ନ୍ୟୁଜିଲାଣ୍ଡର ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ତାଙ୍କୁ ୨୦୨୦ରେ ୧୯ ବର୍ଷରୁ ବର୍ଷ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା।

# ଶାଜଫାଙ୍କୁ ଦ୍ୱିମୁକୁଟ



ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏସ.କେ. ଶାଜଫା ୱାନିଆ ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗ ଫାଇନାଲରେ ସେ ସଂରଚନା ଦାସଙ୍କୁ ୬-୦, ୬-୦ ଏବଂ ମହିଳା ବର୍ଗର ଫାଇନାଲରେ ପ୍ରିଶା ଦାସଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ବର୍ଗରେ ସୂର୍ଯ୍ୟ ପ୍ରତାପ ନାୟକ, ପୁରୁଷ ସିଙ୍ଗଲ୍ସରେ

### ଉତ୍କଳ ଓପନ ଟେନିସ ଉଦ୍‌ଯାପିତ

ଆଦିତ୍ୟ ଶତପଥୀ, ପୁରୁଷ ସିଙ୍ଗଲ୍ସରେ ଅଭିଜ୍ଞ ଅଂଶୁ ଭୂୟାଁ ଓ ଚିନ୍ମୟ କୁମାର ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ସେହିପରି ସିନିୟର ପୁରୁଷ ୪୦+ ଡବଲ୍ସରେ ମନୋଜ ଦାସ-ପ୍ରଦ୍ୟୁମ୍ନ ମଲ୍ଲ, ଭେଟେରାନ ୫୦+ ଡବଲ୍ସରେ ବିବେକ ତିବରୱାଲ-ଶାଶ୍ୱତ ଜେନା ଏବଂ ୬୦+ ଡବଲ୍ସରେ ଏସ.ଏସ. ରଥ-ସଞ୍ଜୟ ସାହୁ ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଶ୍ୟାମ ସୁନ୍ଦର ହାଁସଦା ଓ ରଜନୀ କାନ୍ତ ନାୟକଙ୍କୁ ଲାଇଫ୍‌ଟାଇମ୍ ଅଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟ ପ୍ରତାପ ନାୟକ ବେଷ୍ଟ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ ପୁରସ୍କାର ପାଇଥିବାବେଳେ ଉତ୍ତମ ପୋଷାକ ପରିଧାନଲାଗି ଆହାନ ମିଶ୍ର ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଶାଜଫା ୱାନିଆ ପୁରସ୍କୃତ ହୋଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଡିଜିପି ସଞ୍ଜୀବ ମାରିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସିଇ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା ଓ ଆୟୋଜକ କମିଟି ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କିସ୍ ବାଳିକା ଦଳ ଚାମ୍ପିୟନ




ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ କିସ୍ ବାଳିକା ଦଳ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ରବିବାର ଶେଷ ହୋଇଥିବା ଏସିଆ ସ୍କୁଲ ରଗବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କିସ୍ ବାଳିକା ଦଳ ଚାମ୍ପିୟନ ହୋଇଛି। ଥାଇ ରଗବୀ ୟୁନିଅନ୍ ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଥାଇଲାଣ୍ଡ, ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେଇ ଭଳି ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ

### ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ

ଅଂଶଗ୍ରହଣ କରିଥିଲେ। ବିଶେଷକରି ମାଲେସିଆ, ଥାଇଲାଣ୍ଡ, ଲାଓସ ଭଳି ଶକ୍ତିଶାଳୀ ଦଳକୁ ହରାଇ ଚାମ୍ପିୟନ ହୋଇଥିବାରୁ କିସ୍ ଦଳ ଭାରତକୁ ଗର୍ବିତ କରିଛି। ୧୪ ଜଣିଆ କିସ୍ ବାଳିକା ଦଳର ଅଧିନାୟିକା ଥିଲେ ମାମାଲି ସିଂ। ପ୍ରଶିକ୍ଷକ ଜାପାନର ହିରାନୋ ମିକିନୋରି ଓ ମ୍ୟାନେଜର ଭାବେ ନିର୍ମାଲ୍ୟ ରାଉତ ଦଳ ସହ ସାମିଲ୍ ଥିଲେ। ଗତ ୭ ତାରିଖରେ କିସ୍ ଦଳ ଥାଇଲାଣ୍ଡ ଯାତ୍ରା କରିଥିଲା। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିଅନ୍, ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରଗବୀ ଫୁଟବଲ୍ ଆସୋସିଏଶନ ସଦସ୍ୟମାନେ ମଧ୍ୟ କିସ୍ ବାଳିକା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ପନ୍ତଙ୍କ ସ୍ଥାନରେ ଭାରତୀୟ ଦଳରେ ଧ୍ରୁବ ଜୁରେଲ

**ଭଦୋଦରା, ୧୧।୧ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ରବିବାର ଭାରତୀୟ ଦଳରେ ଆଘାତପ୍ରାପ୍ତ ରିଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନିଆଯାଇଛି। ଚଳିତ ବିଜୟ ହଜାରେ ଟ୍ରଫିରେ ଚମତ୍କାର ଫର୍ମରେ ଥିବା ଜୁରେଲ ରବିବାର ସିରିଜ ଆରମ୍ଭ ପୂର୍ବରୁ ଦଳରେ ଯୋଗଦେଇଛନ୍ତି। ସେ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ପନ୍ତ ଶନିବାର ନେଟ୍ସବେଳେ ଅଭ୍ୟାସ କରୁଥିବା ବେଳେ ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ଶନିବାର ଅପରାହ୍ନରେ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଅଭ୍ୟାସ ସେସନ ବେଳେ ନେଟ୍ସରେ ଅଭ୍ୟାସ କରୁଥିବା ସମୟରେ ସେ ତାଙ୍କ ଡାହାଣ ପାର୍ଶ୍ୱ ତଳିପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ତୁରନ୍ତ ଏମ୍‌ଆର୍‌ଆଇ ସ୍କାନ ହୋଇଥିଲା। ବିସିସିଆଇ ମେଡିକାଲ ଟିମ୍ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ଜାଣିବାକୁ ପାଇଥିଲେ ଯେ, ପନ୍ତ ପାର୍ଶ୍ୱ ଯନ୍ତ୍ରଣା (ଓବ୍ଲିକ ମସଲ୍ସ ଟିଅର)ରେ ପୀଡ଼ିତ। ପରବର୍ତ୍ତୀ ସମୟରେ ତାଙ୍କୁ ସିରିଜରୁ ବାଦ୍ ଦିଆଯାଇଥିଲା। ପୁରୁଷ ସିଲେକ୍ସନ କମିଟି ପନ୍ତଙ୍କ ବଦଳ ଖେଳାଳି ଭାବେ ଧ୍ରୁବ ଜୁରେଲଙ୍କୁ ଭାରତୀୟ ଦଳରେ ସାମିଲ କରିଥିଲେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୧ (ବିଜୟ ରଣା)**

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଭାରୋତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ୫୮କେଜି ଶ୍ରେଣୀରେ (୭୦+୯୮) ୧୬୮ କେଜି ଉତ୍ତୋଳନ କରି ଅଙ୍କିତା ପ୍ରଧାନ ଯୁବ ବର୍ଗରେ ସ୍ୱର୍ଣ୍ଣ ଓ କନିଷ୍ଠ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରି ୨୫ ହଜାର ଟଙ୍କା ପୁରସ୍କାର ପାଇଥିବା ବେଳେ ୬୩ କେଜି ଶ୍ରେଣୀରେ ୭୫+ ୯୯) ମୋଟ ୧୭୪କେଜି ଓଜନଠାଇ ଶ୍ୱେତାଲିନା ମହାନ୍ତି ଯୁବ ଓ କନିଷ୍ଠ ବିଭାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ପୁରସ୍କାର ବାବଦରେ ୩୦,୦୦୦ ଟଙ୍କା ପକେଟସ୍ଥ କରିଛନ୍ତି। ୬୯ କେଜି ବର୍ଗରେ



ଅଙ୍କିତା ପ୍ରଧାନ



ଶ୍ୱେତାଲିନା ମହାନ୍ତି

ରିମ୍‌ଝିମ୍ ନାୟକ ୧୬୦କେଜି (୬୫+୯୫) ଉତ୍ତୋଳନ କରି ୨୨,୦୦୦ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ସେହିପରି ୭୭କେଜି ବର୍ଗରେ ପ୍ରତିଭାରାଣୀ ପାତ୍ର ୧୫୨ କେଜି (୬୫+୮୭) ଉତ୍ତୋଳନ କରି ଯୁବ ବର୍ଗରେ ବ୍ରୋଞ୍ଜ ପଦକ ସହ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ସଂଘ ତରଫରୁ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାଜ୍ୟ ପାରା ଆଥ୍‌ଲେଟିକ୍ସ ୨୪ରୁ

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଚଳିତମାସ ୨୪ରୁ ୨୬ ପର୍ଯ୍ୟନ୍ତ ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପ୍ରତିଯୋଗିତାକୁ ଆୟୋଜନ କରିବ। ଏଥିରେ ଭଲ ପ୍ରଦର୍ଶନ କରିବା ଖେଳାଳି ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମନୋନୀତ ହେବେ। ରାଜ୍ୟ ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିକ ଭିନ୍ନକ୍ଷମ, ମାନସିକ ଅନଗ୍ରସରତା)ଙ୍କୁ ବିଭିନ୍ନ ବିଭାଗରେ ଖେଳିବା ପାଇଁ ସୁଯୋଗ ମିଳିବ।

# ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ଚାମ୍ପିୟନ

**ଭଦ୍ରକ,୧୧।୧(ସନାତନ ରାଉତ)**

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ୯୭ ରନ୍‌ରେ ହରାଇ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ଚାମ୍ପିୟନ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୩୩ ରନ୍ କରିଥିଲା। ଦଳ ପକ୍ଷରୁ ବିଭାସ ଶ ୩୯ ବଲ୍‌ରେ ୮୦ ରନ୍ ଏବଂ ସତ୍ୟକାମ ଭରଦ୍ୱାଜ ୧୫ ବଲ୍‌ରେ ୪୭ ରନ୍ କରିଥିଲେ। ୨୩୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଇଜିଂ ଷ୍ଟୁଡେଣ୍ଟ ୧୮.୨ ଓଭରରେ ୧୩୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଇଷ୍ଟକୋଷ୍ଟ

### ମହାବୀର କପ୍ କ୍ରିକେଟ




ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ରେଲ୍‌ୱେ ପକ୍ଷରୁ ମହମ୍ମଦ ଅର୍ବାଜ୍ ମନ୍‌ସୁନ୍ ୪ ଓ ସାହିଲ ଖାନ୍ ଗୋଟିଏ ଉଇକେଟ ନେଇଥିଲେ। ବିଭାସ ଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବୁଲୁ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ, ବରେଣ୍ୟ ଅତିଥି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ ତୋଷାଳୀ ସୁଜୁକୀର ଓନର ଗୌରାଙ୍ଗ ଚନ୍ଦ୍ର ସାମଲ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ ଏବଂ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ରେଫରୀ ଓ କରନ୍ ଖାନ୍ ସ୍କୋରର ଥିଲେ। ଶେଷରେ କମିଟି ପକ୍ଷରୁ ଶ୍ରୀଧର ମିଶ୍ର ଓ ମୃଣ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ